


ଚାମ୍ପିଅନ୍ସ ଟ୍ରଫିରୁ ବାଦ ପଡ଼ିଲେ ସାଏମ ଆୟୁବ
ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 316 | ଭାଗ ୩୨ | ସଂଖ୍ୟା ୩୧୬ | Bhubaneswar | Sunday 9 February 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୯ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ଦିଲ୍ଲୀରେ ବିଜେପିର ବଲ୍ଲେ ବଲ୍ଲେ






| ବିଜେପି | ଆପ୍ | କଂଗ୍ରେସ |
|---|---|---|
| ୪୮ | ୨୨ | ୦ |

- ୪୮ ଆସନରେ ଜିତି ସ୍ପଷ୍ଟ ବହୁମତ
- ଶୂନ ରେକର୍ଡ ବଜାୟ ରଖିଲା କଂଗ୍ରେସ
- ୨୭ବର୍ଷ ପରେ ଫେରିଲା ବିଜେପି
- ୭% ବଢ଼ିଲା ବିଜେପିର ଭୋଟ ହାର
- ସରାବଖାନା ଓ ଶୀଶମହଲ ହେଲା କାଳ

ନୂଆଦିଲ୍ଲୀ,୮।୨(ସଂଚାର ବ୍ୟୁରୋ): ଦିଲ୍ଲୀ ସିଂହାସନ ଦଖଲ କରିବା ନେଇ ସ୍ୱପ୍ନ ଦେଖିଆସିଥିବା ବିଜେପି ୨୭ ବର୍ଷ ପରେ ଏହାକୁ ସାକାର କରିଛି। ଆଜି ଘୋଷଣା ହୋଇଥିବା ନିର୍ବାଚନ ଫଳାଫଳ ପରେ ୭୦ ଆସନରୁ ୪୮ଟି ଆସନରେ ବିଜୟୀ ହୋଇ ବିଜେପି ସ୍ପଷ୍ଟ ବହୁମତ ହାସଲ କରିଛି। ଏଥିସହ ଚତୁର୍ଥ ଥର ମୁଖ୍ୟମନ୍ତ୍ରୀ ହେବା ଅପେକ୍ଷାରେ ଥିବା ଅରବିନ୍ଦ କେଜ୍ରିୱାଲ୍‌ଙ୍କ 'ଆପ୍'କୁ ମାତ୍ର ୨୨ଟି ଆସନ ମିଳିଛି। ଅନ୍ୟପକ୍ଷରେ ଦେଶର ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସ ସମ୍ପୂର୍ଣ୍ଣ ଭାବେ ମୂଳପୋଛ ହୋଇଯାଇଛି। ଏକଦା କ୍ରମାଗତ ୩ ଥର କ୍ଷମତା ଦଖଲ କରିଥିବା କଂଗ୍ରେସ କୌଣସି ଗୋଟିଏ ଆସନରେ ବି ଜିତିପାରିନାହିଁ। ଆଜି ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ ହେବା ପରେ ପ୍ରାରମ୍ଭରୁ ହିଁ ବିଜେପିକୁ ଅଗ୍ରଣୀ ମିଳିଥିଲା। ଭୋଟ୍ ଗଣତି ଶେଷ ହେବା ପର୍ଯ୍ୟନ୍ତ ଏହି ଧାରା ଜାରି ହେବା ପରେ ବିଜେପିର ସୁଶାସନ ଉପରେ ଦିଲ୍ଲୀବାସୀ ଭରସା କରିବା ସ୍ପଷ୍ଟ ହୋଇଥିଲା। ଗତ ୫ ତାରିଖରେ ଦିଲ୍ଲୀ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୬୦.୫୪ ପ୍ରତିଶତ ଭୋଟର୍ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ତେବେ ଏହି ଭୋଟର୍‌ମାନେ ଆପ୍‌କୁ ପ୍ରତ୍ୟାଖ୍ୟାନ କରି ମାତ୍ର ୨୨ଟି ଆସନରେ ଜିତାଇଛନ୍ତି, ଯାହାକି ଗତ ଦୁଇ ନିର୍ବାଚନ ତୁଳନାରେ ଯଥେଷ୍ଟ କମ୍। ଗତ ୨୦୨୦ରେ ଦଳ ୬୨ଟି ଆସନ ଜିତିଥିବା ବେଳେ ୨୦୧୫ରେ ➩ପୃଷ୍ଠା-୬

## ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟିର ସୁଫଳ



ନୂଆଦିଲ୍ଲୀ, ୮।୨: ବିଜେପିକୁ ମିଳିଛି ବଡ଼ ସଫଳତା। ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀରେ ସରକାର ଗଢ଼ିବାକୁ ଯାଉଛି ଦଳ। ୭୦ଟି ବିଧାନସଭା ଆସନରୁ ୪୮ଟିରେ ଜିତିଛି ଦଳ। ଏହି ସଫଳତାକୁ ନେଇ ବିଜେପିର ସମସ୍ତ ନେତା ଓ କର୍ମୀ ଉତ୍ସାହିତ ଥିବା ବେଳେ ଦଳର ଦିଲ୍ଲୀ ନିର୍ବାଚନ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଓ ସାଂସଦ ବୈଜୟନ୍ତ ପଣ୍ଡା ମଧ୍ୟ ଖୁସି ଜାହିର କରିଛନ୍ତି। ବୈଜୟନ୍ତ କହିଛନ୍ତି, ସଂକଳ୍ପ ପତ୍ରରେ ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟିରୁ ବେଶୀ ସୁଫଳ ମିଳିଲା। ଗୃହ ମନ୍ତ୍ରୀ ଓ ରାଷ୍ଟ୍ରୀୟ ସଭାପତି ମାର୍ଗଦର୍ଶନ ପ୍ରସ୍ତୁତ କରିଥିଲେ। ଆମର ଲକ୍ଷ ଲକ୍ଷ କର୍ମକର୍ତ୍ତା ଅକ୍ଳାନ୍ତ ପରିଶ୍ରମ କରିଥିଲେ। ୧୨ ବର୍ଷ ଧରି ଚାଲିଥିବା ଭ୍ରଷ୍ଟାଚାରକୁ ବଦଳାଇବାକୁ ଚାହୁଁଥିଲେ ଲୋକେ। ସେ (ଅରବିନ୍ଦ କେଜ୍ରିୱାଲ) ପିଲାଙ୍କ ରାଣ ନେଇଥିଲେ, କିନ୍ତୁ ୪ଟି କ୍ୱାର୍ଟର୍ସ ଭାଙ୍ଗି ➩ପୃଷ୍ଠା-୬

## ଶର୍ଟକଟ୍ ରାଜନୀତିର ଶର୍ଟସର୍କିଟ୍

- ଦିଲ୍ଲୀର ମାଲିକ ହେବାର ଅହଂକାର ଥିଲା
- ଏବେ ସେମାନଙ୍କର ସତର ସାମ୍ନା ହୋଇଗଲା
- ଏକ ଦଶନ୍ଧୀର ଆପ-ଦା'ରୁ ମୁକ୍ତ ହେଲା ଦିଲ୍ଲୀ



ନୂଆଦିଲ୍ଲୀ,୮।୨(ସଂଚାର ବ୍ୟୁରୋ): ଦିଲ୍ଲୀରେ ବହୁ ପ୍ରତିକ୍ଷୀତ ବିଜୟ ହାସଲ କରିଛି ବିଜେପି। ଆଉ ବିଜୟର ଜବରଦସ୍ତ ଉତ୍ସବ ପାର୍ଟି କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା ପାର୍ଟି କାର୍ଯ୍ୟାଳୟରେ ପହଞ୍ଚି ଦଳୀୟ ନେତା କର୍ମୀଙ୍କୁ ସମ୍ବୋଧନ କରିଛନ୍ତି। ବିପୁଳ ➩ପୃଷ୍ଠା-୬

## ବିକାଶର ବିଜୟ ଓ ଅହଙ୍କାରର ପରାଜୟ



ଭୁବନେଶ୍ୱର: ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱାଧୀନ ଆପ୍'ର ଭ୍ରଷ୍ଟ ଶାସନରେ ଦିଲ୍ଲୀବାସୀ ବହୁତ କଷ୍ଟରେ ଥିଲେ। ଆପଦା ସରକାରରେ ଜନସାଧାରଣ ଉନ୍ନତ ମାନର ରାସ୍ତା, ସ୍ୱଚ୍ଛ ପାନୀୟ ଜଳ ଓ ମୌଳିକ ସୁବିଧାରୁ ବଞ୍ଚିତ ହୋଇଆସିଛନ୍ତି। ଆଜିର ଜନାଦେଶ ଦ୍ୱାରା ବିକାଶର ବିଜୟ ଓ ଅହଙ୍କାରର ପରାଜୟ ହୋଇଛି। ଆଜିର ଫଳାଫଳ ମିଛ, ଦୁର୍ନୀତି ଓ ଭ୍ରଷ୍ଟାଚାର ରାଜନୀତି ଅଧିକ ଦିନ ଚାଲେନାହିଁ ବୋଲି ପ୍ରମାଣିତ କରିଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦିଲ୍ଲୀକୁ ୨୭ ବର୍ଷ ପରେ ବିଜେପି ପ୍ରତ୍ୟାବର୍ତ୍ତନ କରିବା ➩ପୃଷ୍ଠା-୬

## ପ୍ରଧାନମନ୍ତ୍ରୀଙ୍କ ପାଇଁ ସମ୍ଭବ ହୋଇଛି



ଭୁବନେଶ୍ୱର: ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିକୁ ସଫଳତା ମିଳିବା ପରେ ଏନେଇ ଖୁସି ପ୍ରକଟ କରିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସେ ବିଜେପିର କେନ୍ଦ୍ରୀୟ ନେତୃତ୍ୱକୁ ଧନ୍ୟବାଦ ଦେବା ସହ ଦିଲ୍ଲୀବାସୀଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଦେଇଛନ୍ତି। ➩ପୃଷ୍ଠା-୬

## ଅଧିକ ପରିଶ୍ରମର ଆବଶ୍ୟକତା ରହିଛି



ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନରେ ଖାତା ଖୋଲିପାରି ନଥିବା କଂଗ୍ରେସ ଏଥର ଯଦିଓ ଯଥେଷ୍ଟ ପରିଶ୍ରମ କରିଥିଲା, କିନ୍ତୁ ଦିଲ୍ଲୀବାସୀ ଦଳକୁ ନିରାଶ କରିଛନ୍ତି। ତେଣୁ ଆଗାମୀ ଦିନରେ ଦଳକୁ ଆହୁରି ଅଧିକ ପରିଶ୍ରମ କରିବାକୁ ପଡ଼ିବ ବୋଲି ➩ପୃଷ୍ଠା-୬

# ସବୁ ଗରିବଙ୍କୁ ମିଳିବ ପକ୍କାଘର

- କୋହଳ ହେଲା 'ଅନ୍ତ୍ୟୋଦୟ ଗୃହ ଯୋଜନା' ନିୟମ
- ୩ ବର୍ଷରେ ୨.୨୫ ଲକ୍ଷ ଘର
- ଆଳି ଓ ଚାନ୍ଦବାଲିକୁ ଯୋଡ଼ିବ ସେତୁ
- ଅକ୍ଷୟ ଶକ୍ତି ନୀତି ସଂଶୋଧନକୁ ମଞ୍ଜୁରୀ
- ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ ପାଇଁ ୪,୧୨୪ କୋଟି
- ଡିଆର୍‌ଡିପି-୩ ପାଇଁ ୧୦୬୬.୩୮ କୋଟି



ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ): ରାଜ୍ୟରେ 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ସମାଜର ଦୁର୍ବଳ ବର୍ଗର ସବୁ ଲୋକଙ୍କୁ ପକ୍କାଘର ଯୋଗାଇ ମିଳିବ। ପ୍ରଚଳିତ ଗୃହନିର୍ମାଣ ଯୋଜନାରେ ଉପକୃତ ହୋଇନଥିବା ଯୋଗ୍ୟ ପରିବାରଗୁଡ଼ିକୁ ଏହି ଯୋଜନାରେ ପକ୍କାଘର ଦିଆଯିବ। ୨୫ବର୍ଗ ମିଟର ପରିଧିର ପକ୍କାଘର ନିର୍ମାଣ ପାଇଁ ୧.୨୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସରକାର ଦେବେ। ୩ବର୍ଷ ମଧ୍ୟରେ ଏହି ଯୋଜନାରେ ଅତିକମରେ ୨.୨୫ଲକ୍ଷ ଘର ମଞ୍ଜୁର କରାଯିବ। ଏଥିପାଇଁ ପକ୍କାଘରର ସଂଖ୍ୟା ଓ ପରିବାରର ସଂଖ୍ୟାକୁ ମଧ୍ୟ ସରକାର କୋହଳ କରିଛନ୍ତି। ଏହି ଯୋଜନା ପାଇଁ ୭୫୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନ୍ତ୍ୟୋଦୟ ଗୃହ ଯୋଜନାର ନିୟମକୁ କୋହଳ କରିବା ସହ ଆଗାମୀ ୩ ବର୍ଷରେ ୨.୨୫ଲକ୍ଷ ପକ୍କାଘର ଆବଣ୍ଟନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ଯୋଜନାରେ ୭୫୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଯୋଜନାରେ ପକ୍କାଘରର ସଂଜ୍ଞାକୁ ସରଳୀକରଣ କରାଯାଇ ଆଜବେଷ୍ଟସ, ଟିଣ ଓ ଟାଇଲ ଛାତଘରକୁ କଚ୍ଚାଘର ରୂପେ ବିବେଚନା କରାଯାଇଛି। କେବଳ ସିମେଣ୍ଟ ➩ପୃଷ୍ଠା-୬

## ରାଜ୍ୟ କର୍ମଚାରୀଙ୍କ ପାଇଁ ୟୁନିଫାଏଡ ପେନସନ୍
## ମାସକୁ ସର୍ବନିମ୍ନ ୧୦ ହଜାର ପେନସନ

ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ): ରାଜ୍ୟର ସରକାରୀ କର୍ମଚାରୀମାନଙ୍କୁ ଏଣିକି 'ଏନପିଏସ' ବଦଳରେ 'ୟୁପିଏସ' ଅର୍ଥାତ୍ ୟୁନିଫାଏଡ ପେନସନ୍ ଯୋଜନାର ସୁବିଧା ମିଳିବ। ଯେଉଁ ରାଜ୍ୟ କର୍ମଚାରୀମାନେ ଏନପିଏସ୍ ବ୍ୟବସ୍ଥାରେ ପେନସନ୍ ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି ସେମାନଙ୍କ ପାଇଁ ଏହି ବ୍ୟବସ୍ଥା ଲାଗୁ ହେବ। ଏନପିଏସ୍ ଅଧୀନରେ ଥିବା କର୍ମଚାରୀମାନେ ୟୁପିଏସ ଚୟନ କରିବାକୁ କିମ୍ବା ଏନପିଏସ୍ ସହିତ ଜାରି ରହିବା ପାଇଁ ବିକଳ୍ପ ବାଛିପାରିବେ। ଏହି ୟୁପିଏସ୍ ବ୍ୟବସ୍ଥା ରାଜ୍ୟରେ ୨୦୨୫ ଏପ୍ରିଲ ପହିଲାରୁ କାର୍ଯ୍ୟକ୍ଷମ ହେବ। କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ପାଇଁ ୟୁପିଏସ୍ ବ୍ୟବସ୍ଥା ଲାଗୁ କରିବାକୁ କେନ୍ଦ୍ର କ୍ୟାବିନେଟ୍ ଅଗଷ୍ଟ ୨୪ତାରିଖରେ ନିଷ୍ପତ୍ତି ନେବାପରେ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯିବା ପରେ ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁସାରେ ଓଡ଼ିଶାରେ ଏହି ଏକୀକୃତ ପେନସନ ଯୋଜନାକୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ କାର୍ଯ୍ୟକାରୀ ➩ପୃଷ୍ଠା-୬

## ଗଳାବାଟ ଖୋଜୁଛନ୍ତି ଓଏସ୍‌ଡି
## ବାଟ ଦେଖାଉଛନ୍ତି ଗଣମାଧ୍ୟମ ମାଲିକ




ଭୁବନେଶ୍ୱର, ୮।୨(ସଂଚାର ବ୍ୟୁରୋ): ବିଜେଡି ସରକାରର ଅତ୍ୟଧିକ ସେବା ପାଇଁ ଓଏସ୍‌ଡି ବନିଥିବା ଜଣେ ବରିଷ୍ଠ ଅଧିକାରୀ ଏବେ ଟ୍ରାକ୍‌କୁ ଫେରିବା ପାଇଁ ଗଳାବାଟ ଖୋଜୁଛନ୍ତି। ବିଜେପି ନେତାଙ୍କ ନିକଟତର ହୋଇ କିଭଳି ପୁଣିଥରେ କ୍ଷମତା ହାତେଇବେ, ସେଥିପାଇଁ ଜଣେ ଗଣମାଧ୍ୟମ ମାଲିକଙ୍କ ଶରଣ ପଶିଛନ୍ତି। ମାଲିକ ଜଣଙ୍କ ବି ତାଙ୍କୁ ସହାୟତା କରିବେ ବୋଲି ଆଶ୍ୱାସନା ଦେଇଛନ୍ତି। ତେବେ ବିଜେପି ସରକାର ତାଙ୍କ ପ୍ରତି କି ପ୍ରକାର ଆଭିମୁଖ୍ୟ ପୋଷଣ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର। ବିଜେଡି ସରକାର ସମୟରେ ଯେଉଁସବୁ ଅଫିସର ଏକପ୍ରକାର ଦଳୀୟ କର୍ମୀ ପାଲଟିଥିଲେ, ଏ ବାବୁ ଜଣଙ୍କ ସମସ୍ତଙ୍କଠାରୁ ଆଗରେ ଥିଲେ। ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁପ୍ରକାର ନେଣଦେଣରେ ଥିଲେ ମୁଖ୍ୟ କାର୍ପଟଦାର। ସେଥିପାଇଁ ନବୀନଙ୍କଠାରୁ ସନ୍ୟାସୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଥିଲେ ବ୍ଲୁଆୟେଡ୍ ବଏ। ନିର୍ବାଚନ ପୂର୍ବରୁ ତାଙ୍କୁ ଦାୟିତ୍ୱରୁ ହଟାଇବା ପାଇଁ ବିଜେପି ପକ୍ଷରୁ ଯେତେ ଆପତ୍ତି ଅଭିଯୋଗ ହୋଇଥିଲା ସେଥିପ୍ରତି ବିଜେଡି ସରକାର କର୍ଣ୍ଣପାତ କରିନଥିଲେ। ହେଲେ ବାବୁଙ୍କ ଦୁର୍ଭାଗ୍ୟକୁ ସରକାର ବଦଳିଥିଲା ଓ ନୂଆ ସରକାର ତାଙ୍କୁ ତୁରନ୍ତ ଓଏସ୍‌ଡି କରି ବସାଇଥିଲେ। ସାତ ମାସ ଭିତରେ କ୍ଷମତା ପାଇଁ ଛାଟିପିଟି ହେଉଥିବା ବାବୁ ଜଣଙ୍କ ଏବେ ଗଣମାଧ୍ୟମ ମାଲିକଙ୍କ ଜରିଆରେ ବିଜେପିରେ ଆଡଜଷ୍ଟ ହେବାକୁ ଉଦ୍ୟମ ଚଳାଇଥିବା ବେଳେ ଗଣମାଧ୍ୟମ ମାଲିକ କେତେଦୂର ସହାୟକ ହେବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି।



## କାନ ଡେରିଥା

ଏତେ ଦିନ ପରେ ବିଜେପି ଜିତିଲା
ଲୋକଙ୍କ ଭରଷା ନେଇ
ଆପ ପାର୍ଟିକୁ ପ୍ରତ୍ୟାଖାନ କଲେ
କେଜରୀ ଗଲେ ଉଭେଇ
କଂଗ୍ରେସେ ଲାଗିଲା ଉଇ...
ଖାତା ଖୋଇଲାନି ଦିଲ୍ଲୀ ନିର୍ବାଚନେ
ଘର କୁ ସଜାଡ ଯାଇ।

■ ଦେବାଶିଷ

# ମା'ମାନେ ଓଡ଼ିଶା ବିକାଶ ଯାତ୍ରାର ଅଂଶୀଦାର

- ଯାଜପୁରରେ ସୁଭଦ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟ ଟଙ୍କା ବଣ୍ଟନ
- ୧୮ ଲକ୍ଷ ନୂତନ ହିତାଧିକାରୀଙ୍କ ସହ ୯୮ ଲକ୍ଷ ଛୁଇଁଲା ସଂଖ୍ୟା



ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସକାଶେ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଆଜି ଯାଜପୁରରେ ଚତୁର୍ଥ ପର୍ଯ୍ୟାୟ ଟଙ୍କା ପ୍ରଦାନ କରାଯାଇଛି। ଆଜି ମୋଟ ୧୮ ଲକ୍ଷ ନୂତନ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବା ସହ ହିତାଧିକାରୀଙ୍କ ସଂଖ୍ୟା ୯୮ ଲକ୍ଷ ଅତିକ୍ରମ କରିଛି। ପୂର୍ବରୁ ୩ଟି ପର୍ଯ୍ୟରେ ୮୦ ଲକ୍ଷ ମହିଳା ପ୍ରଥମ କିସ୍ତି ପାଇଥିଲେ। ଏହି ଏହି ସହାୟତା ରାଶି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁଭଦ୍ରା ଯୋଜନାରେ ମା'ମାନଙ୍କୁ ୨ଟି କିସ୍ତିରେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ୫ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରିବାର ➩ପୃଷ୍ଠା-୬

# ଲୋକ ସମ୍ପର୍କ ବିଭାଗରେ ଗଣମାଧ୍ୟମ ହଲାପଟା

- ମୁଖ୍ୟମନ୍ତ୍ରୀ ଓ ସଚିବଙ୍କ ନିର୍ଦ୍ଦେଶକୁ ବି ବେଖାତିର
- କେଉଁ ଅଦୃଶ୍ୟ ନିର୍ଦ୍ଦେଶରେ ଚାଲିଛି ଷଡ଼ଯନ୍ତ୍ର ?




ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ): ଗତ ବିଜେଡି ସରକାରରେ ଗଣମାଧ୍ୟମର ଏକପ୍ରକାର କଣ୍ଠରୋଧ କରିଦିଆଯାଇଥିଲା। କୋଭିଡ ଆଳରେ ସାମ୍ବାଦିକଙ୍କ ପାଇଁ ବନ୍ଦ ହୋଇଥିବା ଲୋକସେବା ଭବନ ସରକାର ଯିବା ପର୍ଯ୍ୟନ୍ତ ଖୋଲିଲା ନାହିଁ। ନୂଆ ସରକାର ଆସିବା ପରେ ଗଣମାଧ୍ୟମକୁ ଉଚିତ ମର୍ଯ୍ୟାଦା ଦେବାକୁ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ବିଭାଗକୁ ନିଜ ଅଧିନରେ ରଖିଛନ୍ତି। ଏପରିକି ଲୋକସେବା ଭବନକୁ ଗଣମାଧ୍ୟମର ପ୍ରବେଶକୁ ଆବଶ୍ୟକ ଅନୁଯାୟୀ ଅନୁମତି ମିଳୁଥିବା ବେଳେ ଏହାର ସ୍ଥାୟୀ ସମାଧାନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଖୋଦ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ସଚିବ ଏନେଇ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରି ନିଷ୍ପତ୍ତି ନେଉଛନ୍ତି। କିନ୍ତୁ ଉଦବେଗର ବିଷୟ ହେଉଛି ଖୋଦ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ସଚିବ ନେଉଥିବା ନିଷ୍ପତ୍ତିକୁ ବିଭିନ୍ନ ଆଳରେ କାର୍ଯ୍ୟକାରୀ କରାଯାଉନାହିଁ। ଚର୍ଚ୍ଚା ହେଉଛି ବିଜେଡି ମାର୍କା ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ସରକାରଙ୍କୁ ବିଶେଷ କରି ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ସଚିବଙ୍କୁ ବଦନାମ କରିବାକୁ ଏଭଳି ଏକ ➩ପୃଷ୍ଠା-୬




## ଝାଡ଼େଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ
# ବାର୍ଷିକ ପୁରସ୍କାର ବିତରଣ ସମାରୋହ



**ମାହାଙ୍ଗା, ୮।୨ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ପଞ୍ଚାୟତର ଝଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ସମାରୋହ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ବାରିକ୍ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗାର ମାନ୍ୟବର ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମହାବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରି ଭିତ୍ତିଭୂମିର ବିକାଶ ସହ ବିଦ୍ୟାଳୟର ସାମଗ୍ରିକ ବିକାଶ କରାଯିବ ବୋଲି କହିଥିଲେ। ପ୍ରତ୍ୟେକ ବିଦ୍ୟାଳୟକୁ ଏକ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯିବ ।

ମୁଖ୍ୟବକ୍ତା ଭାବେ ମାନ୍ୟବର ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଶିଷ୍ଟ ଅତିଥି ଭାବେ ଅଭିନେତା ଅରିନ୍ଦମ ରାୟ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ସନ୍ତୋଷ କୁମାର ରାଉତ ପ୍ରମୁଖଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଲିସା ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିକ୍ଷକ ରମାକାନ୍ତ ଦାସ ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ। ପୁରାତନ ଛାତ୍ରଛାତ୍ରୀମାନେ ବିଧାୟକ ମହୋଦୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୃତି ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ



**ମାହାଙ୍ଗା, ୮।୨ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଏରକଣାସ୍ଥିତ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ମହାବିଦ୍ୟାଳୟର ଭିତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀମାନେ ଭଲ ଭାବେ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ।

ଏଥିରେ ମୁଖ୍ୟବକ୍ତା ଭାବେ ଓଡିଆ ଚଳଚିତ୍ର ଅଭିନେତା ଅରିନ୍ଦମ ରାୟ ସମ୍ମାନୀତ ଅତିଥିଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି ମହାବିଦ୍ୟାଳୟଟି ମାହାଙ୍ଗାରେ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଉତ୍ତମ ଛାତ୍ରଛାତ୍ରୀ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କହିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରାଧାପକ ପୁର୍ଣଚନ୍ଦ୍ର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡଃ ନଳିନୀ ସାହୁ, ଅଶୋକ ଖଟୁଆ, ଗଗନ ବିହାରୀ ପୃଷ୍ଟି ଜ୍ଞାନରଂଜନ ଶତପଥି ନିତ୍ୟାନନ୍ଦ ସାମଲ, ତସରୁଧର ସାହୁ ପୁଷ୍ପଶ୍ରୀ ତ୍ରିପାଠୀ,ଗୌରୀପ୍ରଭା ଶତପଥ, ଭାନୁମତୀ ବାରିକ, ମାନିନୀ ମିଶ୍ର, ଭଜକୃଷ୍ଣ ବେହେରା, ସଞ୍ଜୟ ପ୍ରଧାନ ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଅବସରରେ ଓଡିଶାର ପ୍ରତିଷ୍ଠିତ ଅର୍କେଷ୍ଟ୍ରା କଳାକାରଙ୍କ ପକ୍ଷରୁ ସଂଗୀତ ଓ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ପୂର୍ବତନ ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

**କେନ୍ଦ୍ରାପଡ଼ା, ୮।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଥାନା ଅନ୍ତର୍ଗତ ଦଶିପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ବିବେକାନନ୍ଦ ଦାଶଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ରାଜକନିକା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟି ଶନିବାର ଅପରାହ୍ନ ପ୍ରାୟ ସାଢେ ଦୁଇଟା ବେଳେ ବିବେକାନନ୍ଦଙ୍କ କବାଟକୁ କେହି ବାଡେଇବାରୁ ସେ କବାଟ ଖୋଲିଥିଲେ। ସେହି ଗ୍ରାମର ଜଣେ ତାଙ୍କୁ ଗାଳିଗୁଲଜ କରୁଥିବା କବାଟ ବାଡାଉଥିବା ଗ୍ରାମର ଲୋକଟି କହିଥିଲା । ବିବେକାନନ୍ଦ ବାହାରକୁ ସେହି ଲୋକ ସହିତ ଯିବାରେ ସେଠାରେ ତାଙ୍କୁ ୩ଜଣ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଓ ଧକ୍କା ମାରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି । ସେ ଜଣେ ହୃଦରୋଗୀ ହୋଇଥିବା ବେଳେ ତାଙ୍କୁ ଏପରି ମରଣାନ୍ତକ ଆକ୍ରମଣ କରାଯାଇ ଆହୁରି ବିପଦ ମଧ୍ୟକୁ ତାଙ୍କୁ ଠେଲି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ରାଜକନିକା ଥାନା ଅଧିକାରୀଙ୍କୁ ପଚରାଯିବାରେ ସେ କହିଥିଲେ ଯେ ଘଟଣାର ତଦନ୍ତ କରାଯାଉଛି। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଦିଲ୍ଲୀ ଦଖଲ ପରେ କେନ୍ଦ୍ରାପଡ଼ା ବିଜେପିର ବିଜୟ ଉତ୍ସବ



**କେନ୍ଦ୍ରାପଡ଼ା, ୮।୨ (ସଂଚାର ବ୍ୟୁରୋ):** ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀ ନିର୍ବାଚନ ପରେ ବିଜେପି ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଢିବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଠାରେ ବିଜୟ ଉତ୍ସବ ପାଳନ କରାଯାଇଛି। ବହୁ ସଂଖ୍ୟକ ବିଜେପି କର୍ମୀ ଓ ନେତୃ ସ୍ଥାନୀୟ ବ୍ୟକ୍ତିମାନେ ମିଷ୍ଟାନ୍ନ ବଣ୍ଟନ କରିବା ସହ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରି ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ । ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀଙ୍କ ସମେତ ପୂର୍ବତନ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବୈଦନାଥ ଚାଟାର୍ଜୀ, ଦୁର୍ଯ୍ୟୋଧନ ସାହୁ, ଉପୀନ ରାଉତ, ଅଭିମନ୍ୟୁ ଗୋଛାୟତ, ସୁନାକର ସାମଲ, ମହମ୍ମଦ ସଲିମ ଖାନ, ମନିନ୍ଦ୍ର ରାଉତ, ନେହେରୁ ସାହୁ, ପ୍ରଶାନ୍ତ ସେଠୀ, ପ୍ରିୟଦର୍ଶିନୀ ନନ୍ଦ, ଝିଲ୍ଲୀ ଦାସ, ମାନସୀ ସାହୁ, ନୃସିଂହ ପ୍ରସାଦ ପତ୍ରୀ, ଅମିତାବ ସୁଆର ପ୍ରମୁଖ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ ନଗର ବିଜେପି ପକ୍ଷରୁ ବିଜୟ ଉତ୍ସବ



**ପଟ୍ଟାମୁଣ୍ଡାଇ, ୮।୨ (ସଂଚାର ବ୍ୟୁରୋ):** ସଦ୍ୟ ଘୋଷିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ପାଇଁ ପଟ୍ଟାମୁଣ୍ଡାଇ ନଗର ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି । ଏଥିରେ ନଗର ବିଜେପି ସଭାପତି ଅଶୋକ ସାହୁ, ବରିଷ୍ଠ ବିଜେପି ନେତା ଆଡ଼ଭୋକେଟ ଭାରତ ଭୂଷଣ ଦାସ, ବରିଷ୍ଠ ଯୁବନେତା ମିଟୁ ମନୋଜ ନାୟକ ଆଡ଼ଭୋକେଟ ସଞ୍ଜୟ ସାହୁ କାଉନସିଲର ବିଦ୍ୟାଧର ସେଠୀ, ଆଡ଼ଭୋକେଟ ପ୍ରମୋଦ ସାହୁ, ଯୁବନେତା ସୁଶୀଲ ପରିଡା ହୃଷିକେଶ ମଲିକ, ପିତାମ୍ବର କର, ପରେଶ ସାହୁ, ଚନ୍ଦନ ପାତ୍ର,ଗିରିଜା ଶଙ୍କର ସାମଲ, ସମୀର ପାତ୍ର, ରବୀନ୍ଦ୍ର ସେଠୀ, ସଞ୍ଜୟ ସ୍ୱାଇଁ, ଉପେନ୍ଦ୍ର ନାୟକ, ରବୀନ୍ଦ୍ର ବିଶ୍ୱାଳ, ପାରେଶ୍ୱର ପାତ୍ର, ଶିଶିର ମଲିକ, ଯୋଗେଶ ବେହେରା, ଦେବାଶିଷ ମଲିକ ଓ ଦୀପକ ମଲିକ ପ୍ରମୁଖ ସାମିଲ ହୋଇ ବିଜୟ ଉତ୍ସବ ମନାଇବା ସହିତ ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରିଥିଲେ ।

### ଆଧାର କାର୍ଡ ପାଇଁ ରାସନ୍ ନମିଳିବା ଘଟଣା
# ଲକ୍ଷ୍ମୀପ୍ରିୟାଙ୍କୁ ମିଳିଲା ଆଧାର କାର୍ଡ ଓ ଭିନ୍ନକ୍ଷମ ପ୍ରମାଣପତ୍ର



**ମହାକାଳପଡ଼ା, ୮।୨ (ସଂଚାର ବ୍ୟୁରୋ):** ସଂଚାର ଖବରକାଗଜରେ ଖବର ପ୍ରସାରଣର ମହାପ୍ରଭାବ ଫଳରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କର ଆଧାର କାର୍ଡ କରାଯିବା ସହିତ ଆଜି ତାଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର କରାଯାଇଛି। ଆଜି କେନ୍ଦ୍ରାପଡ଼ା ମେଡିକାଲ୍‌ର ମୁଖ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ମେଡ଼ିକାଲ କର୍ମଚାରୀ ବାଲିସୁଆଁ ଗ୍ରାମ ସ୍ଥିତ ଲକ୍ଷ୍ମିପ୍ରିୟାଙ୍କ ଘରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ତାଙ୍କର ୧୦୦ % ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ତିଖିରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିସୁଆଁ ଗ୍ରାମର ବିଧବା ସତ୍ୟଭାମା ରାଉତ(୭୦ ବର୍ଷଙ୍କ ୪୦ ବର୍ଷୀୟ ଝିଅ ଲକ୍ଷ୍ମିପ୍ରିୟା ରାଉତ ଜଣେ ଶତପ୍ରତିଶତ ଶାରୀରିକ ଓ ମାନସିକ ଭିନ୍ନକ୍ଷମ ମହିଳା। ଆଧାର କାର୍ଡ ନଥିବାରୁ ଦୀର୍ଘ ବର୍ଷ ଧରି ସେ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିଲେ। ଝିଅର ରାସନ୍ ଚାଉଳ ଓ ଘରଟିଏ ପାଇଁ ସରପଞ୍ଚଙ୍କ ପାଖରୁ ଆରମ୍ଭ କରି ନେତାଙ୍କୁ ଗୁହାରି କରି କରି ଥକି ପଡ଼ିଛନ୍ତି ହେଲେ ତାଙ୍କ ଗୁହାରି ଶୁଣି ସମସ୍ତେ ନିରବ ପାଲଟିଥିଲେ। ଏମିତି ଘଟଣା ବିଷୟରେ ସଂଚାର ଆଗରେ ଅଭିଯୋଗ କରିଥିଲେ ସତ୍ୟଭାମା। ଏନେଇ ଦୈନିକ ଖବରକାଗଜ ସଂଚାରରେ ବାରମ୍ବାର ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପଞ୍ଚାୟତ ପ୍ରତିନିଧିମାନଙ୍କ ପାଖରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କ ନିଦ ଭାଙ୍ଗିଥିଲା। ଏମିତି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିବା ପରେ ଅଞ୍ଚଳବାସୀ ଓ ବୁଦ୍ଧିଜୀବି ସରକାରଙ୍କ ବ୍ୟବସ୍ଥା ଓ ଲୋକପ୍ରତିନିଧିଙ୍କୁ ସମାଲୋଚନା କରିଥିଲେ।

ଏହି ଘଟଣାର ପ୍ରଭାବ ଏତେ ମାତ୍ରାରେ ପ୍ରଭାବ ପକାଇଲା ଯେ, ତାଙ୍କ ଘରେ ପ୍ରଶାସନ ତରଫରୁ ଆଧାର ଟିମ୍ ପହଞ୍ଚି ଆଧାର କାର୍ଡ କରାଇଥିଲେ। ଆଧାର କାର୍ଡ ନଥିବାରୁ ଆବେଦନ ହୋଇପାରୁନଥିବା ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ମଧ୍ୟ ଆବେଦନ କରାଯାଇଥିଲା। ଆଜି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମେଡିକାଲ୍ ଅଫିସରଙ୍କ ନିର୍ଦ୍ଦେଶ କ୍ରମେ ମେଡ଼ିକାଲ କର୍ମଚାରୀ ଲକ୍ଷ୍ମିପ୍ରିୟାଙ୍କ ବାସଭବନରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଘଟଣା ସ୍ଥଳରେ ତାଙ୍କୁ ଶତ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏବେ ଲକ୍ଷ୍ମିପ୍ରିୟା ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ପାରିବେ ଓ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ଚଳିତ ମାସ ରୁ ପାଇପାରିବେ। ଯାହା ଦୀର୍ଘ ୧୦ ବର୍ଷ ଧରି ହୋଇପାରୁନଥିଲା ତାହା ସଂଚାର ର ପ୍ରୟାସ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ସଦସ୍ୟମାନଙ୍କ ଉଦ୍ୟମ ପାଇଁ ସମ୍ଭବ ହୋଇପାରିଛି ବୋଲି ସତ୍ୟଭାମା ଓ ଅଞ୍ଚଳବାସୀ କହିଛନ୍ତି। ସେଥିପାଇଁ ସେମାନେ ସଞ୍ଚାର ଖବରକାଗଜ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର କୁ ଧନ୍ୟବାଦ ଜଣାଇଛନ୍ତି।



## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଚିକା ସହାୟିକା ସଂଘ ପକ୍ଷରୁ ଦାବିପତ୍ର

**କେନ୍ଦ୍ରାପଡ଼ା, ୮।୨ (ସଂଚାର ବ୍ୟୁରୋ):** ନିଖିଳ ଓଡିଶା ଏମଡିଏମ୍ ପାଚିକା ସହାୟିକା ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ଏକ ୧୫ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଏ ସମ୍ବନ୍ଧରେ ଏକ ଆଲୋଚନା ସାଧାରଣ ସଂପାଦିକା ମାଧବୀ କୁଲତାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଅକ୍ଷୟ କୁମାର ମେହେର, ଭଜହରି ପ୍ରଧାନ, ଗଜେନ୍ଦ୍ରନାଥ ନାୟକ, କେଦାର ନାଥ ରାୟ ପ୍ରମୁଖ ଉପସ୍ଥିତ ରହି ପାଚିକା ମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାସିକ ସର୍ବନିମ୍ନ ମଜୁରୀ ପ୍ରଦାନ, ୧୦ମାସ ପରିବର୍ତ୍ତେ ୧୨ ମାସର ଦରମା ଦେବା, ମାସର ପ୍ରଥମ ସପ୍ତାହରେ ପାରିଶ୍ରିକ ପ୍ରଦାନ କରିବା, ବର୍ଷକୁ ୨ହଳ ଶାଢୀ ପ୍ରଦାନ ଓ ବୀମାଭୁକ୍ତ କରିବା ଆଦି ଦାବି ଗୁଡିକ ରହିଛି । ପାଚିକା ମାନଙ୍କର ବୟସସୀମା ୬୦ରୁ ୬୫କୁ ବୃଦ୍ଧି ଆଦି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ନୋଡାଲ ଅଫିସର, ସମସ୍ତ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କୁ ପ୍ରଦାନ କରାଯାଇଛି ।

## ଭରତପୁର ମା'ଦକ୍ଷିଣ କାଳୀ ମନ୍ଦିରର ଜନ୍ମ ମହୋତ୍ସବ



**କେନ୍ଦ୍ରାପଡ଼ା, ୮।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମର ମା'ଦକ୍ଷିଣକାଳୀଙ୍କ ୩୧ତମ ଜନ୍ମ ବାର୍ଷିକ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥି ସହିତ ମା'ଙ୍କ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଗତ ବୁଧବାର ଶ୍ରୀ ଶୁଭାଧିବାସ, ଅଙ୍କୁରାରୋପଣ କରାଯିବା ସହ ସନ୍ଧ୍ୟାରେ ଆଧ୍ୟାତ୍ମିକ ପ୍ରବଚନ ମଧ୍ୟ ଅନୁଷ୍ଠିତ ହୋଇଛି । ଗୁରୁବାର ଦେବୀଙ୍କ ଘଟ ନିମଗ୍ନ, କଳସଯାତ୍ରା, ଦେବୀଙ୍କ ନଗର ପରିକ୍ରମା, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା, ଶାଳାମାର୍ଜନ, କୁଣ୍ଡସଂସ୍କାର, ଅଗ୍ନିସ୍ଥାପନ, ଦେବୀଙ୍କ ଷୋଡଶ ଉପଚାର ପୂଜା, ଦେବୀଙ୍କ ଏକହଜାର ୮ନାମରେ ଆହୂତି ପ୍ରଦାନ ସହିତ ରାଜରାଜେଶ୍ୱରୀ ବେଷ ଦର୍ଶନ ଓ ସନ୍ଧ୍ୟାରେ ଭୁବନେଶ୍ୱରର ମା'ତାରିଣୀ ଭଜନ ସନ୍ଧ୍ୟା ଭଜନ ପରିବେଷଣ କରିଥିଲା । ଶୁକ୍ରବାର ମା'କାଳୀଙ୍କର ଷୋଡଶଉପଚାର ପୂଜା, ଗୀତାଯଜ୍ଞ, ନୀଳ ସରସ୍ୱତୀ ବେଶ ଦର୍ଶନ ସହ ସନ୍ଧ୍ୟାରେ ପ୍ରବଚନ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ସେହିଭଳି ଶନିବାର ମା'କାଳୀଙ୍କର ଷୋଡଶ ଉପଚାର ପୂଜା, ଚଣ୍ଡୀଯଜ୍ଞ, ମା'ଙ୍କ ମହିଷାମର୍ଦ୍ଦିନୀ ବେଷ ଦର୍ଶନ ସହ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ମହୋତ୍ସବ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଏହି ସମସ୍ତ କାର୍ଯ୍ୟକ୍ରମକୁ ମା'ଦକ୍ଷିଣେଶ୍ୱରୀ ରିଲିଜିଅସ ଟ୍ରଷ୍ଟ ପକ୍ଷରୁ ପ୍ରବୋଧ କୁମାର ଦାସ, ଅଲେଖ ପ୍ରସାଦ ଦାସ ଓ ଯୁଗଳ କିଶୋର ଦାସ, ଶକ୍ତି ପ୍ରସାଦ ମହାନ୍ତି, ପ୍ରସନ୍ନ କୁମାର ମଲ୍ଲିକ, ଗୋପାଳ ଚରଣ ଦାସ, ବିଭୂତି ଭୂଷଣ ମହାନ୍ତି, ବିଜୟ କିଶୋର ଦାସ, ଶିବ ପ୍ରସାଦ ଦାସ, ସୁଶାନ୍ତ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ସୁରକ୍ଷା ଉଦ୍ଦେଶ୍ୟରେ ପରିବେଶ ସମ୍ପର୍କିତ ପଥପ୍ରାନ୍ତ ନାଟକ

**ରାଜନଗର, ୮।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ହାତିନା ସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟ ର ଇକୋ କ୍ଲବ ଓ ଶକ୍ତି କ୍ଲବର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ହାତିନା ଛକରେ ପରିବେଶ ସମ୍ପର୍କିତ ପ୍ରଥ ପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା। ଏକକ ବେବହୃତ ପ୍ଲାଷ୍ଟିକ ବ୍ୟାନ, ଜଳ ସଂରକ୍ଷଣ ଏବଂ ଭିତରକନିକା ର ଅମୂଲ୍ୟ ଲୁଣା ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷା ସମ୍ପର୍କିତ ତିନୋଟି ନାଟକ ପ୍ରଦର୍ଶିତ ହୋଇଥିଲା। ଛାତ୍ର ଛାତ୍ରୀଙ୍କ ଦ୍ୱାରା ହାତୀନା ବଜାର ତଥା ଜନସାଧାରଣଙ୍କୁ ସଚେତନତା ର ପାମ୍ଫ୍ଲେଟ ବଣ୍ଟନ କରାଯାଇଥିଲା। ଛାତ୍ର ଛାତ୍ରି ମାନେ ଉପସ୍ଥିତ ଦର୍ଶକ ମାନଙ୍କୁ ପରିବେଶ ସୁରେକ୍ଷା ଉପରେ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଇକୋ କ୍ଲବ୍ ର ଶିକ୍ଷକ ଶେଖ ନିୟମତୁଲ, ପ୍ରଧାନ ଶିକ୍ଷକ ପ୍ରମୋଦ ପଣ୍ଡା ଓ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

### ହାଇସ୍କୁଲର ଉନ୍ନତି ପାଇଁ ପ୍ରୟାସ
## ଅଣ୍ଟା ଭିଡ଼ିଲେ ପୁରାତନ ଛାତ୍ର

**କେନ୍ଦ୍ରାପଡା, ୮।୨ (ସଂଚାର ବ୍ୟୁରୋ):** ରାଜ୍ୟର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୨ ମସିହା ବ୍ୟାଚ୍‌ର ପୁରାତନ ଛାତ୍ରମାନେ ସ୍କୁଲର ଉନ୍ନତି ଓ ବିଭିନ୍ନ ସମସ୍ୟା ସମାଧାନ ପାଇଁ ସମବେତ ହୋଇଥିବା ଜଣାପଡିଛି । ପୁରାତନ ଛାତ୍ର ଚିତ ରଞ୍ଜନ ଭଗତଙ୍କ ନେତୃତ୍ୱରେ ସଭାପତି ଡ଼ଃ ଅମୀୟ କୁମାର ମହାନ୍ତିଙ୍କ ସମେତ ବହୁ ଛାତ୍ର ସ୍କୁଲ ପରିସରରେ ଶନିବାଦ ଦିନ ଏକ ବନ୍ଧୁ ମିଳନ କରିବା ସହ ସ୍କୁଲର ପୁରାତନ ଐତିହ୍ୟ ଫେରାଇ ଆଣିବା ପାଇଁ ଭାବ ବିନିମୟ କରିଥିଲେ । ଆବଶ୍ୟକୀୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ପଦବୀ ପୁରଣ, ଶିକ୍ଷାଦାନ ର ଗୁଣାତ୍ମକ ବିକାଶ ପାଇଁ ତଦାରଖ କମିଟି ଗଠନ ଓ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଦିଗରେ ଆଲୋଚନା କରାଯାଇ ଥିଲା ।

# ବାୟାବାବା ମହାବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ



**ମହାକାଳପଡ଼ା, ୮।୨ (ସଂଚାର ବ୍ୟୁରୋ):** ଶନିବାର ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟ ପରିସରରେ ୪୭ ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଲୋଚନା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେବା ସହିତ ଆଗାମୀ ଭବିଷ୍ୟତ ଗଠନରେ ଓ ମହାବିଦ୍ୟାଳୟର ସାମୂହିକ ୱିକାଶରେ ନିଜର ସହଯୋଗ ରହିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବରେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ସରୋଜ ସାହୁ,ମୁଖ୍ୟ ବକ୍ତା ଭାବରେ ନେହେରୁ କମଳା ମହାବିଦ୍ୟାଳୟର ଗଣିତ ବିଭାଗର ମୁଖ୍ୟ ଡଃ ରମାକାନ୍ତ ମହାପାତ୍ର ଉପସ୍ଥିତ ରହି ନିଜ ନିଜର ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଡଃ ଏସ.ସି ଦାସ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# କୁନ୍ତଳା କୁମାରୀ ସାବତଙ୍କ ୧୨୯ତମ ଜନ୍ମ ଜୟନ୍ତୀ ପାଳିତ



**କେନ୍ଦ୍ରାପଡ଼ା, ୮।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରସଂସ୍ଥା ଅନ୍ତର୍ଗତ କଜଳାସ୍ଥିତ ଅର୍ବାନବ୍ୟାଙ୍କ ପରିସରରେ କୁନ୍ତଳା କୁମାରୀ ସାବତଙ୍କ ପ୍ରତିମୁର୍ତ୍ତି ସମ୍ମୁଖରେ କୁନ୍ତଳା କୁମାରୀ ସାବତ ପ୍ରତିଷ୍ଠା ସମିତିର କେନ୍ଦ୍ରାପଡା ଶାଖା ପକ୍ଷରୁ ସମିତିର ସଭାପତି ବରିଷ୍ଠ ସରକାରୀ ଆଇନଜୀବୀ ତଥା କୁନ୍ତଳା କୁମାରୀଙ୍କ ନାତୁଣୀ ଜ୍ୱାଇଁ କୁଞ୍ଜବିହାରୀ ପରିଡାଙ୍କ ସଭାପତିତ୍ୱରେ ଏବଂ ସମ୍ପାଦକ କବି, ଲେଖକ ଓ ଉପସ୍ଥାପକ ହେମନ୍ତ କୁମାର ଜେନାଙ୍କ ତତ୍ୱାବଧାନରେ ଓଡିଶାର ପ୍ରଥମ ନାରୀକବୀ ଏବଂ ପ୍ରଥମ ମହିଳା ଡାକ୍ତର କୁନ୍ତଳା କୁମାରୀ ସାବତଙ୍କ ୧୨୯ ତମ ପୁନ୍ୟ ଜନ୍ମ ଜୟନ୍ତୀ ବହୁ ଯାକଜମକ ସହକାରେ ପାଳନ କରାଯାଇଥିଲା। କବି, ଲେଖିକା ତଥା ଉପସ୍ଥାପୀକା ମଞ୍ଜୁଶ୍ରୀ ବରାଳ ମଞ୍ଚ ପରିଚାଳନା କରିଥିବା ବେଳେ ଏହି କିର୍ଯ୍ୟକ୍ରମରେ ମୂଖ୍ୟ ଅତିଥୀଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶୁଶ୍ରୀ ଲିଳିତା ଦାସ ଓ ମୂଖ୍ୟ ବକ୍ତାଭାବେ ପ୍ରାଧ୍ୟାପକ ତଥା ଗବେଷକ ଡକ୍ଟର ସର୍ବେଶ୍ୱର ସେଣ, ସମ୍ମାନୀୟ ଅତିଥୀ ଭାବେ ପୌରାଧ୍ୟକ୍ଷା ସରୀତା ସାହୁ ଏବଂ ବରିଷ୍ଠ ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁ ପ୍ରମୂଖ ଯୋଗଦେଇ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତି ମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

# ବେଲପାଳ ସରପଞ୍ଚ ବାଛିଲେ ଉପଜିଲ୍ଲାପାଳ

**ରାଜନଗର, ୮।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ୍ ବେଲପାଳ ପଂଚାୟତର ସରପଞ୍ଚ ମନୋନୟନକୁ ନେଇ ଲାଗି ରହିଥିବା ବିବାଦ ନୂଆ ମୋଡ଼ ନେଇଛି, ଉପଜିଲ୍ଲାପାଳ ଆଜି ୱାର୍ଡ ସଭ୍ୟଙ୍କ ମଧ୍ୟରୁ ଜଣଙ୍କୁ ସରପଂଚ ଭାବେ ଚୟନ କରିଛନ୍ତି। ତିନି ନମ୍ବର ୱାର୍ଡ ସଭ୍ୟା ମାଳତି ବିଶ୍ୱାଳଙ୍କୁ ସରପଂଚ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ପଞ୍ଚାୟତ ରାଜନୀତି ଇତିହାସରେ ସରପଂଚ, ନାଏବ ସରପଂଚ ବାଦ୍ ଜଣେ ୱାର୍ଡ ସଭ୍ୟାଙ୍କୁ ସରପଂଚ ଦାୟିତ୍ୱ ଦିଆଯିବା ଘଟଣା ପ୍ରଥମ ବୋଲି କୁହାଯାଉଛି।

ବେଲପାଳ ସରପଂଚ ତିଲୋତ୍ତମା ବରାଳ ଅନାସ୍ଥା ଭୋଟ୍‌ରେ ହାରିବା ପରେ ନ୍ୟାୟବ ସରପଂଚଙ୍କୁ ଦାୟିତ୍ୱ ମିଳିଥିଲା। କିନ୍ତୁ ଲଗାତାର ତିନିଟି ପଂଚାୟତ ବୈଠକରେ ଅନୁପସ୍ଥିତ ରହିଥିବା କାରଣ ଦର୍ଶାଇ ଜିଲ୍ଲାପାଳ ନାଏବ ସରପଂଚଙ୍କ ସମେତ ସାତ ଜଣ ୱାର୍ଡ ସଭ୍ୟ/ସଭ୍ୟାଙ୍କ ସଭ୍ୟ ପଦ ରଦ୍ଦ କରି ଦେଇଥିଲେ। ଫଳରେ ପଂଚାୟତରେ ସାମ୍ବିଧାନିକ ସଂକଟ ସୃଷ୍ଟି ହେବା ସହିତ ଉନ୍ନୟନମୁଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏଭଳି ସ୍ଥିତିରେ ଗୁରୁବାର ୪ ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କ ମଧ୍ୟରୁ ଜଣଙ୍କୁ ସରପଞ୍ଚ ଦାୟିତ୍ୱ ଦେବା ପାଇଁ ବୈଠକ ଡକାଯାଇଥିଲା। ମାତ୍ର ପଦ ହରାଇଥିବା ନାଏବ ସରପଞ୍ଚଙ୍କ ସମେତ ୭ ଜଣ ୱାର୍ଡ ସଭ୍ୟ ସଭ୍ୟା ପଂଚାୟତ କାର୍ଯ୍ୟଳୟ ଆଗରେ ଧାରଣାରେ ବସିରହିବାରୁ ବୈଠକ ହୋଇ ପାରିନଥିଲା। ପ୍ରଶାସନ ଫେରିଯିବା ପରେ ଆଜି କୌଣସି ବୈଠକ ନ କରି ଉପଜିଲ୍ଲାପାଳ ଚାରି ୱାର୍ଡ ଜଣ ୱାର୍ଡସଭ୍ୟ/ସଭ୍ୟାଙ୍କ ମଧ୍ୟରୁ ତିନି ନମ୍ବର ୱାର୍ଡ ସଭ୍ୟା ଶ୍ରୀମତୀ ବିଶ୍ୱାଳଙ୍କୁ ସରପଂଚ ଦାୟିତ୍ୱ ଅତିରିକ୍ତ ଭାବେ ତୁଲାଇବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଓଡ଼ିଶା ଗ୍ରାମ୍ୟ ପଂଚାୟତ ଆଇନ ୧୯୬୪ ଉପଧାରା ୪ ଓ ଧାରା ୨୧ଅନୁସାରେ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିବା ଚିଠିରେ ଉଲ୍ଲେଖ ରହିଛି। କୌଣସି ବୈଠକ ନ କରି ଚାରି ଜଣଙ୍କ ମଧ୍ୟରୁ ନିର୍ଦ୍ଦିଷ୍ଟ ଭାବେ ଜଣେ ୱାର୍ଡସଭ୍ୟାଙ୍କୁ କେଉଁଆଧାରରେ ଚୟନ କରାଗଲା, ତାହାକୁ ନେଇ ପ୍ରଶ୍ନ ଉଠିବା ସହିତ ପଂଚାୟତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଗୋଟିଏପଟେ ସଭ୍ୟ ପଦ ହରାଇଥିବା ନାଏବ ସରପଂଚ ଓ ଅନ୍ୟ ୱାର୍ଡସଭ୍ୟସଭ୍ୟା ମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ତରବରିଆ ଭାବେ ସରପଞ୍ଚ ନିଯୁକ୍ତି କୁ ପଂଚାୟତବାସୀ ନାପସନନ୍ଦ କରିଛନ୍ତି। ଏହି ଘଟଣା କେବଳ ରାଜନଗର ନୁହେ ସମଗ୍ର ଜିଲାରେ ରାଜନୈତିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲିଟିଛି।

## ଶ୍ରୀ ମୀରା ଆଶ୍ରମର ସପ୍ତମ ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା, ୮।୨ (ସଂଚାର ବ୍ୟୁରୋ):** ଶ୍ରୀମା ଶ୍ରୀ ଅରବିନ୍ଦ ସ୍ମାରକୀ ପୀଠରେ ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ଜିଲ୍ଲାର ପ୍ରାୟ ୭ଶହ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଅନୁଗାମୀ ଯୋଗ ଦେଇଥିଲେ । ଉକ୍ତ ସଭାରେ କଟକ ସ୍ଥିତ ମାତୃଭବନ ରୁ ଆସିଥିବା ପ୍ରସାଦ ତ୍ରିପାଠୀ ଭବିଷ୍ୟରେ ପୃଥିବୀ ଓ ନୂତନ ମାନବ ଜାତିର ପରିପ୍ରକାଶ ସମ୍ବନ୍ଧେ ଏବଂ ଭୁବନେଶ୍ୱର ଖଣ୍ଡଗିରି ସ୍ଥିତ ଶ୍ରୀ ଅରବିନ୍ଦ ଆଶ୍ରମର ମହେନ୍ଦ୍ର ପ୍ରକାଶ ସ୍ୱାଇଁ ଶ୍ରୀ ଅରବିନ୍ଦ ପବିତ୍ର ଗ୍ରନ୍ଥ ସାବିତ୍ରୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ଡ଼ଃ ଧନେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଭବାନୀ ପ୍ରସାଦ ଦାସ ମଂଚ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ନୟନା ବେହେରା, ଜନ୍ମେଜୟ ପ୍ରଧାନ, ସତ୍ୟପ୍ରିୟ ମହାନ୍ତି, ଗୋଲଖି ଚନ୍ଦ୍ର ପରିଡା, ପ୍ରଫୁଲ୍ଲ କୁମାର ଦାସ, ଡ଼ଃ ବ୍ରଜ କିଶୋର ଖଣ୍ଡାଇ ସହଯୋଗ କରିଥିଲେ ।

## ଦଣ୍ଡେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା

**କେନ୍ଦ୍ରାପଡ଼ା, ୮।୨ (ସଂଚାର ବ୍ୟୁରୋ):** ଶ୍ରୀ ବଳଦେବଜୀଉ ମନ୍ଦିର ନିକଟ ଇଚ୍ଛାପୁର ଗ୍ରାମର ଦଣ୍ଡେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମେ ଆଙ୍କୁରା ରୋପଣ ପୁରାତନ ବିଗ୍ରହ ଙ୍କୁ ପାତାଳୀ କରାଯାଇ ଗ୍ରାମର ମହିଳା ମାନଙ୍କ ଚନ୍ଦନ ପୋଖରୀ ମନ୍ତ୍ର ପୂଜିତ ପାଣି ଅଣାଯାଇ କଳସ ଶୋଭାଯାତ୍ରା କରାଯାଇଥିଲା। ବଳଦେବ ଜୀଉ ମନ୍ଦିର ରେ ପୂଜାଅର୍ଚ୍ଚନା ଓ ଆଜ୍ଞାମାଳ ଅଣାଯାଇ ସୂର୍ଯ୍ୟ ପୂଜା ସହ ଯଜ୍ଞ୍ୟ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ତିନି ଦିନ ଧରି ଚାଲୁ ରହିବା ସଙ୍ଗେ ସଙ୍ଗେ ପ୍ରସାଦ ସେବନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ହେବ । ଅନୁଷ୍ଠାନ ତରଫରୁ ନାରାୟଣ ସେଠୀ, କାର୍ତ୍ତିକ ଚନ୍ଦ୍ର ସାହୁ, ଅଭିନାସ ବ୍ରହ୍ମଚାରୀ, ଅକ୍ଷୟ ମେକାପ, ମନୋରଞ୍ଜନ ନାୟକ, ମନୋରଞ୍ଜନ ମହାନ୍ତି, ସନ୍ଦୀପ ସାହୁ, ଶୁକଦେବ ଜେନା, ଅନାଦି ଜେନା ପ୍ରମୁଖ ପରିଚାଳନା କରିଥିଲେ।



ଦିଲ୍ଲୀ ନିର୍ବାଚନରେ ବିଜେପି ବିଜୟ ପରେ ଭୁବନେଶ୍ୱର ବିଜେପି କାର୍ଯ୍ୟାଳୟରେ କାର୍ଯ୍ୟକର୍ତାଙ୍କ ମଧ୍ୟରେ ଖୁସିର ମାହୋଲ

## ଅବକାରୀ କନେଷ୍ଟବଳଙ୍କ ଦୀକ୍ଷାନ୍ତ ସମାରୋହ

# ଧୂଳିସାତ୍ ହେବ ନିଶାଦ୍ରବ୍ୟ କାରବାର: ମନ୍ତ୍ରୀ



**ନୟାଗଡ଼,୮।୨(ସଂଚାର ବ୍ୟୁରୋ):** ରାଜ୍ୟରେ ଚୋରା ମଦ ଓ ଡ୍ରଗ୍ସ ବ୍ୟବସାୟ ବିରୋଧରେ ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୟାଗଡ଼ ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟର ପ୍ରଥମ ବ୍ୟାଚ ଅବକାରୀ କନେଷ୍ଟବଳ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ମତ ବ୍ୟକ୍ତ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଗତକାଲି ଏହି ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଓ ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଅବକାରୀ ଆୟୁକ୍ତ ନରସିଂହ ଭୋଳ ଏବଂ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଯୋଗଦେବା ସହ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ରାଜ୍ୟରେ ଚୋରା ମଦ ଓ ଡ୍ରଗ୍ସର ବ୍ୟବସାୟ ହେବନାହିଁ। ଏଥିପାଇଁ ଏନ୍‌ସିବି, ରାଜ୍ୟ ଅବକାରୀ ଏବଂ ପୁଲିସ ବିଭାଗର ମିଳିତ ଭାବେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ବିଭିନ୍ନ ଅଞ୍ଚଳରେ ୬ ମାସ ମଧ୍ୟରେ ଅବକାରୀ ବିଭାଗର ଘନ ଘନ ଚଢ଼ାଉ ଜାରି ରହିଛି। ବିଶେଷକରି ପ୍ରତି ଜିଲ୍ଲାରେ ଅବକାରୀ ଏନ୍‌ଫୋର୍ସମେଣ୍ଟ ସ୍ୱତନ୍ତ୍ର ଭାବେ କାମ କରିବ। ଯେଉଁମାନେ ଚୋରାରେ ମଦ, ଗଞ୍ଜେଇ କିମ୍ବା ଡ୍ରଗ୍ସ ବ୍ୟବସାୟ କରୁଛନ୍ତି, ସେମାନଙ୍କ କାରବାରକୁ ସମ୍ପୂର୍ଣ୍ଣ ଧୂଳିସାତ୍ କରାଯିବ। ପ୍ରଥମ ଥର ପାଇଁ ପୁଲିସ ଭଳି ଅବକାରୀ କନେଷ୍ଟବଳଙ୍କୁ ମଧ୍ୟ ତାଲିମ ଦେଇ ବିଭିନ୍ନ ନିୟମକାନୁନ ସମ୍ପର୍କରେ ଅବଗତ କରାଯାଇଛି ବୋଲି ମନ୍ତ୍ରୀ କହିବା ସହ ଏଠାରେ ତାଲିମ ପାଇଥିବା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ କରି ସାଧୁତା, ନିଷ୍ଠାପରତାର ସହ କାମ କରିବାକୁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ବର୍ଷ ସେପ୍ଟେମ୍ବରରୁ ପ୍ରଥମ ଥର ପାଇଁ ଅବକାରୀ କନେଷ୍ଟବଳଙ୍କୁ ତାଲିମ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏଥିରେ ୧୮୩ ଜଣ ପୁରୁଷ ଓ ୧୭ ଜଣ ମହିଳା ଏହିପରି ସର୍ବମୋଟ ୨ ଶହ ପ୍ରଶିକ୍ଷାର୍ଥୀଙ୍କୁ ନେଇ ନୟାଗଡ଼ ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟରେ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ସେଥିମଧ୍ୟରୁ ଏବେ ୧୯୬ ଜଣ ପ୍ରଶିକ୍ଷଣରେ ନିୟୋଜିତ ଅଛନ୍ତି। ତାଲିମ ସମୟରେ ନୂତନ ପାଠ୍ୟକ୍ରମ ଅନୁଯାୟୀ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଚାଳନା, ଶାରିରୀକ ଶିକ୍ଷା, ଲାଠିଚାଳନା, ଯୋଗାସନ, ଆତ୍ମସୁରକ୍ଷା, ଯୁଦ୍ଧଭୂମିର କଳା କୌଶଳ ଆଦି ଉପରେ ତାଲିମ ଦିଆଯାଇଛି। ଏଥିସହ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ବିଧି ଅଧିନିୟମ ସମ୍ପର୍କରେ ମଧ୍ୟ ଶିକ୍ଷା ଦିଆଯାଇଛି। ଏହି ଅବସରରେ ପ୍ରଶିକ୍ଷାର୍ଥୀଙ୍କୁ ସେମାନଙ୍କ ବିଭିନ୍ନ କୃତିତ୍ୱ ପାଇଁ ପୁରସ୍କୃତ କରାଯାଇଛି। ପିଟିଏସ୍ ଅଧ୍ୟକ୍ଷ ଭବେଶ କୁମାର ନାୟକଙ୍କୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଶେଷରେ ପ୍ରଶିକ୍ଷାର୍ଥୀମାନେ ଶପଥ ପାଠ କରିଥିଲେ।

# ପାହାଡ଼ ଉପରୁ ମିଳିଲା ଖଣ୍ଡବିଖଣ୍ଡିତ ମୃତଦେହ

**ହତ୍ୟା ଅଭିଯୋଗ, ତଦନ୍ତ ନେଇ ପରିବାର ଲୋକଙ୍କ ଅସନ୍ତୋଷ**

**ବାଲିଗୁଡ଼ା,୮।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଫୁଲବାଣୀ ଟାଉନସ୍ଥିତ ଦଧିବାମନ ସାହିର ଜନୈକ ଦହିବରା ବିକାଳୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଠାବ କରାଯାଇଛି। ତାଙ୍କର ମୃତଦେହରୁ ହାତ ଓ ଗୋଡ଼ ଗାଏବ ହୋଇଯାଇଥିବାରୁ ଦାଶରଥି ସାହୁ ନାମକ ଏହି ଦହିବରା ବିକାଳିଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି। ସେମାନେ ଏହାକୁ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ସହ ବିଧିବଦ୍ଧ ତଦନ୍ତ ପାଇଁ ଦାବି କରିଛନ୍ତି। ମିଳିଥିବା ସୂଚନାନୁସାରେ, ଦାଶରଥୀ ଗତ ୧ ତାରିଖରେ ଦହିବରା ବିକ୍ରି କରିବା ସକାଶେ ପୁରୁଣାକଟକ ଯିବେ ବୋଲି ତାଙ୍କର ଜଣେ ବନ୍ଧୁଙ୍କୁ କହିଥିଲେ। କିନ୍ତୁ ଦହିବରା ବିକିବାକୁ ଯାଇଥିଲେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରିନଥିଲେ। ପରିବାର ଲୋକେ ତାଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ହେଁ ମୋବାଇଲ ମଧ୍ୟ ସୁଇଚ୍ ଅଫ୍ ଥିଲା। ତେଣୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି ଆରମ୍ଭ କରିଦେଇଥିଲେ। ତେବେ ଏଥିରେ ସଫଳ ନ ହେବାରୁ ଶେଷରେ ସେମାନେ ସଦର ଥାନାରେ ନିଖୋଜ ଅଭିଯୋଗ ଦାଏର୍ କରିଥିଲେ। ଏନେଇ ଗତକାଲି ସ୍ଥାନୀୟ ସର୍ଷଗୁଡାର କେତେକ ଯୁବକ ଓଡି-୦୨ବିଏମ୍-୭୦୫୦ ନମ୍ବରବିଶିଷ୍ଟ ଏକ ଲୁନା ସପ୍ତାହେ ହେଲା ପଡ଼ିଥିବା ନେଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ତୁରନ୍ତ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଯଥେଷ୍ଟ ପରିଶ୍ରମ ପରେ ଶେଷରେ ସେମାନେ ପାହାଡ଼ ଉପରେ ହାତ ଗୋଡ଼ ନ' ଥିବା ଅବସ୍ଥାରେ ଦାଶରଥିଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ସଦର ଥାନା ଜଣାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତଦନ୍ତ ସରିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଟ୍ୱିନ୍ ସିଟି କ୍ରାଇମ୍

# ପ୍ରେମିକାକୁ ଅପହରଣ ଅଭିଯୋଗ



**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ଅଭିଯୋଗକାରୀ କହ୍ନେଇ ନାୟକଙ୍କ ଏତଲା ଆଧାରରେ ମୈତ୍ରୀବିହର ଥାନା ପୁଲିସ ମାମଲାର ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଯୋଗ୍ୟ ଯେ, ନାବାଳିକା ପୀଡ଼ିତା ଜଣକ ଅଭିଯୋଗକାରୀଙ୍କ ସାନଭଉଣୀ। ସଂପୃକ୍ତ ପୀଡ଼ିତା ଏବଂ ଅଭିଯୁକ୍ତ ଗତ ଦେଢ଼ବର୍ଷ ହେବ ପରସ୍ପରକୁ ଭଲପାଇ ଆସୁଥିଲେ। ଅଭିଯୁକ୍ତଙ୍କ ସହ ସମ୍ପର୍କକୁ ପୀଡ଼ିତାଙ୍କ ପରିବାର ସଦସ୍ୟ ଗ୍ରହଣ ନକରିବା ସନ୍ଦେହ କରି ଅଭିଯୁକ୍ତ ଜଣକ ତାଙ୍କୁ ଜୋରଜବରଦସ୍ତ ସାଙ୍ଗରେ ନେଇ ସିକନ୍ଦରାବାଦ୍ ଠାରେ ଥିବା ସମ୍ପର୍କୀୟଙ୍କ ଘରକୁ ପଳାଇଯାଇଥିଲେ। ସେଠାରେ ୧୦/୨୦ ଦିନ ରହିବା ପରେ ଭଲ କାମ ଏବଂ ଭଲ ଘର ଉଦ୍ଦେଶ୍ୟରେ ପୀଡ଼ିତାଙ୍କୁ ନେଇ ଅହମ୍ମଦାବାଦ ଚାଲିଯାଇଥିଲେ। ସେଠାରେ ଉଭୟ ୩ମାସ ପର୍ଯ୍ୟନ୍ତ ରହିବା ମଧ୍ୟରେ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କ ସହିତ ଏକାଧିକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ବିଶ୍ୱସ୍ତ ସୂତ୍ରରୁ ଚଢଉ କରି ଅଭିଯୁକ୍ତଙ୍କୁ କାବୁ କରିବା ସହିତ ତାଙ୍କ ହେପାଜତରୁ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ।

# ପୁଅବୋହୂଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲା ଶଶୁର



**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ଅଭିଯୋଗକାରିଣୀ ସୁଜାତା ସାହୁଙ୍କ ଏତଲା ଆଧାରରେ ଖଣ୍ଡଗିରି ଥାନା ପୁଲିସ ମାମଲାର ତଦନ୍ତ କରିବା ସହିତ ଅଭିଯୁକ୍ତ ଶଶୂରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରିଣୀ ଜଣକ ସ୍ୱାମୀ ଏବଂ ଶଶୂରଙ୍କ ସହ ଶୁକବିହାର ଅଞ୍ଚଳରେ ରୁହନ୍ତି। ପାରିବାରିକ ବିବାଦକୁ କେନ୍ଦ୍ରକରି ଅଭିଯୁକ୍ତ ଶଶୂରଙ୍କ ସହ ଉଭୟ ପତିପତ୍ନୀଙ୍କର ନିୟମିତ ଭାବେ କଳହ ଲାଗିରହିଥିଲା। ଅଭିଯୁକ୍ତ ଶଶୂର ଅଭିଯୋଗକାରିଣୀଙ୍କୁ ବୋହୂ ଭାବେ ପାଇ କଦାପି ଖୁସି ନଥିଲେ। ଗତକାଲି ସକାଳେ ପୁନର୍ବାର କଳହ ଲାଗିଥିବା ବେଳେ, ଅଭିଯୁକ୍ତ ଶଶୂର ଉଭୟ ପୁଅ ବୋହୂଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଉତ୍ତେଜିତ ହୋଇ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଉଭୟଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ଉଭୟ ପୁଅ ବୋହୂ ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ପାଖ ପଡୋଶୀ ତଥା ସ୍ଥାନୀୟ ଲୋକ ଘଟଣା ସ୍ଥଳକୁ ଚାଲିଆସିବା ଦେଖି ଅଭିଯୁକ୍ତ ଶଶୂର ସେଠାରୁ ଖସି ପଳାଇ ଯାଇଥିଲେ। ଉଭୟଙ୍କୁ ଘଟଣା ସ୍ଥଳରୁ ତୁରନ୍ତ ଉଦ୍ଧାର କରି ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ଚଢଉ ଜରିଆରେ ଅଭିଯୁକ୍ତ ଶଶୂରଙ୍କୁ ଗିରଫ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

# ଭ୍ରଷ୍ଟ ସରକାର ବିରୋଧରେ ଅସନ୍ତୋଷର ବିସ୍ଫୋରଣ ହୋଇଛି

- ଐତିହାସିକ ବିଜୟ, ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଲେ ରାଜ୍ୟ ସଭାପତି
- ୨୭ ବର୍ଷ ହେବ ଦିଲ୍ଲୀ ଅବହେଳିତ ଅବସ୍ଥାରେ ଥିଲା, ସେଠାରେ ବିକାଶ ନିମ୍ନଗାମୀ ହୋଇଯାଇଥିଲା
- ଆଗାମୀ ୫ ବର୍ଷରେ ଦିଲ୍ଲୀକୁ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବା ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ



**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ଦିଲ୍ଲୀ ବିଧାନସଭା ନିର୍ବାଚନ-୨୦୨୫ରେ ଐତିହାସିକ ବିଜୟ ଲାଭ ପାଇଁ ବିଜେପି କାର୍ଯ୍ୟକର୍ତାଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ ତଥା ମାର୍ଗଦର୍ଶନରେ ଦିଲ୍ଲୀବାସୀ ବିଜେପି ଉପରେ ଆସ୍ଥା ପ୍ରକଟ କରି ବିପୁଳ ଜନ ସମର୍ଥନ ଜଣାଇଛନ୍ତି। ଗତ ୨୭ ବର୍ଷ ହେବ ଦିଲ୍ଲୀ ଅବହେଳିତ ଅବସ୍ଥାରେ ଥିଲା, ସେଠାରେ ବିକାଶ ନିମ୍ନଗାମୀ ହୋଇଯାଇଥିଲା। ଗତ ୧୨ ବର୍ଷ ହେବ ଆପ୍ ସରକାର ବିଭିନ୍ନ ଦୁର୍ନୀତିରେ ବୁଡ଼ି ରହିଥିଲା। ଏନେଇ ଦିଲ୍ଲୀବାସୀଙ୍କ ମନରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିଲା। ତାହାର ବିସ୍ଫୋରଣ ନିର୍ବାଚନରେ ହୋଇଛି। ଶେଷରେ ଆଜି ସରକାର ପରିବର୍ତନ ହୋଇଛି। ବିଜେପିର ଏହି ବିଜୟ ସମସ୍ତଙ୍କୁ ଉତ୍ସାହ ଦେବା ସହ ପ୍ରେରଣା ଯୋଗାଇଛି ବୋଲି ଶ୍ରୀ ସାମଲ କହିଛନ୍ତି। ଦିଲ୍ଲୀକୁ ରାଜ୍ୟ ପାହ୍ୟା ଦେବା ପାଇଁ ଭାରତୀୟ ଜନତା ପାର୍ଟି ଏକ ଲମ୍ବା ସଂଘର୍ଷ କରି ସଫଳ ହୋଇଥିଲା। ଦିଲ୍ଲୀ ରାଜ୍ୟ ପାହ୍ୟା ପାଇବା ପରେ ବିଜେପି ପ୍ରଥମେ ସରକାର ଗଢ଼ିଥିଲା। ଆଗାମୀ ୫ ବର୍ଷ ଭିତରେ ଦିଲ୍ଲୀକୁ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ନୂତନ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ଦେଶର ଯେଉଁ ସବୁ ରାଜ୍ୟରେ ଭାରତୀୟ ଜନତାପାର୍ଟିର ସରକାର ଅଛି, ସେଠାରେ ଯେଉଁଭଳି ଭାବେ ବିକାଶର ଧାରା ଆଗେଇ ଚାଲିଛି ସେଭଳି ଭାବେ ଦିଲ୍ଲୀ ମଧ୍ୟ ଆଗେଇବ। ଏହି ଐତିହାସିକ ବିଜୟ ପାଇଁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜେ.ପି.ନଡ୍ଡା, ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହା, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ନୂଆ ଦିଲ୍ଲୀ ନିର୍ବାଚନ ପ୍ରଭାରୀ ଶ୍ରୀ ବୈଜୟନ୍ତ ପଣ୍ଡା ସମେତ ସମସ୍ତ କାର୍ଯ୍ୟକର୍ତାଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଖେଳରେ ହାରିବାରୁ ଯୁବକଙ୍କ ତଣ୍ଟି କାଟିଲା ଦୁର୍ବୃତ୍ତ



**ନିମାପଡା,୮।୨(ସଂଚାର ବ୍ୟୁରୋ):** ତାସ୍ ଖେଳରେ ହାର୍‌ଜିତ୍‌କୁ ନେଇ ତୁମୁଳ କାଣ୍ଡ। ଯୁବକଙ୍କ ତଣ୍ଟି କାଟିଲା ଦୁର୍ବୃତ୍ତ । ପୁରୀ ଜିଲ୍ଲା ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ପାଟପୁର ମଲ୍ଲିକ ସାହି ଛକରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ । ତାସ୍ ଖେଳରେ ହାର୍ ଜିତ୍‌କୁ ନେଇ ନିଶାସକ୍ତ ଅବସ୍ଥାରେ ଯୁବକଙ୍କ ବେକ କାଟି ଦେଇଛି ଦୁର୍ବୃତ୍ତ । ଘଟଣା ୨ ଦିନ ତଳର । ମଲ୍ଲିକ ସାହି ଗାଁର ଅଜୟ ମଲ୍ଲିକ ଘର ସାମ୍ନାରେ ଥିବା ଏକ ସ୍ଥାନରେ ଜଗୁ ଓରଫ ଏସ.କେ ସଲିମ ସହ ମିଶି ତାସ୍ ଖେଳୁଥିଲେ । କିଛି ସମୟ ମଧ୍ୟରେ ହାର ଜିତକୁ ନେଇ ୨ଜଣଙ୍କ ମଧ୍ୟରେ ଝଗଡା ହୋଇଥିଲା ।ଏଥିରେ ରାଗିଯାଇ ନିଶାସକ୍ତ ଅବସ୍ଥାରେ ଥିବା ଜଗୁ ଓରଫ ଏସ କେ ସଲିମ୍ ଏକ ଭଙ୍ଗା କାଚ ମାଧ୍ୟମରେ ଅଜୟଙ୍କ ବେକକୁ ବାରମ୍ବାର ଆକ୍ରମଣ କରିଥିଲା । ଅଜୟଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଅଧିକ ସଙ୍କଟାପର୍ଣ୍ଣ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଘଟଣା ସଂପର୍କରେ ପରିବାର ଲୋକେ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରେ କେସ ନମ୍ବର ୩୪/୨୫ରେ ଏକ ମାମଲା ରୁଜୁ କରିବା ସହ ଆକ୍ରମଣକାରୀ ଜଗୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ଦୁର୍ବୃତ୍ତକୁ କାବୁ କରି ଘଟଣା ସ୍ଥଳକୁ ନେଇ ଆଉଥରେ କ୍ରାଇମ୍ ରି କ୍ରିଏସନ୍ କରିବା ସହିତ କୋର୍ଟ ଚାଲାଣ କରିଛି।

## ପଣ୍ୟାଗାର ନିଗମ କର୍ମଚାରୀ ମହାସଂଘର ବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଆଜି ଅଖିଳ ଭାରତ ରାଜ୍ୟ ପଣ୍ୟାଗାର ନିଗମ କର୍ମଚାରୀ ମହାସଂଘର ସପ୍ତମ ବାର୍ଷିକ ସମ୍ମିଳନୀ ଓ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ କର୍ମଚାରୀ ସଂଘର ୩୮ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ୟାଗାର ନିଗମର ସମୃଦ୍ଧି ପାଇଁ କର୍ମଚାରୀମାନଙ୍କୁ ନୀତିନିଷ୍ଠ ସରକାରୀ କର୍ତ୍ତବ୍ୟ ସମ୍ପାଦନ ପାଇଁ ଆହ୍ୱାନ ଦେଇଛନ୍ତି। କର୍ମଚାରୀ ସଂଗ୍ରାମ ସମିତିର ପ୍ରତିଷ୍ଠାତା ନଳିନୀ ରଞ୍ଜନ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଡକ୍ଟର ଗଣେଶ୍ୱର ଜେନା, ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି, ସର୍ବଭାରତୀୟ ସରକାରୀ କର୍ମଚାରୀ ଫେଡେରେସନର ସାଧାରଣ ସମ୍ପାଦକ ଏ ଶ୍ରୀକୁମାର, ପଞ୍ଜାବ ପଣ୍ୟାଗାର ନିଗମର ବିନୟ କୁମାର ଶର୍ମା, ରାଜସ୍ଥାନ ପଣ୍ୟାଗାର ନିଗମର ଅମରନାଥ ଶର୍ମା, ମହାସଚିବ ସୁନିଲ ସିଂ ପ୍ରମୁଖ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥିମାନଙ୍କୁ ମହାସଂଘର ମହାସଚିବ ପ୍ରଭାତ କୁମାର ପରିଡ଼ା ସମ୍ବର୍ଦ୍ଧିତ କରିଥିଲେ। ସାଧାରଣ ସମ୍ପାଦକ ଜ୍ୟୋତ୍ସ୍ନାମୟୀ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ଗ୍ରାମସଭା ବିନାନୁମୋଦନରେ ଖଣି ସର୍ଭେକୁ ବିରୋଧ



**ଦାରିଙ୍ଗବାଡ଼ି,୮।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଞ୍ଚାୟତର ବିଜାଲି ଗ୍ରାମରେ ଖଣି ସର୍ଭେକୁ ନେଇ ଅନେକ ଆଶଙ୍କା ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କୁ କୌଣସି ସୂଚନା ନ ଦେଇ ଗ୍ରାମରେ କେତେକ ଅଜଣା ବ୍ୟକ୍ତି ପହଞ୍ଚି ନିକଟସ୍ଥ ଗ୍ରାମର କିଛି ଦିନମଜୁରିଆଙ୍କୁ ଧରି ସର୍ଭେ ଚଳାଇଥିବାରୁ ସ୍ଥାନୀୟ ଲୋକେ ଏନେଇ ଭୟଭୀତ ହୋଇପଡ଼ିଛନ୍ତି। ଫଳସ୍ୱରୂପ ଗାଁଲୋକେ ଏପରି ସର୍ଭେକୁ ବିରୋଧ କରିଛନ୍ତି। ତେବେ ଲୋକଙ୍କ ବିରୋଧ ପରେ ସର୍ଭେ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନେ ଗାଁରେ ଖଣି ଖୋଲା ହେଲେ ତୁମର ଉନ୍ନତି ହେବ ଓ ଗାଁର ପାଠପଢ଼ା ପିଲା ଚାକିରି ପାଇବେ ବୋଲି କହିଛନ୍ତି। କିନ୍ତୁ ଗାଁଲୋକେ ସେମାନଙ୍କ କଥାରେ ଏକମତ ନ ହେବାରୁ ବ୍ରାହ୍ମଣୀଗାଁ ରାଜସ୍ୱ ଅଧିକାରୀ ଓ ଥାନାଧିକାରୀ ଗାଁଲୋକଙ୍କୁ ଡାକି ସର୍ଭେ ଦଳକୁ ସହଯୋଗ କରିବାକୁ କହିଥିଲେ। କିନ୍ତୁ କନ୍ଧମାଳ ଜିଲା ଏକ ଅନୁସୂଚିତ ଅଞ୍ଚଳ ହୋଇଥିବାରୁ ଗ୍ରାମସଭାର ଅନୁମୋଦନ ବିନା ଏଠି କୌଣସି ବିକାଶମୂଳକ କାମ ହୋଇପାରିବ ନାହିଁ, ସର୍ଭେ ବନ୍ଦ କରାଯାଉ ବୋଲି ଲୋକେ ସର୍ବସମ୍ମତ କ୍ରମେ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତିର ଏକ ନକଲ ଜିଲାପାଳଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଓ ଜିଲାର ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ୱାର୍ଡ ସଭ୍ୟା ସସ୍ମିତା ମଲିକ, ଜଙ୍ଗଲ ଅଧିକାର କମିଟି ସଭାପତି ସନା ମଲିକ, ସମ୍ପାଦକ ପାତ୍ର ମଲିକ କହିଛନ୍ତି। ସୂଚନାଯୋଗ୍ୟ ଯେ ଉକ୍ତ ପଞ୍ଚାୟତର କୁମ୍ଭାରୀପଦର ଗ୍ରାମରେ ତିତିଲି, ହୁଡ଼ହୁଡ଼ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବାରମ୍ବାର ଭୂସ୍ଖଳନ ଘଟଣା ସାମ୍ନାକୁ ଆସିଥିଲା। ପ୍ରତିବର୍ଷ ବାତ୍ୟା କିମ୍ବା ଲଘୁଚାପଜନିତ ବର୍ଷା କାରଣରୁ ଉକ୍ତ ଅଞ୍ଚଳରେ କ୍ରମାଗତ ଭୂସ୍ଖଳନ ହେଉଥିବାରୁ ଏହାକୁ ନେଇ ଜିଲା ପ୍ରଶାସନ ଚିନ୍ତା ପ୍ରକଟ କରିଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଭୂତତ୍ତ୍ୱ ବିଭାଗ ପକ୍ଷରୁ କୁମ୍ଭାରୀପଦରରେ ମାଟି, ବାଲି, ପଥର ଆଦି ପରୀକ୍ଷା ପାଇଁ ପଠାଯାଇଥିଲା। ସେଠାରେ ବକ୍ସାଇଟ ଭଳି ଖଣିଜ ପଦାର୍ଥ ଥିବା ଅନୁମାନ କରିବା ସହ ଭୂତତ୍ତ୍ୱବିଦ୍‌ମାନେ କୁମ୍ଭାରୀପଦର ସହ ବିଜାଲି ଓ ଅନ୍ୟାନ୍ୟ ଅଞ୍ଚଳକୁ ବାରମ୍ବାର ପରିଦର୍ଶନ କରୁଛନ୍ତି। ସଦ୍ୟ ସର୍ଭେ ମଧ୍ୟ ଏହି ଭୂତତ୍ତ୍ୱବିଦ୍‌ମାନଙ୍କ ଦ୍ୱାରା କରାଯାଉଥିବା ସନ୍ଦେହ କରି ଅଞ୍ଚଳବାସୀ ଭୟଭୀତ ହେବା ସହ କୌଣସି ପ୍ରକାର ସର୍ଭେ ପୂର୍ବରୁ ଗ୍ରାମସଭାର ଅନୁମୋଦନ ନେବାକୁ ଦାବି କରିଛନ୍ତି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୋମାମାଡ଼ : ବ୍ୟବସାୟୀ ଗୁରୁତର

**ନୟାଗଡ଼,୮।୨(ସଂଚାର ବ୍ୟୁରୋ):** ନୟାଗଡ଼ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୋମାମାଡ଼। ରାଜସୁନାଖଳା ପେଟ୍ରୋଲ ପମ୍ପ ନିକଟରେ ଯୁବ ବ୍ୟବସାୟୀଙ୍କୁ ବୋମାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଘରକୁ ଫେରିବା ବେଳେ ଏହି ଆକ୍ରମଣ ହୋଇଛି। ଗୁରୁତର ଭାବେ ଆହତ ହୋଇଥିବା ବ୍ୟବସାୟୀଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି। ରାଜସୁନାଖଳା ପୁଲିସ ଆକ୍ରମଣ ଘଟଣାର ତନାଘନା ଆରମ୍ଭ କରିଛି।

# ଗଛରେ ପିଟିହେଲା ବାଇକ୍: ୩ ମୃତ



**ମୟୂରଭଞ୍ଜ,୮।୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ଶୂଳିଆପଦା ଥାନା ଅନ୍ତର୍ଗତ ବାଘଡ଼ା ପଞ୍ଚାୟତରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିବା ଫଳରେ ଏଥିରେ ୩ ଜଣ ଯାତ୍ରୀଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ତିନିଯାକ ବାଇକ୍‌ରେ ଯାତ୍ରା କରୁଥିଲେ। ବାଘଡ଼ା ପଞ୍ଚାୟତର ଡିମିଆଠାରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ସିଙ୍ଗଡ଼ା ଭୀମ ମେଳାରେ ଘଟ ଉତ୍ତୋଳନ ସାରି ୩ ଜଣ ଯୁବକ ବାଇକ୍ ଯୋଗେ ଫେରୁଥିବା ସମୟରେ ଅଚାନକ ଚାଳକ ଜଣଙ୍କ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛ ସହ ପିଟି ହୋଇଯାଇଥିଲେ। ତୁରନ୍ତ ସେମାନଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ମୃତକମାନଙ୍କ ପରିଚୟ କିମ୍ବା ସେମାନଙ୍କ ସମ୍ପର୍କରେ କୌଣସି ବିଶେଷ ସୂଚନା ମିଳିପାରିନାହିଁ।

## ଜଙ୍ଗଲରୁ ଉଦ୍ଧାର ହେଲା ଦୁଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ



**କାଲିମେଲା,୮।୨(ସଂଚାର ବ୍ୟୁରୋ):** ଜଙ୍ଗଲରୁ ଉଦ୍ଧାର ହେଲା ଦୁଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ। ମାଲକାନଗିରି ଜିଲ୍ଲା ସୀମାନ୍ତ ମୋଟୁ ଥାନା ମାନ୍ୟମକୋଣ୍ଡା ପଞ୍ଚାୟତର ଏମପିଭି-୪୧ ଗାଁରେ ଅଭାବନୀୟ ଘଟଣା ଘଟିଛି । ସ୍କୁଲ ୟୁନିଫର୍ମ ପିନ୍ଧା ଅବସ୍ଥାରେ ଦୁହିଁଙ୍କ ମୃତଦେହ ଉଦ୍ଧାର ହୋଇଛି । ଉଭୟ ଛାତ୍ରୀଙ୍କ ପରିଚୟ ମିଳିପାରିନାହିଁ। ସ୍କୁଲ ବ୍ୟାଗ, ଚପଲ, ଏଣେ ତେଣେ ପଡିରହିଛି । ଘଟଣାସ୍ଥଳରେ ମୋଟୁ ଥାନା ପୋଲିସ ମୃତୟନ ହୋଇଛନ୍ତି । କୋରାପୁଟରୁ ସାଇଣ୍ଟିପିକ ଟିମ ଆସି ତଦନ୍ତ କରିବ ବୋଲି ସୂଚନା ଦେଇଛନ୍ତି ମୋଟୁ ଥାନା ଅଧିକାରୀ ।

# ବାଲି ଚୋରି ରୋକିବାକୁ ପ୍ରଶାସନର ପ୍ରୟାସ



**ମୟୂରଭଞ୍ଜ,୮।୨(ସଂଚାର ବ୍ୟୁରୋ):** ବାଲି ଚୋରି ରୋକିବା ପାଇଁ ରାସ୍ତା ଖୋଲିଦେଲା ପ୍ରଶାସନ। କାହାକୁ ଖାତିର ନକରି ଭରା ନଦୀରୁ ବାଲି ଚୋରି କରି ନେଉଥିଲେ ମାଫିଆ । ଯେତେ ବାରଣ କଲେ ବି ମାନିଲେ ନାହିଁ । ବାଲି ଲୁଟ୍‌ରେ ବ୍ରେକ୍ ଲାଗି ପାରୁନାହିଁ। ବେଆଇନ୍ ଭାବେ ନିଲାମ ନଥାଇ ଘାଟରୁ ବାଲି ଉତ୍ତୋଳନ କରି ମାଫିଆ ମାଲାମାଲ ହେଉଛନ୍ତି । ଆଉ ସରକାର ରାଜସ୍ୱ ହରାଉଛନ୍ତି । ବାରମ୍ବାର ଅଭିଯୋଗ ହେବା ପରେ ଆଜି ବେଆଇନ ବାଲି ଘାଟରେ ପହଞ୍ଚି ମାଇନିଂ ବିଭାଗ ଏବଂ ତହସିଲଦାର ବାଲିଘାଟ ରାସ୍ତାକୁ ଖୋଲି ଦେଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ଉଦଳା ତହସିଲ ଅଧିନ ରାଇଦାଣ୍ଡିଆ ଠାରେ ସୋନ ନଦୀରେ ବେଆଇନ ବାଲିଘାଟରୁ ବାଲି ଉତ୍ତୋଳନ ହେଉଛି । ଆଜି ଉଦଳା ତହସିଲଦାରଙ୍କ ସମେତ ଉଦଳା ପୋଲିସ ଓ ମାଇନିଂ ବିଭାଗ ଅଧିକାରୀ ମିଳିତ ଭାବେ ଘାଟରେ ଚଢ଼ାଉ କରିଥିଲେ । ନଦୀରୁ ବାଲି ବୋଝେଇ ଗାଡ଼ି ବାହାରିବାକୁ ଥିବା ରାସ୍ତାକୁ ଜେସିବି ସହାୟତାରେ ଖୋଲି ଦେଇଛନ୍ତି । ବାଲି ଚୋରା ଚାଲାଣ ରୋକିବା ପାଇଁ ଏଭଳି କରାଯାଇଥିବା କହିଛନ୍ତି ମାଇନିଂ ଅଧିକାରୀ ।



# ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ ଓଡ଼ିଶାକୁ ମଞ୍ଜୁରୀ

**ଭୁବନେଶ୍ୱର,୮।୨:** ପ୍ରଧାନମନ୍ତ୍ରୀ କିଷାନ ସମ୍ପଦ ଯୋଜନାରେ ଗତବର୍ଷ ଶେଷ ସୁଦ୍ଧା ଓଡିଶା ପାଇଁ ୨ଟି ମେଗା ଫୁଡ୍ ପାର୍କ, ୯ଟି କୋଲ୍ଡ ଚେନ୍ ପ୍ରକଳ୍ପ, ଗୋଟିଏ କୃଷି-ପ୍ରକ୍ରିୟାକରଣ କ୍ଲଷ୍ଟର ଏବଂ ୯ଟି ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ମଞ୍ଜୁର ହୋଇଛି। ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ରଭନୀତ୍ ସିଂହ। କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଗତବର୍ଷ ଶେଷ ସୁଦ୍ଧା ଓଡିଶାକୁ ମୋଟ୍ ୧୭୮୯ଟି କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ମଞ୍ଜୁର ହୋଇଛି। ଏହି ଛୋଟ ଛୋଟ ଶିଳ୍ପଗୁଡିକ ପିଏମ୍‌ଏଫ୍‌ଏମ୍‌ଇ ଯୋଜନାରେ ମଞ୍ଜୁର କରାଯାଇଛି। ଏହାବାଦ୍ ପିଏଲ୍‌ଆଇଏସଏଫ୍‌ପିଆଇ ଯୋଜନାରେ ଓଡିଶା ପାଇଁ ୫ଟି ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀକୁ ମଞ୍ଜୁର କରାଯାଇଛି।

ପ୍ରଧାନମନ୍ତ୍ରୀ କୃଷି ସମ୍ପଦ ଯୋଜନାରେ କୋଲ୍ଡ ଚେନ୍ ପ୍ରତିଷ୍ଠା ପାଇଁ ସାଧାରଣ ଅଞ୍ଚଳରେ ପ୍ରକଳ୍ପ ଉପରେ ୩୫ ପ୍ରତିଶତ ଓ ସର୍ବାଧିକ ୧୦ କୋଟି ଟଙ୍କାର ସହାୟତା ଥିବାବେଳେ ଅପହଞ୍ଚ ଅଞ୍ଚଳ, ଏସ୍‌ସି/ଏସ୍‌ଟି, କୃଷକ ସଂଗଠନ ଓ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଏହି ସହାୟତା ୫୦ ପ୍ରତିଶତ ଏବଂ ସର୍ବାଧିକ ୧୦ କୋଟି ଟଙ୍କା ରହିଛି। ସେହିଭଳି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ ଏହି ଦୁଇ ଅଞ୍ଚଳ ପାଇଁ ଅନୁଦାନ ପରିମାଣ ଯଥାକ୍ରମେ ୩୫ ପ୍ରତିଶତ ଓ ସର୍ବାଧିକ ୫ କୋଟି ଟଙ୍କା ଏବଂ ୫୦ ପ୍ରତିଶତ ଓ ସର୍ବାଧିକ ୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। କୃଷି ପ୍ରକ୍ରିୟାକରଣ କ୍ଲଷ୍ଟର ପାଇଁ କୋଲ୍ଡ ଚେନ୍ ଆଧାରରେ ଅର୍ଥ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି। ଖାଦ୍ୟ ସୁରକ୍ଷା ଏବଂ ଗୁଣମାନ ପରୀକ୍ଷା ପାଇଁ ପରୀକ୍ଷାଗାର ସ୍ଥାପନ ନିମନ୍ତେ ସରକାରୀ ସଂସ୍ଥାଗୁଡିକୁ ଶତପ୍ରତିଶତ ସହାୟତା ଯୋଗାଇ ଦିଆଯାଉଥିବାବେଳେ ବେସରକାରୀ ସଂସ୍ଥା ପାଇଁ ଏହା ୫୦ ପ୍ରତିଶତ ରହିଛି। ତେବେ ଅପହଞ୍ଚ ଇଲାକାରେ ଘରୋଇ ସଂସ୍ଥାମାନେ ଏଭଳି ପରୀକ୍ଷାଗାର ନିର୍ମାଣ କଲେ ସେମାନେ ୭୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ପାଇପାରିବେ ବୋଲି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ କହିଛନ୍ତି। ପିଏମଏଫ୍‌ଏମ୍‌ଇ ଯୋଜନାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ କଲେ ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଭିତ୍ତିକ ଅଣୁ ଶିଳ୍ପ ପାଇଁ ୩୫ ପ୍ରତିଶତ ଏବଂ ସର୍ବାଧିକ ୧୦ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକ ଏଥିପାଇଁ ଆଗେଇ ଆସିଲେ ସେମାନଙ୍କୁ ମୂଳ ପୁଞ୍ଜି ବାବଦରେ ୪୦ ହଜାର ଟଙ୍କା ଯୋଗାଇ ଦିଆଯିବା ସହିତ ଯନ୍ତ୍ରପାତି ଆଦି କିଣିବା ପାଇଁ ସ୍ୱୟଂ ସହାୟିକା ଗୋଷ୍ଠି ମହାସଂଘକୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି। ସାଧାରଣ ଭିତ୍ତିଭୂମି ସୃଷ୍ଟି ପାଇଁ ମୂଳ ଜମା ଉପରେ ୩୫ ପ୍ରତିଶତ କିମ୍ବା ସର୍ବାଧିକ ୩ କୋଟି ଟଙ୍କାର ସହାୟତା କୃଷକ ସଂଗଠନ, ଏସଏଚ୍‌ଜି, ସମବାୟ ଓ ସରକାରୀ ସଂସ୍ଥାଗୁଡିକ ଯୋଗାଇ ଦିଆଯାଉଛି। ଏହାକୁ ସାଧାରଣ ଲୋକେ ବ୍ୟବହାର କରିପାରିବେ। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରୁ ଉତ୍ପାଦିତ ସାମଗ୍ରୀର ବ୍ରାଣ୍ଡିଂ ଓ ବଜାର ସହାୟତା ପାଇଁ କୃଷକ ସଂଗଠନ, ଏସଏଚଜି, ସମବାୟ ସଂସ୍ଥା ଆଦିକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି। ସେହିଭଳି ଏହି ଶିଳ୍ପରେ କାର୍ଯ୍ୟରତ ଶ୍ରମିକମାନଙ୍କ ଦକ୍ଷତା ବୃଦ୍ଧି ଲାଗି ମଧ୍ୟ ତାଲିମ ପ୍ରଦାନ କରାଯାଉଥିବା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି। (ତଥ୍ୟ)

# ଗାଁରେ ପାଗଳ ବିଲୁଆ ଆତଙ୍କ



**କାକଟପୁର,୮।୨(ସଂଚାର ବ୍ୟୁରୋ):** ବାଜପୁରର କୃଷ୍ଣନଗର ପାଟଣା ଗ୍ରାମରେ ପାଗଳ ବିଲୁଆ ଆତଙ୍କରେ ଆତଙ୍କିତ ଗ୍ରାମବାସୀ । ପାଗଳ ବିଲୁଆ ଦୁଇଟି ଗାଁ ଭିତରେ ପଶି ଲୋକଙ୍କୁ ଆକ୍ରମଣ କରିବାକୁ ଉଦ୍ୟମକରିବା ବେଳେ ଲୋକେ ଘରେ ପଶିଯାଇଥିଲେ । ଶେଷରେ ବିଲୁଆ ଏକ ବିଦ୍ୟାଳୟ ଅଙ୍ଗନବାଡି କେନ୍ଦ୍ର ଭିତରକୁ ପଶିଯାଇଥିଲା। ଶେଷରେ ଶିକ୍ଷକ ମାନେ ଘରେ ତାଲା ପକାଇ ପିଲାଙ୍କୁ ପାଠ ପଢାଇଲେ । କୃଷ୍ଣନଗର ପଟଣାରେ ବିଲୁଆ ଆତଙ୍କରେ କୋକୁଆଭୟରେ ଥିବା ବେଳେ ବନ ବିଭାଗ ଏପର୍ଯ୍ୟନ୍ତ ବିଲୁଆକୁ କାବୁ କରିନାହାନ୍ତି।

# ବିଜେପିର ଦିଲ୍ଲୀ ଦଖଲ

କିଛି ବର୍ଷ ତଳେ ଭାରତୀୟ ରାଜନୀତିରେ ଏକ ନୂତନ ଆଶାର କିରଣ ଦେଖିବାକୁ ମିଳିଥିଲା। ଏକ ଭିନ୍ନ ସ୍ୱାଦର ରାଜନୀତିର ସଙ୍କେତ ମିଳିଥିଲା। ସାଧାରଣ ଲୋକଙ୍କ କଥା ବୁଝିବା ଏବଂ ଶୁଣିବା ପାଇଁ ଜଣେ ପ୍ରସ୍ତୁତ ଜଣେ ନେତାଙ୍କ ଆବିର୍ଭାବ ହୋଇଥିଲା। ସେ ଥିଲେ ଆନ୍ନା ହାଜାରେଙ୍କ ପଟ୍ଟଶିଷ୍ୟଭାବେ ନିଜକୁ ପରିଚିତ କରି ଲୋକଙ୍କ ବିଶ୍ୱାସ ଜିତିଥିବା ପୂର୍ବତନ ଆୟକର ଅଧିକାରୀ ଅରବିନ୍ଦ କେଜରିୱାଲ। ଦିଲ୍ଲୀବାସୀ ତାଙ୍କୁ ୧୦ ବର୍ଷ କାଳ ଶାସନ କ୍ଷମତା ପ୍ରଦାନ କରିଥିଲେ। ତାଙ୍କ ଦଳ ଆମ ଆଦମୀ ପାର୍ଟି (ଆପ) ଦିଲ୍ଲୀ ପରେ ପଞ୍ଜାବରେ ମଧ୍ୟ ବିଜୟୀ ହୋଇ କ୍ଷମତା ଦଖଲ କରିଛି। ଜାତୀୟ ରାଜନୀତିରେ ଏକ ବିକଳ୍ପ ରାଜନୈତିକ ଶକ୍ତି ଭାବେ ନିଜକୁ ପ୍ରତିଷ୍ଠା କରିଥିଲା ଆପ। କିନ୍ତୁ ସଦ୍ୟ ସମାପ୍ତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏହା ପରାଜିତ ହୋଇଛି। ନିଜେ ଅରବିନ୍ଦ କେଜରିୱାଲ ଏହି ନିର୍ବାଚନରେ ଶୋଚନୀୟ ଭାବେ ପରାଜିତ ହୋଇଛନ୍ତି। କ୍ରମାଗତ ୬ଟି ନିର୍ବାଚନରେ ପରାଜିତ ହେବା ପରେ ସପ୍ତମ ଉଦ୍ୟମରେ ବିଜେପି ବିଜୟୀ ହୋଇ ଦିଲ୍ଲୀରେ କ୍ଷମତା ଦଖଲ କରିବାକୁ ଯାଉଛି। ଦୀର୍ଘ ୨୭ ବର୍ଷ ପରେ ବିଜେପି ଦିଲ୍ଲୀ ବିଧାନସଭାରେ କ୍ଷମତାକୁ ଫେରିଛି। ଏହା କିଛି କମ ବଡ଼ ସଫଳତା ନୁହେଁ। ଏକଦା ଦିଲ୍ଲୀ ବିଜେପିର ଏକ ଗଡ଼ ଥିଲା। ୧୯୯୮ରେ ଶେଷଥର ପାଇଁ ଦିଲ୍ଲୀରେ ବିଜେପି ସରକାର ଥିଲା। ସୁଷମା ସ୍ୱରାଜ ଥିଲେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ। ଏହା ପରେ ଦିଲ୍ଲୀରେ କଂଗ୍ରେସର ବିଜୟ ଅଭିଯାନ ଆରମ୍ଭ ହୋଇଥିଲା। ସାରା ଦେଶରେ କଂଗ୍ରେସ ପରାଜିତ ହେଉଥିବା ବେଳେ ଦିଲ୍ଲୀରେ ଶୀଲା ଦୀକ୍ଷିତଙ୍କ ନେତୃତ୍ୱରେ କଂଗ୍ରେସ କ୍ରମାଗତ ତିନି ଥର ବିଜୟୀ ହୋଇଥିଲା। ଶୀଲା ଦୀକ୍ଷିତଙ୍କ ନେତୃତ୍ୱ ଓ ବ୍ୟକ୍ତିତ୍ୱ କଂଗ୍ରେସର ବିଜୟ ପଛରେ ମୁଖ୍ୟ କାରଣ ଥିଲା। କିନ୍ତୁ ନିର୍ଭୟା ଘଟଣା ଦିଲ୍ଲୀରେ କଂଗ୍ରେସକୁ ତଳିତଳାନ୍ତ କରିଦେଲା। କଂଗ୍ରେସର ପରାଜୟ ପରେ ବିଜେପି କ୍ଷମତାକୁ ଫେରିବ ବୋଲି ଆଶା କରିଥିଲା। କିନ୍ତୁ କଂଗ୍ରେସ ଓ ବିଜେପି ମଝିରେ କ୍ଷମତା କେନ୍ଦ୍ରରେ ଆଉ ଏକ ଶକ୍ତିର ଆବିର୍ଭାବ ହେଲା। ଦିଲ୍ଲୀରେ ଏକ ତୃତୀୟ ଶକ୍ତିର ଅଭ୍ୟୁଦୟ ଉଭୟ କଂଗ୍ରେସ ଏବଂ ବିଜେପି ପାଇଁ ମହଙ୍ଗା ପଡ଼ିଥିଲା। ତାହା ଥିଲା ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱରେ ଆମ ଆଦମୀ ପାର୍ଟି। ୨୦୧୪ରେ ଆପ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ସଂଖ୍ୟାଗରିଷ୍ଠତା ହାସଲରେ ବିଫଳ ହୋଇଥିଲା। କଂଗ୍ରେସ ସମର୍ଥନରେ ଆପ ମାତ୍ର ୪୮ ଦିନ କ୍ଷମତାରେ ରହିବା ପରେ ଇସ୍ତଫା ଦେଇଥିଲେ। ୨୦୧୫ ନିର୍ବାଚନରେ ଦିଲ୍ଲୀର ଜନାଦେଶ ସ୍ପଷ୍ଟ ଭାବେ କେଜରିୱାଲଙ୍କ ସପକ୍ଷରେ ଯାଇଥିଲା। ୭୦ ଆସନରୁ ଆପ ୬୭ ଆସନ ପାଇଥିଲା। ଲୋକଙ୍କୁ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି, ମହିଳାଙ୍କୁ ମାଗଣା ବସ ଯାତ୍ରା ସୁଯୋଗ ଏବଂ ବସ୍ତିବାସିନ୍ଦାଙ୍କୁ ମାଗଣା ଫ୍ଲାଟ ଯୋଗାଇବା ଭଳି ଲୋଭନୀୟ ପ୍ରତିଶ୍ରୁତି ଦେଇ କେଜରିୱାଲ ୨୦୨୦ରେ ମଧ୍ୟ କ୍ଷମତା ଦଖଲ କରିବାରେ ସଫଳ ହୋଇଥିଲା। କିନ୍ତୁ ବିଗତ ୫ ବର୍ଷ ଭିତରେ କେଜରିୱାଲଙ୍କ ସରକାର ବିରୋଧରେ ଆସିଥିଲା ବଡ଼ ଦୁର୍ନୀତି ଅଭିଯୋଗ। ଏହା ହିଁ ଚଳିତ ନିର୍ବାଚନର ବଡ଼ ପ୍ରସଙ୍ଗ ହୋଇଥିଲା। ଦିଲ୍ଲୀ ସରକାରଙ୍କ ମଦ ଦୁର୍ନୀତିକୁ ବିଜେପି ଏହି ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ କରିଥିଲେ। ନିଜେ କେଜରିୱାଲ ଏବଂ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ ମଦ ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗକ୍ରମେ ଗିରଫ ହୋଇ ଜେଲ ଯାଇଥିଲେ। ଉଭୟେ ଏବେ ଜାମିନରେ ଅଛନ୍ତି। ସତ୍ୟେନ୍ଦ୍ର ଜୈନ, ସଞ୍ଜୟ ସିଂହଙ୍କ ଭଳି ଆପ ନେତା ମଧ୍ୟ ଜେଲ ଯାଇଥିଲେ। ଏଥର ନିର୍ବାଚନରେ ବିଜେପି ସହିତ କଂଗ୍ରେସ ମଧ୍ୟ ଆପ ବିରୋଧରେ ମଦ ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରିଥିଲେ। ଏହା ସହିତ ବିଗତ ୧୦ ବର୍ଷ ଭିତରେ ଦିଲ୍ଲୀର ବିକାଶରେ ଆପ ସରକାରଙ୍କ ବିଫଳତାକୁ ମଧ୍ୟ ବିଜେପି ପ୍ରସଙ୍ଗ କରିଥିଲା। ଦିଲ୍ଲୀର ପ୍ରଦୂଷଣ ସମସ୍ୟା ବିଶେଷ କରି ଯମୁନା ନଦୀର ଜଳ ବିଷାକ୍ତ ହେବା ଘଟଣା ଏଥର ନିର୍ବାଚନରେ ବଡ଼ ପ୍ରସଙ୍ଗ ଥିଲା। ଯମୁନାରେ ହରିୟାନା ସରକାର ବିଷ ମିଶାଉଛନ୍ତି ବୋଲି କେଜରିୱାଲଙ୍କ ଅଭିଯୋଗ ତାଙ୍କ ପାଇଁ ବୁମେରାଂ ହେଲା। ତାଙ୍କର ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ଲୋକେ ପସନ୍ଦ କଲେନି। ଦିଲ୍ଲୀରେ ସରକାରୀ କର୍ମଚାରୀ ଏବଂ ମଧ୍ୟବିତ୍ତ ବର୍ଗର ସଂଖ୍ୟା ଅଧିକ। ଏଥର ବିଜେପି ଏହି ବର୍ଗର ସମର୍ଥନ ପାଇବାକୁ ଅନେକ ନିଷ୍ପତ୍ତି ନେଇଥିଲା ଏବଂ ସ୍ୱତନ୍ତ୍ର ରଣକୌଶଳ ଆପଣାଇଥିଲା। ସରକାରୀ କର୍ମଚାରୀଙ୍କ ପାଇଁ ଅଷ୍ଟମ ବେତନ କମିଶନ ଗଠନ କରାଯିବା, ବଜେଟରେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ ହେବା ଏବଂ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟବିତ୍ତବର୍ଗକୁ ପ୍ରଭାବିତ କରିଥିଲା ଏବଂ ଏହି ବର୍ଗର ସମର୍ଥନରେ ବିଜେପି ବିଜୟୀ ହେଲା। ପୂର୍ବରୁ ଅଧିକାଂଶ ଏକଜିଟ ପୋଲ ରିପୋର୍ଟରେ ଏହା ହିଁ ପୂର୍ବାନୁମାନ କରାଯାଇଥିଲା। ଦିଲ୍ଲୀରେ କଂଗ୍ରେସ ସହ ଆସନ ବୁଝାମଣା ନକରିବାଆପ ପାଇଁ ମହଙ୍ଗା ପଡ଼ିଲା ବୋଲି କୁହାଯାଉଛି। କିନ୍ତୁ ଲୋକସଭା ନିର୍ବାଚନରେ ଦୁଇ ଦଳ ମଧ୍ୟରେ ଆସନ ବୁଝାମଣା ହେବା ସତ୍ତ୍ୱେ ବିଜେପି ସମସ୍ତ ୭ଟି ଯାକ ଲୋକସଭା ଆସନରେ ବିଜୟୀ ହୋଇଥିଲା। ତେଣୁ ଏଥର କେଜରିୱାଲ ଦିଲ୍ଲୀରେ କଂଗ୍ରେସ ସହ କୌଣସି ବୁଝାମଣା ନକରିବାକୁ ନିଷ୍ପତ୍ତି ନେଲେ ଯାହା ଯଥାର୍ଥ ଥିଲା। କାରଣ ଦିଲ୍ଲୀରେ କଂଗ୍ରେସର ଅବସ୍ଥା ଅତି ଶୋଚନୀୟ। ଦଳ ଦିଲ୍ଲୀର ଗୋଟିଏ ହେଲେ ବିଧାନସଭା ଆସନ ଜିତିବାକୁ ସକ୍ଷମ ହୋଇନାହିଁ। ତେଣୁ କଂଗ୍ରେସ ସହ ଆସନ ବୁଝାମଣା ନକରିବାକୁ କେଜରିୱାଲଙ୍କ ନିଷ୍ପତ୍ତି ଯଥାର୍ଥ ଥିଲା। ତେବେ ଆପ ଏହି ନିର୍ବାଚନରେ କାହିଁକି ହାରିଲା? ଯଦି ମମତା ବାନାର୍ଜୀ ବାରମ୍ବାର ପଶ୍ଚିମବଙ୍ଗରେ ଜିତୁଛନ୍ତି, ତେବେ ଦିଲ୍ଲୀରେ କେଜରିୱାଲ କାହିଁକି ଜିତିପାରିଲେ ନାହିଁ? ଏହାର କାରଣ ହେଲା କେଜରିୱାଲଙ୍କ ଧୋକ୍କା। ଆନ୍ନା ହଜାରେଙ୍କ ଜନ ଆନ୍ଦୋଳନରେ ସାମିଲ ହୋଇ ଲୋକଲୋଚନକୁ ଆସିଥିବା କେଜରିୱାଲ ସ୍ୱଚ୍ଛତାର ଦ୍ୱାହି ଦେଇ ଜନସମର୍ଥନ ଜିତିଥିଲେ। କିନ୍ତୁ ତାଙ୍କ କାର୍ଯ୍ୟ ଏହାର ବିପରୀତ ଦିଗରେ ଯାଇଥିଲା। ଲୋକେ ତାଙ୍କ ଉପରେ ଯେଉଁ ଭରସା ରଖିଥିଲେ, ଯେଉଁ ଭିନ୍ନତା ଆଶା କରିଥିଲେ ତାହା ନୈରାଶ୍ୟରେ ପରିଣତ ହେଲା। ନୂଆଦିଲ୍ଲୀ ଆସନରୁ ନିଜେ କେଜରିୱାଲ ଏବଂ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ପରାଜିତ ହୋଇଛନ୍ତି। ଦିଲ୍ଲୀରେ ବିଜେପିର କେହି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନଥିଲେ। କିନ୍ତୁ ଏହା ସତ୍ତ୍ୱେ ବିଜେପି ସପକ୍ଷରେ ଜନମତ ଯାଇଛି। ତେଣୁ ଏହି ବିଜୟର ଶ୍ରେୟ ବିଜେପିର ସର୍ବୋଚ୍ଚ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଯାଇଛି। ନିର୍ବାଚନରେ ମୋଦିଙ୍କ ସହ ଅମିତ ଶାହା, ଜେ ପି ନଡ୍ଡା ଏବଂ ଅନ୍ୟ ପ୍ରମୁଖ ନେତାମାନେ ପ୍ରଚାର ଅଭିଯାନରେ ସାମିଲ ହୋଇଥିଲେ। ଦିଲ୍ଲୀ ଦଖଲ ନିମନ୍ତେ ବିଜେପି ବହୁ ଦିନରୁ ଯୋଜନାବଦ୍ଧ ଭାବେ ଉଦ୍ୟମ କରିଥିଲା। ବିଜୟ ନିମନ୍ତେ ବିଜେପି ସବୁ କିଛି ବାଜି ଲଗାଇ ଦେଇଥିଲେ। କେଜରିୱାଲଙ୍କ ବଡ଼ ଶକ୍ତି ଥିଲା ତାଙ୍କର ସ୍ୱଚ୍ଛ ଭାବମୂର୍ତ୍ତୀ। ଏହାକୁ ବିଜେପି ଚତୁରତାର ସହ ନଷ୍ଟ କରିବାରେ ସଫଳ ହୋଇଛି। ଏହା ନିର୍ବାଚନରେ ବିଜେପିର ବିଜୟରେ ସହାୟକ ହେଲା। ଦିଲ୍ଲୀରେ କଂଗ୍ରେସ ପୁଣି ମୂଳପୋଛ ହୋଇଛି। ଏବେ କଂଗ୍ରେସ ପାଇଁ ଆତ୍ମଚିନ୍ତନର ସମୟ। ଦିଲ୍ଲୀରେ ବିଜେପିର ବିଜୟ ଅପେକ୍ଷା ଆପର ପରାଜୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ଭଳି ଦିଲ୍ଲୀରେ ଏବେ ଡବଲ ଇଞ୍ଜିନ ସରକାର ଚାଲିବ। ଆଶା ବିଜେପି ଏଥର ଦିଲ୍ଲୀବାସୀଙ୍କୁ ନିରାଶ କରିବନି।



# ମାଙ୍କଡ଼ ହାତରେ ଶାଳଗ୍ରାମ

**ପଙ୍କଜ କୁମାର ପାଣିଗ୍ରାହୀ**

**ଆମ ଲୋକ କଥାରେ କୁହାଯାଉଥିବା ଏହି ଉକ୍ତିର ମର୍ମ କ'ଣ ଏବଂ ସାଧାରଣ ଲୋକେ ଏହି ରୂଢ଼ି ଗୁଡିକୁ କିଭଳି ଢଙ୍ଗରେ ଦେଖୁଛନ୍ତି? ଏହି ମର୍ମରେ ଆଜି ସମୟରେ ଆମର ପରିସ୍ଥିତି ଏବଂ ଭବିଷ୍ୟ ବିଚାର କରି ଦେଖିବା...**

ମାଙ୍କଡ଼ ଗୋଟିଏ ପଶୁ। ତାର ହିତାହିତ ଜ୍ଞାନ ବୋଲି କିଛି ନଥାଏ। ସେ କେବଳ ଖାଇବା ଏବଂ ନିଜର ସୁରକ୍ଷା ବ୍ୟତୀତ ଅନ୍ୟ କୌଣସି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ। ଇତି ମଧ୍ୟରେ ତାର ମନୋରଞ୍ଜନ ପାଇଁ କେତେବେଳେ ଖେଳକୁଦ ତ ଆଉ କେତେବେଳେ ହିଂସାତ୍ମକ ଦୌଡ଼ରେ ନିଜକୁ ସାମିଲ୍ କରୁଥିବା ଦେଖିବାକୁ ମିଳିଥାଏ। ଖାଦ୍ୟ ଉପଯୋଗୀ କୌଣସି ଜିନିଷ ବ୍ୟତୀତ ଅନ୍ୟ କୌଣସି ବସ୍ତୁ, ପଦାର୍ଥ ଉପରେ ତାର କୌଣସି ଆଗ୍ରହ କିମ୍ବା ଜ୍ଞାନ ନଥାଏ। ତେଣୁ କୌଣସି ଖ୍ୟାଦ୍ୟ ବ୍ୟତୀତ ଅନ୍ୟ ଯାହା ତା ହାତରେ ପଡିଲେ ସେଗୁଡିକୁ କେବଳ ଏକ ଖେଳନା ଭଳି ବ୍ୟବହାର କରିବା ଛଡା ଆଉ କିଛି ଜାଣେ ନାହିଁ ସିଏ। ତା ନିଜ ବ୍ୟତୀତ ଆଉ କାହାର ଭଲ ଚିନ୍ତା କରିବା ମାଙ୍କଡ଼ ପାଇଁ ଏକ ସ୍ୱପ୍ନ, ହାସ୍ୟାସ୍ପଦ ବିଷୟ। ମଣିଷ ଶାଳଗ୍ରାମକୁ ଭଗବାନ ବୋଲି ପୂଜା କରୁଥିବା ବେଳେ ତାହା ମାଙ୍କଡ଼ ପାଇଁ ଗୋଟିଏ ପଥର ବ୍ୟତୀତ ଆଉ କିଛି ନୁହେଁ। ତେଣୁ ସେ ତାର ମହତ୍ୱ ତ ଦୂର ତା ବିଷୟରେ କୌଣସି କଥା ଭାବିବା ମଧ୍ୟ ତା ପାଇଁ ଏକ ବିଡମ୍ବନାର ବିଷୟ।

ଠିକ୍ ସେହିଭଳି ଆମ ସମାଜରେ ରହିଛନ୍ତି କେତେକ ଅଜ୍ଞାନ ଧୂର୍ତ୍ତ ଯାହାଙ୍କୁ ଆମେ ରାଜନେତା ବୋଲି କହିଥାଉ। ସାମୂହିକ ସ୍ୱାର୍ଥରେ କାର୍ଯ୍ୟ କରି ଦେଶକୁ ଶାସନ କରିବା ପାଇଁ ଆମେ କିଛି ମଣିଷଙ୍କୁ ବାଛିଥାଉ। ସେମାନଙ୍କ ହାତରେ ଦେଶର ଶାସନ ଭାର ଟେକିଦେଇ ଆମେ ନିରବ ଯେ ସେମାନେ ଯାହା କରିବେ ଆମେ ସମସ୍ତେ ସେଇଥିରେ ରାଜି। ଯେଉଁମାନଙ୍କୁ ଦେଶର ଶାସନ ଭାର ଟେକିଦେବା ପାଇଁ ଚୟନ କରାଯାଇଥାଏ ସେମାନଙ୍କୁ ସାଧାରଣ ଲୋକଙ୍କ ସମର୍ଥନରେ ବଛାଯାଇଥାଏ। ବିଡମ୍ବନାର ବିଷୟ ଏହାକି ଯେ ସେମାନଙ୍କୁ ଚୟନ କରୁଥିବା ୮୦ ଭାଗରୁ ଅଧିକ ଲୋକ ନିଜର ନେତା ବା ମୁଖିଆଙ୍କ ବିଷୟରେ ସାମାନ୍ୟ ଜ୍ଞାନ ମଧ୍ୟ ପାଇନଥା'ନ୍ତି। କେବଳ କୁହେଳିକା, ପ୍ରହେଳିକା ଏବଂ ସ୍ୱଳ୍ପ କ୍ଷଣ ସ୍ୱାର୍ଥର ପ୍ରକୋପ, ପ୍ରଭାବରେ ସେମାନେ ନିଜର ସମର୍ଥନ ସାବ୍ୟସ୍ତ କରିଥା'ନ୍ତି। ଆଉ ଯେଉଁମାନେ ବଛାଯାଉଥିବା ନେତାଙ୍କ ବିଷୟରେ ସାମାନ୍ୟତମ ଜ୍ଞାନ ରଖିଥା'ନ୍ତି, ସେମାନେ ନିଜର ମତଦାନ କରିବା ପାଇଁ ଯାଆନ୍ତି ନାହିଁ। ତାହାର ସୁଯୋଗରେ କିମ୍ଭୂତ କିମ୍ବାକାର ମଣିଷ ଗୁଡିଏ ଯାହାଙ୍କ କୌଣସି ମାନବିକ, ନୈତିକ, ସାମାଜିକ ମୂଲ୍ୟବୋଧ କିମ୍ବା ଜ୍ଞାନ ନଥାଏ ସେମାନେ ହୁଅନ୍ତି ଆମର ଶାସକ!

ସେମାନେ ଶାସନ କ୍ଷମତାକୁ ଏକ ଖେଳଘର ଭଳି ବ୍ୟବହାର କରିଥା'ନ୍ତି ଯେମିତି ମାଙ୍କଡ଼ ଖେଳୁଥାଏ ଶାଳଗ୍ରାମ ସହିତ। ସେମାନଙ୍କ ଖେଳ ହୋଇଯାଇ ଥାଏ ସର୍ବସାଧାରଣ ଲୋକଙ୍କ ପାଇଁ କାଳ! ତାହାପୁଣି ପାଞ୍ଚ ବର୍ଷ ପର୍ଯ୍ୟନ୍ତ! ଅଦ୍ଭୁତ ସମ୍ବିଧାନ ଆମର ତାହାର ତୁଳନା ନାହିଁ ଯିଏ କ୍ଷମତାଧାରୀଙ୍କ ବିରୁଦ୍ଧରେ କିଛି କରିପାରେ ନାହିଁ। କେବଳ ନିରୀହ, ନିର୍ବୋଧଙ୍କୁ ଦଣ୍ଡ ବିଧାନ କରିବା ପାଇଁ ପ୍ରଯୁଜ୍ୟ ଭାରତୀୟ ସମ୍ବିଧାନ ଯେ କେମିତିକା ଗଣତାନ୍ତ୍ରିକ ସମ୍ବିଧାନ ସେକଥା ହୁଏତ କାହାକୁ ଅଗୋଚର ନୁହେଁ। ପାଞ୍ଚବର୍ଷ ମଧ୍ୟରେ ଖେଳ ଖେଳରେ ସେମାନେ ହୋଇଯା'ନ୍ତି କୋଟି କୋଟି ଟଙ୍କାର ମାଲିକ। ଆଉ ତା ପରେ ସେମାନେ କୁଆଡେ ସମାଜର ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଯାହାଙ୍କୁ ଦିଆଯାଇ ଥାଏ ଦେଶର ସର୍ବୋଚ୍ଚ ସମ୍ମାନ ସମୂହ ଭାରତ ରତ୍ନ, ଭାରତ ପଦ୍ମ ବିଭୂଷଣ ଇତ୍ୟାଦି। ସାଧାରଣ ଲୋକେ ସେମାନଙ୍କୁ ସମାଜର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ କେବଳ ପରିଗଣିତ କରନ୍ତି ନାହିଁ ବରଂ ସଭା ସମିତିରେ ସେମାନଙ୍କୁ ଡାକି ପ୍ରେରଣା ନେଇଥା'ନ୍ତି ସତେ ଯେମିତି ସେମାନେ ଜଣେ ଜଣେ ପ୍ରଭୁତୁଲ୍ୟ ଜ୍ଞାନୀ ବ୍ୟକ୍ତି। କି ଆଶ୍ଚର୍ଯ୍ୟଜନକ ଭାବନା ଆମର ଯେ ଏହାର ଆଉ ପରିବର୍ତ୍ତନ?! ହା ହା ହା ...।

ସମାଜର ସବୁଠାରୁ ନ୍ୟୁନତମ କଦର୍ଯ୍ୟ ମାନସିକତା ବିଶିଷ୍ଟ ଅଜ୍ଞାନ ବ୍ୟକ୍ତିଙ୍କୁ କରାଯାଇ ଥାଏ ଆମର ଶାସକ। ସେମାନେ କୌଣସି କାର୍ଯ୍ୟ କରିବାରେ ଯାହା ଜ୍ଞାନ ରଖିଥା'ନ୍ତି ନକହିବା ଭଲ। ତଥାପି ନିର୍ବୋଧ ବାରମ୍ବାର ସେମାନଙ୍କୁ ହିଁ ନିର୍ବାଚିତ କରି ପଠାଇଥା'ନ୍ତି ଶାସନ କ୍ଷମତାକୁ। ତାହାର ମୁଖ୍ୟ କାରଣ ହେଲା ଯେ ସାଧାରଣ ନିର୍ବୋଧ ମଣିଷ ଗୁଡିକ ମଧ୍ୟ ଏତେ କର୍ମ କୁଡ଼ିଆ ଆଉ ଅଜ୍ଞାନ ଯେ ସେମାନେ କୌଣସି କଥାକୁ ବୁଝି ପାରନ୍ତି ନାହିଁ କି ଜାଣି ପାରନ୍ତି ନାହିଁ। କେବଳ କୁହେଳିକା, ପ୍ରହେଳିକାର ପ୍ରଭାବ ପ୍ରକୋପରେ ନିଜକୁ ଯାହା ଭଲ ଲାଗେ ସେଇଆ କରନ୍ତି। ବାସ୍ତବ ଅବାସ୍ତବ, ସତ୍ୟ ମିଥ୍ୟାର କୌଣସି ସମୀକ୍ଷା ଜ୍ଞାନ ନାହିଁ କାହାରି ପାଖରେ କହିଲେ ଅତ୍ୟୁକ୍ତି ହେବନାହିଁ। ଅଧିକନ୍ତୁ ନିଜର ସମସ୍ତ ରୋଜଗାରକୁ ଟେକି ଦିଅନ୍ତି ସେମାନଙ୍କ ହାତରେ ଯାହା ଦ୍ୱାରା ସମାଜ ଦିନକୁ ଦିନ ନିମ୍ନମୁଖୀ ହେବା ସହିତ ସାଧାରଣ ଲୋକଙ୍କ ଜୀବନ ବିପନ୍ନ ଅବସ୍ଥାକୁ ଅଗ୍ରସର ହେଉଛି। ଆଦୌ ସଚେତନତା ନାହିଁ ଏହି ସବୁ ବିଷୟରେ ଆମ ସମାଜରେ। ତଥାପି ଆମେ ବିଶ୍ୱ ଗୁରୁ ଭଳି ଏକ ମିଥ୍ୟା ଅବାନ୍ତର ଯୁକ୍ତିକୁ ବାଢିଥାଉ ଯାହା ଆମ ଘର ଭିତରେ ଚର୍ଚ୍ଚିତ ହେବା ବ୍ୟତୀତ ଅନ୍ୟାନ୍ୟ ଦେଶ ଗୁଡିକରେ ଆମର ସମ୍ମାନ ମାଟି ତଳେ।

ଗଛ ଆମର, ପରିଶ୍ରମ ଆମର। ତାହାର ଫଳ ମଧ୍ୟ ଆମର। କି'ନ୍ତୁ ବର୍ଷ ବର୍ଷର ପରିଶ୍ରମର ଫଳକୁ କେବଳ ତୋଳିବା ପାଇଁ ଆଳସ୍ୟ କାରଣରୁ ଗଛ ଉପରେ ରହି ସେହି ଫଳକୁ ଖାଇ ତାର ଅଇଁଠା ଟିକିଏ ତଳକୁ ଫିଙ୍ଗିଦେବା ଫଳକୁ ଖାଇ ଆମେ ସନ୍ତୁଷ୍ଟ?! ସେହି ଭଳି ଆମର ଅର୍ଥକୁ ଆତ୍ମସାତ କରି ବିଳାସ ବ୍ୟସନରେ ରହି ତାଙ୍କରି ଅଇଁଠା ଟିକିଏ ପାଇଁ ଆମେ ଚାହିଁ ରହିଥାଉ ପାଞ୍ଚ ବର୍ଷ। ଆଉ ଟିକିଏ ଅଇଁଠା ମିଳିଗଲେ ସତେ ଯେମିତି ଶବରୀର ଅଇଁଠା ଖାଇ ରାମଚନ୍ଦ୍ର ତାକୁ ଧନ୍ୟ କରିଦେବା ଭଳି ଆମେ ମଧ୍ୟ ଧନ୍ୟ କରିଦେଉ ସେମାନଙ୍କୁ ପାଞ୍ଚ ବର୍ଷକୁ ଥରେ। କି ବିଚିତ୍ର ମାନସିକତା ଆମର?! ତା ପାଇଁ ସେମାନଙ୍କୁ ଦାୟୀ କରାଯାଇ ପାରିବ ନାହିଁ, କିନ୍ତୁ ପରୋକ୍ଷରେ ସେମାନେ ହିଁ ଦାୟୀ ଯେତିକି ପ୍ରତ୍ୟେକ୍ଷରେ ସମ୍ପୂର୍ଣ୍ଣ ଦାୟୀ କେବଳ ଜନସାଧାରଣ। ଅଖଣ୍ଡ କ୍ଷମତାଧାରୀ ଶାସକ ଯୁକ୍ତ ବ୍ୟବସ୍ଥା କେବେହେଲେ ଗଣତନ୍ତ୍ର ହୋଇପାରିବ ନାହିଁ, ଯାହା ଆମ ଦେଶରେ ପ୍ରଚଳିତ। ସେହି ରାଜକୀୟ ଅଖଣ୍ଡ କ୍ଷମତାଧାରୀ ବ୍ୟବସ୍ଥାକୁ ପ୍ରଥମେ ପରିବର୍ତ୍ତନ କରାନଗଲେ ଯେ ଆମେ କେବେହେଲେ ଗଣତାନ୍ତ୍ରିକ ଶାସିତ ହୋଇ ପରିବା ନାହିଁ ଏହା ସର୍ବାଦୌ ଆଜିର ଆହ୍ୱାନ! ଆମେରିକା, ଇଂଲଣ୍ଡ ଭଳି ବିଭିନ୍ନ ଉନ୍ନତ ରାଷ୍ଟ୍ର ଗୁଡିକରେ ଏମିତି ସମ୍ବିଧାନ ନାହିଁ ଯାହା ଆମ ଦେଶରେ ପ୍ରଚଳିତ। ଆମ ଦେଶର ସମ୍ବିଧାନ କେବଳ ଦୁଇଟି ଶବ୍ଦର ଗୋଟିଏ ଧାଡିରେ ସମାପ୍ତ ହୋଇଥାଏ ଯେଉଁଥିରେ କୋଟି କୋଟି ଲୁକାୟିତ ଆଇନ ରହିଛି ଯାହା କେବଳ ସାଧାରଣ ନିରୀହ ନିର୍ବୋଧ କିମ୍ବା ସଚ୍ଚୋଟ ଲୋକଙ୍କୁ ଦଣ୍ଡିତ କରିପାରେ। ତାଛଡା କୌଣସି କ୍ଷମତାଧାରୀଙ୍କ ପାଇଁ ଆମ ସମ୍ବିଧାନରେ ଯେଉଁ ଆଇନ ଅଛି ତାହା କେବଳ ସେମାନଙ୍କ ସୁରକ୍ଷା ପାଇଁ ବ୍ୟତୀତ ଦଣ୍ଡ ବିଧାନରେ ଆଦୌ ସହାୟକ ହୋଇନଥାଏ। ତେଣୁ ସାଧାରଣ ଜନତା ଆଜି ନିଷ୍ପେସିତ, ପ୍ରତାରିତ। ସାଧାରଣ ଲୋକଟିଏ ଚାହିଁଲେ ଜଣେ ଅସାମାଜିକ, ଅନୈତିକ କ୍ଷମତାଧାରୀଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରିବ ନାହିଁ। କି'ନ୍ତୁ ଜଣେ କ୍ଷମତାଧାରୀ ସାଧାରଣ ଲୋକଙ୍କୁ ସହଜରେ ତଳିତଳାନ୍ତ କରି ଦେଇ ପାରିବ। ଏହିଭଳି ଏକ ସମ୍ବିଧାନର ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଆମ ଦେଶ କେବେ ହେଲେ ବିକଶିତ ଦେଶର ମାନ୍ୟତା ପାଇବା ଅସମ୍ଭବ। ସେମାନଙ୍କ ମିଥ୍ୟା କୁହେଳିକା ପ୍ରହେଳିକାରେ ବିଭୋର ନିମଗ୍ନ ନିର୍ବୋଧ ଆମ ଯେ ବୁଝିନାହୁଁ ପ୍ରକୃତରେ ଗଣତନ୍ତ୍ର କ'ଣ। କେବଳ ତୁଣ୍ଡ ବଇଦାରେ ଆମେ ଏକ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ ବୋଲି କହୁ। ଗଣତନ୍ତ୍ରର ପ୍ରକୃତ ଅର୍ଥକୁ ବୁଝି ନାହାନ୍ତି କେହି। ବରଂ କ୍ରୁର ରାଜତନ୍ତ୍ର ପଛରେ ରହିଥିବା ଅଖଣ୍ଡ ଗୁଣ୍ଡାରାଜ କାରଣରୁ ଭୟଭୀତ ହୋଇ ଅନେକ କଥାକୁ ବିଶ୍ୱାସକୁ ନେଇଥାଉ ଆମେ ଯାହା ସବୁ ସମ୍ପୂର୍ଣ୍ଣ ମିଥ୍ୟା। ସେହି ମିଥ୍ୟରୁ ନିଜକୁ କ୍ଷାନ୍ତ ରଖିବାକୁ ହେବ। ଅନ୍ୟଥା ବିକାଶର ସଜ୍ଞାକୁ ଆସନ୍ତା ୧୦୦ ବର୍ଷ ପର୍ଯ୍ୟନ୍ତ ମଧ୍ୟ ବୁଝିବାରେ ଅକ୍ଷମ ରହି କେବଳ ନିଷ୍ପେସିତ ପ୍ରତାରିତ ହୋଇ ରହିଥିବା ପିଢ଼ିକୁ ପିଢ଼ି ଯାହା ଆଜି ପର୍ଯ୍ୟନ୍ତ ଆମେ ଦେଖି ଆସୁଅଛେ। ସାଧାରଣ ମଣିଷ ପ୍ରଥମେ ଏଗୁଡ଼ିକୁ ବିଚାର କରିବାକୁ ହେବ। ଯେଉଁଆଡେ ଦେଖିବ ସ୍ୱାର୍ଥ! କଥା କଥାରେ ସ୍ୱାର୍ଥ, ବ୍ୟବସାୟ! କାହାର କାହାପ୍ରତି ଶ୍ରଦ୍ଧା ନରହିଲେ ମଧ୍ୟ କିଛି ଚଳିଥା'ନ୍ତା, କି'ନ୍ତୁ କ୍ରୋଧ, ଆକ୍ରୋଶ ଭାବ ଯେ ଆମକୁ ଦିନକୁ ଦିନ ତଳିତଳାନ୍ତ କରୁଛି ଏକଥା ବୁଝନ୍ତି ନାହିଁ କେହି। କି ସେମାନଙ୍କୁ ବୁଝାଇବା ପାଇଁ ନାହାନ୍ତି କେହି। ଯେଉଁମାନେ ଅଛନ୍ତି ସେମାନଙ୍କ କୌଣସି ସାମାଜିକ ମାନ୍ୟତା କିମ୍ବା ଗ୍ରହଣୀୟତା ନାହିଁ ଆଜି ସମୟରେ। ଏହିଭଳି ଏକ ପରିସ୍ଥିତି, ପରିବେଶରେ ଆମେ ଯେଉଁ ସବୁ ମିଛି ମିଛିକା ଉନ୍ନତିର ମାର୍ଗ ଗୁଡିକୁ ଦେଖୁଛେ ସେଗୁଡିକ କେବଳ ପାଣିରେ ଗାର ଭଳି। ସାଧାରଣ ନିର୍ବୋଧ ଜନସମୂହ ଏକତ୍ରିତ ହୋଇ ଏକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ନକଲେ ଆମେ ନଦେଖିଲେ ମଧ୍ୟ ଆଉ କିଛି ବର୍ଷ ପରେ ଯେ ଦେଶର ପରିସ୍ଥିତି ଭୟାବହ ହେବ ସେଇଥିରେ କୌଣସି ସନ୍ଦେହ ନାହିଁ। କାରଣ ଯାହା ସବୁ ମଣିଷକୁ ଆବଶ୍ୟକ ସେ ବିଷୟରେ କେହି କିଛି ଜାଣନ୍ତି ନାହିଁ କିମ୍ବା କେହି କୁହନ୍ତି ନାହିଁ। ଅନବାଶ୍ୟକ ବିଷୟକୁ ଆଲୋଚନା ଯୁକ୍ତି ତର୍କର କୌଣସି ମୂଲ୍ୟ ନାହିଁ ଯାହା ଆଜି ସର୍ବତ୍ର ପରିଲକ୍ଷିତ। ଯାହାଙ୍କୁ ଆମେ ସମାଜର ଶିକ୍ଷିତ ଚତୁର ବୋଲି ଭାବୁଛେ ସେ ସମସ୍ତେ ସମ୍ପୂର୍ଣ୍ଣ ଅଜ୍ଞାନତାର ଚରମ ଶୀର୍ଷରେ। ସେମାନଙ୍କ କୁହେଳିକା, ପ୍ରହେଳିକାରେ ନିମଗ୍ନ ଯେ ସମାଜ ଏକ ଅନ୍ଧକାର ଗର୍ତ୍ତ ଅଭିମୁଖୀ ଏ କଥା ମଧ୍ୟ ଆଦୌ ବୁଝିନାହାନ୍ତି କେହି। ସଚେତନତା ସୃଷ୍ଟି କରି ସମାଜକୁ ଆଲୋକ ଦେଖାଇବା ଆମ କର୍ତ୍ତବ୍ୟ ବୋଲି ବିଚାରି ଏସବୁ ବର୍ଣ୍ଣନା କରିବାରେ କାହାର ଗ୍ରହଣୀୟତା ଉପରେ ଆମର ବିଶେଷ ଆଲୋକପାତ ନାହିଁ। କାରଣ ସତ୍ୟ ପ୍ରକଟ କଲେ ଯେ ଆଜି ସମୟରେ ଶତ୍ରୁ ସୃଷ୍ଟି ହୋଇଥା'ନ୍ତି ଏ କଥା କାହାକୁ କହିବା ଆବଶ୍ୟକ ନୁହେଁ। ତାହା ସମସ୍ତେ ଜାଣନ୍ତି। ତେଣୁ ଆମ କଥାର ବିଷୟକୁ ଚେତନାକୁ ନେଇ କିଛି ବିଚାରଭାବ ସୃଷ୍ଟି ହେଉଥିବା ଲୋକେ ଆମ ସହିତ ଯୋଡି ହୋଇ ଅଧିକ ଜାଣିବାକୁ ଆଗ୍ରହୀ ହେଲେ ଆମ ଦ୍ୱାର ସବୁବେଳେ ଖୋଲା। କାହାକୁ ଯଦି ଅପ୍ରିୟ ସତ୍ୟ ଗୁଡିକ ଭଲ ନଲାଗୁଛି ତାହାଲେ ଆମର କୌଣସି ଶଙ୍କା କିମ୍ବା ଦୁଃଖ ନାହିଁ। ଆସନ୍ତୁ ସତ୍ୟର ଅନୁସନ୍ଧାନ କରି ଆମେ କ'ଣ କରୁଛେ ଏବଂ ଆମକୁ କ'ଣ କରିବା କଥା ସେଗୁଡିକୁ ସମୀକ୍ଷା କରି ଏକ ସୁନ୍ଦର ମଣିଷ ସମାଜ ସୃଷ୍ଟି କରିବା ବୋଲି ଆମର ଆହ୍ୱାନ। ଯଦି କାହାର ମଧ୍ୟ ବାସ୍ତବ ସତ୍ୟକୁ ଜାଣି ନିଜକୁ ତଥା ମଣିଷ ସମାଜକୁ ସୁଧାରିବା ଆଗ୍ରହ ନାହିଁ ତଥାପି ଆମେ ସତ୍ୟର ପ୍ରକଟ କରିଚାଲି ଥିବୁ। ପରିଣତି ଯାହା ହେବ ସମସ୍ତେ ଦେଖିବା।


**ୟୁଟ୍ୟୁବ-ସାମାଜିକ ଜନମଞ୍ଚ (ଭାରତ)**

**ଛତ୍ରପୁର, ଗଂଜାମ, ମୋବାଇଲ୍: ୯୪୩୭୩୨୪୯୧୭**


# ଜଣେ ସଫଳ କର୍ମଯୋଗୀ: ପ୍ରଫେସର ଡାକ୍ତର ଗୋପାଳ ଚନ୍ଦ୍ର କର



**ଡାକ୍ତର ସମ୍ରାଟ କର**

ମଣିଷର ଜୀବନ ଅନେକ ଅନେକ ଅସରନ୍ତି ସ୍ମୃତି, ଅଭୁଲା କୃତି ଓ ବିସ୍ମୃତିରେ ଭରା। ଜୀବନର ଚଲାବାଟରେ ପଦପାତ କରୁଥିଲାବେଳେ ସେ ଭେଟେ ଅଜସ୍ର ବ୍ୟକ୍ତିତ୍ୱ ମାନଙ୍କୁ, ଅସଂଖ୍ୟ ଚିହ୍ନା - ଅଚିହ୍ନା ମୁହଁ ମାନଙ୍କୁ। ପଦଚାରଣା କଲାବେଳେ ଜୀବନର ଯାତ୍ରାପଥରେ କେଉଁ ଜଣଶ-ଅଜଣା ମୁହଁମାନେ ତାକୁ ଭଲ ଲାଗନ୍ତି, କେହି ହସରେ, କୁସିରେ ଚାହିଁ ଦେଇଯାଏ, କିଏ ଆନନ୍ଦରେ ଆଗ୍ରହରେ ପଦେ ଦି'ପଦ କଥା ହୁଏ ତ କିଏ ପୁଣି ମୁହଁ ଫେରେଇ ନିଏ ଏ ବସ୍ତୁବାଦୀ ଦୁନିଆଁରେ। ସମୟର ଅସରନ୍ତି ଛନ୍ଦପତନର ଏହା ହିଁ ବୋଧହୁଏ ଅଲିଖିତ ନିୟମ।

ଅତି ସଫଳ ଓ ଅନ୍ୟ ମାନଙ୍କ ପାଇଁ ସମର୍ପିତ ଜୀବନ ଥିଲା ପ୍ରଫେସର ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କର। ସେ ଥିଲେ ସମାଜ ସେବା, ଡାକ୍ତରୀ ସେବା, ଆଧାତ୍ମିକତା, ରାଜନୀତି ଓ ସୃଜନ ସାହିତ୍ୟ ଏ ସବୁ କିଛିର ଏକ ଅନନ୍ୟ ରୂପକାର କହିଲେ ଅତ୍ୟୁକ୍ତି ହେବନାହିଁ। ୧୯୪୬ ଜାନୁଆରୀ ୧୮ ତାରିଖରେ ତାଙ୍କର ଜନ୍ମ। ୧୯୬୮ଉତ୍କଳ ୟୁନିଭରସିଟି ଅଧୀନରେ ଏମବିବିଏସ କୋର୍ସ ପରେ ପାଟନା ୟୁନିଭରସିଟି ଅଧୀନରେ ୧୯୭୪ ମସିହାରେ ଏମ୍‌ଡ଼ି ଓ ୧୯୮୧ରେ ଉତ୍କଳ ୟୁନିଭସରସିଟି ଅଧୀନରେ ଏଲଏଲବି କୋର୍ସ ଶିକ୍ଷା ସମାପ୍ତ କରିଥିଲେ। ୧୯୭୯ ମସିହାରେ ଇଣ୍ଡିଆନ ସାଇକ୍ୟାଟ୍ରିକ ସୋସାଇଟିର ଲାଇଫ ଫେଲୋ ଭାବେ ମନୋନୀତ ହୋଇଥିଲେ ଓ ୧୯୮୫ ରେ ଇଣ୍ଡିଆନ ଆସୋସିଏସନ ଅଫ ସୋସିଆଇ ସାଇକ୍ୟାଟ୍ରିକ, ସେହି ବର୍ଷ ଆସୋସିଏଟଡ଼ ଅଫ ଇଣ୍ଡଷ୍ଟ୍ରିଆଲ ସାଇକ୍ୟାଟ୍ରିକ ଅଫ ଇଣ୍ଡିଆର ଲାଇଫ ଫେଲୋ, ୧୯୯୩ରେ ଇଣ୍ଟର ନ୍ୟାସନାଲ ମେଡ଼ିକାଲ ସାଇନସ୍‌ସ ଏକାଡ଼େମୀ ଓ ୨୦୦୦ ମସିହାରେ ବ୍ରିଟିଶ-ଇଣ୍ଡିଆନ ସାଇକ୍ୟାଟ୍ରିକ ଆସୋସିଏସନର ଲାଇଫ ଫେଲୋ ଭାବେ ମନୋନୀତ ହୋଇ କାର୍ଯ୍ୟରତ ଥିଲେ। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ସାଇକ୍ୟାଟ୍ରିକ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ପରେ ଓଡ଼ିଶା ସରକାରଙ୍କ ଡିଏମଇଟିର ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ କରିବା ସହ ସେ ଥିଲେ ଇଣ୍ଡିଆନ ମେଡ଼ିକାଲ ଆସୋସିଏସନ, ଉତ୍କଳ ସାହିତ୍ୟ ସମାଜ ଓ କଳାବିକାଶ କେନ୍ଦ୍ରର ଆଜୀବନ ସଭ୍ୟ। ୧୯୭୯-୮୦ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସିନିୟର ରିସର୍ଚ୍ଚ ୱାରର୍କର ଭାବେ ଅନେକ କାର୍ଯ୍ୟକ୍ରମ ସେ ହାତକୁ ନେଇଥିଲେ। ୧୯୮୯ରେ ଅଷ୍ଟମ ବିଶ୍ୱ କଂଗ୍ରେସ ସାଇକ୍ୟାଟ୍ରିକ ସମ୍ମିଳନୀ ଏଥେନ୍ସରେ ତାଙ୍କ ସନ୍ଦର୍ଭ ପ୍ରଶଂସିତ ହୋଇଥିଲା। ୧୯୮୯ରେ ଗ୍ରୀସ୍, ଜର୍ମାନ ଓ ୟୁକେରେ ସମ୍ମାନିତ ଅତିଥି ବକ୍ତା ଭାବେ ମାନସିକ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ତାଙ୍କ ଅଭିଭାଷଣ ବିଦେଶୀ ଗବେଷକ ଓ ଛାତ୍ର ମାନଙ୍କୁ ବିସ୍ମିତ କରିଥିଲା। ୧୯୯୩-୯୪ରେ ପ୍ରଥମ ଓଡ଼ିଆ ଭାବେ ଆସୋସିଏସନ ଅଫ ଇଣ୍ଡଷ୍ଟ୍ରିଆଲ ଅଫ ସାଇକ୍ୟାଟି ଅଫ ଇଣ୍ଡିଆର ସଭାପତି ଭାବେ ବିରଳ ରେକଡ଼ର ଅଧିକାରୀ ହୋଇଥିଲେ। ଅନେକ ଜାତୀୟ ଓ ଆନ୍ତର୍ଜାତିକ ମାନସିକ ସ୍ୱାସ୍ଥ୍ୟ ଗବେଷଣା କାର୍ଯ୍ୟକ୍ରମରେ ସେ ଭାରତର ପ୍ରତିନିଧିତ୍ୱ କରିଥିଲେ। ନ୍ୟାସନାଲ ଜର୍ଣ୍ଣାଲ ଇନ୍ ସାଇକ୍ୟାଟ୍ରି ଆଣ୍ଡ ମେଡ଼ିସିନ ଏଡିଟୋରିଆଲ ବୋଡ଼ର ସଭ୍ୟ ତଥା ପ୍ରଥମ ଓଡ଼ିଆ ଭାବେ ଇଣ୍ଡିଆନ ସାଇକ୍ୟାଟ୍ରିକ ସୋସାଇଟି ଜାତୀୟ ବଡ଼ିର ସଭାପତି, ଡିଷ୍ଟ୍ରିକ ୩୨୬୦ ଇଣ୍ଟରନ୍ୟାସନାଲ ରୋଟାରୀର ଗଭର୍ଣ୍ଣର ଭାବେ ମଧ୍ୟ ସେ କାର୍ଯ୍ୟରତ ଥିଲେ।



ସମ୍ମାନ, ସମ୍ବର୍ଦ୍ଧନା ବିମୁଖ ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କ ପଛରେ ପ୍ରଶଂସା ଓ ପ୍ରଶସ୍ତି ଧାଇଁ ଥିଲା ଯେମିତି ସାଇଣ୍ଟିଫିକ ପେପର ଆସୋସିଏସନ ଅଫ ଇଣ୍ଡଷ୍ଟ୍ରିଆଲ ସାଇକ୍ୟାଟ୍ରି ଅଫ ଇଣ୍ଡିଆର ପି.କୁମାର ଆୱାର୍ଡ଼ ବିଜେତା ଭାବେ ୧୯୮୯, ୧୯୮୯ରେ ଡକ୍ଟର ହରେକୃଷ୍ଣ ମହତାବ ବିଷୁବ ସମ୍ମାନ ଶ୍ରେଷ୍ଠ ସମାଜ ସେବୀ ଭାବେ, ୧୯୯୧ରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଣିପୁର-ତ୍ରିପୁରା ସରକାରଙ୍କ ଠାରୁ ଅରୋଶ୍ରୀ ସମ୍ମାନ, ୧୯୯୦ରେ ରେଡ଼କ୍ରସ ସୋସାଇଟି ସମ୍ମାନ (ଶ୍ରେଷ୍ଠ ରକ୍ତଦାତା ଭାବେ), ୧୯୯୩ରେ ଭାରତ ସେବକ ସମାଜ ସମ୍ମାନ, ୧୯୯୯ରେ କଳିଙ୍ଗ ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ପାଇଁ କଳିରତ୍ନ ସମ୍ମାନ, ୨୦୦୦ ମସିହାରେ ସାମାଜିକ ସେବା ପାଇଁ କଟକ ସୁରକ୍ଷା କମିଟି ପକ୍ଷରୁ ଓଡ଼ିଶା ପ୍ରତିଭା ସମ୍ମାନ, ସେହିବର୍ଷ ଉତ୍ସର୍ଗୀକୃତ ମାନସିକ ସେବା କ୍ଷେତ୍ର ପାଇଁ ସଂଗ୍ରାମୀ କୁଞ୍ଜ ବିହାରୀ ସ୍ମୃତି ସଂସଦ ସମ୍ମାନ, ୨୦୦୦ ମସିହାରେ ଇଣ୍ଡିଆନ ସାଇକ୍ୟାଟ୍ରି ଆସୋସିଏସନ ପକ୍ଷରୁ ପ୍ରତିନିଧିତ୍ୱ କରି ଲଣ୍ଡନରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ୨୦୦୦-୨୦୦୧ରେ ରୋଟାରୀ ଇଣ୍ଟରନ୍ୟାସନାଲ ପକ୍ଷରୁ ଜାତୀୟ ପଲସ ପୋଲିଓ ପୋଗ୍ରାମ ପାଇଁ ଲିଡରସିପ ସମ୍ମାନ ଓ ୨୦୦୨ରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଠାରୁ ମଧୁ ସ୍ୱାଭିମାନ ସମ୍ମାନ ଓ ୨୦୦୨ରେ ପୁଣି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଠାରୁ ରାଞ୍ଚି ଇନଷ୍ଟିଚ୍ୟୁଟ ଅଫ ନ୍ୟୁରୋ ସାଇକ୍ୟାଟ୍ରି ଆଣ୍ଡ ଆଲାଏଡ଼ ସାଇନସ୍‌ସ ପକ୍ଷରୁ ପ୍ରଦତ୍ତ ସମ୍ମାନ ପ୍ରାପ୍ତ ହୋଇଥିଲେ। ୧୯୭୦ ମେ ୨୫ ତାରିଖରେ ଗାୟତ୍ରୀ ଦେବୀଙ୍କ ସହ ତାଙ୍କର ଶୁଭ ପରିଣୟ ହୋଇଥିଲା ଓ ତାଙ୍କର ତିନିପୁଅ ନିଜ ନିଜ କ୍ଷେତ୍ରରେ ବେଶ ପ୍ରତିଷ୍ଠା ଲାଭ କରିଛନ୍ତି। ବଡ଼ପୁଅ ଇଞ୍ଜିନିୟର ସୌମେନ୍ଦ୍ର କର ଏକ ବହୁରାଷ୍ଟ୍ରୀୟ କମ୍ପାନୀର ପଦସ୍ଥ କର୍ମକର୍ତ୍ତା ଭାବେ କର୍ତ୍ତବ୍ୟରତ ଅଛନ୍ତି। ମଧ୍ୟମ ପୁତ୍ର ସମ୍ବିତ କର ଓଡ଼ିଶା ହାଇକୋର୍ଟରେ ଜଣେ ସଫଳ ଆଇନଜୀବୀ ଓ କନିଷ୍ଠ ପୁତ୍ର ପ୍ରଫେସର ଡାକ୍ତର ସମ୍ରାଟ କର ଓଡ଼ିଶାର ଜଣେ କୃତବିଦ୍ୟ ଓ ସଫଳ ମାନସିକ ରୋଗ ବିଶେଷଜ୍ଞ ତଥା ଆଇଏମଏ ଓଡ଼ିଶା ଶାଖାର ଅର୍ଥନୈତିକ ସଚିବ ଭାବେ କାର୍ଯ୍ୟରତ। ମଣିଷଟିଏ ଜନ୍ମ ବେଳେ କିଛି ଆଣି ନଥାଏ। ଗଲାବେଳେ କିଛି ନିଏ ନାହିଁ। କାରଣ ଆସିବା ଆଉ ଯିବା ତା' ହାତର କଥା ନୁହେଁ। ନିଜର ଇଚ୍ଛାର ବ୍ୟାପାର ବି ନୁହେଁ। କିନ୍ତୁ ଆସିବା ଆଉ ଯିବାର ମଝିରେ ଯାହା ଥାଏ ତା'ର ନାମ ଜୀବନ। ଏଥିରେ ରହିଛି ଐଶ୍ୱରୀୟ ଇଚ୍ଛା ଓ ନିଜର ସାଧନା। ତେଣୁ ସଂସାରକୁ କୁହାଯାଏ କର୍ମର କ୍ଷେତ୍ର। ଏଇଟି ହେଉଛି କର୍ମ କରିବାର ପ୍ରକୃଷ୍ଟ କ୍ଷେତ୍ର। ଜଣେ ପ୍ରତିଷ୍ଠିତ ହୁଏ ନିଜର କର୍ମରେ ଆଉ ବଞ୍ଚିରହେ ସେହି କର୍ମରେ। ତେଣୁ କୁହାଯାଏ କର୍ମ ହିଁ ଭଗବାନ। ସୁକର୍ମ କରି ଅନେକ ବ୍ୟକ୍ତି ସଫଳତାର ପାହାଚକୁ ଛୁଇଁଛନ୍ତି। ଏ କଥା ନୂଆ ନୁହେଁ। ନୂଆ ହେଉଛି ବ୍ୟକ୍ତିଟିଏ କିପରି ସଫଳ ହୁଅନ୍ତି, ସେହି ଘଟଣା ହିଁ ନୂଆ। ତାହା ଉଦାହରଣ ହୋଇଯାଏ ସାରା ସମାଜ ପାଇଁ। ଡାକ୍ତର ଗୋପାଳ ଚନ୍ଦ୍ର କର ପିଲାଟି ଦିନରୁ ଆଧାତ୍ମିକ ଚେତନାକୁ ନିଜ ବ୍ୟକ୍ତିଚେତନାରେ ରୂପାନ୍ତରିତ କରିଥିଲେ। ସେ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଣେ ପରମ ଭକ୍ତ। ତାଙ୍କ ଜୀବନଟି ଥିଲା ଏକ ଖୋଲା ବହି ସଦୃଶ। ପିଲାଟି ଦିନରୁ ସମସ୍ତଙ୍କ ଭିତରେ ଆଧାତ୍ମିକ ଚେତନା ଭରିବା ସହ ସମାଜ ସେବା ଓ ସମାଜ ନୀତିକୁ ସେ ଜୀବନର କେବଳ ବ୍ରତ କରିନଥିଲେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ। ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ। ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ। ତା'ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇ ଦିଏ। ଯିଏ ସମାଜ ସେବାରେ ନିଜକୁ ନିୟୋଜିତ କରିଥାଏ ସେମାନେ ହେଉଛନ୍ତି ସ୍ଫଟିକତୁଲ୍ୟ, ଦୀପ୍ତ, ସ୍ୱଚ୍ଛ ଓ ଶୁଭ୍ର। ରକ୍ତମାଂସର ଶରୀର ଚିରସ୍ଥାୟୀ ନୁହଁ, ମାତ୍ର ଜୀବଦଶାରେ ଯିଏ ଯାହା କରିଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ। ଏହି ସଂଘର୍ଷପୂର୍ଣ୍ଣ ଜୀବନରେ ଅନ୍ୟ ମାନଙ୍କ ପାଇଁ ଆପଣାର ମଣିଷଟିଏ ହୋଇ ଅନ୍ୟ ମାନଙ୍କୁ ତିଆରି କରିବା ଓ ଅନ୍ୟ ମାନଙ୍କ ଓଠରେ ହସ ଫୁଟାଇବା ଥିଲା ତାଙ୍କ ଜୀବନଧର୍ମ।

ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ କିନ୍ତୁ ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କ ପରି ଦିବ୍ୟ ଜୀବନ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି - "କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ।'


**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ**

**ମୋବାଇଲ୍: ୯୧୩୨୪୩୩୩୩୩**


# ବାବା ଆମତେ



**ଡକ୍ଟର ସୁରେଶ କୁମାର ନାୟକ**



ଡା.ମୁରଲୀଧର ଦେବୀଦାସ ଆମତେ ବା ବାବା ଆମତେ ଜଣେ ପ୍ରସିଦ୍ଧ ସମାଜସେବୀ ଥିଲେ। ସେ ସମାଜରେ ଦୁସ୍ଥ ଲୋକ ଓ କୁଷ୍ଠ ରୋଗୀଙ୍କ ପାଇଁ ଆଶ୍ରମ ପ୍ରତିଷ୍ଠା କରି ସେବା କରିଥିଲେ। ସେ ଚନ୍ଦ୍ରପୁର, ମହାରାଷ୍ଟ୍ରସ୍ଥିତ ଆନନ୍ଦବନ ନାମକ ଆଶ୍ରମ ପ୍ରତିଷ୍ଠା କରିଥିଲେ। ଏହା ବ୍ୟତୀତ ଆମତେ ବନ୍ୟ ଜୀବନ ସଂରକ୍ଷଣ ଓ ନର୍ମଦା ବଚାଓ ଆନ୍ଦୋଳନର ପ୍ରମୁଖ ଅଂଶୀଦାର ଥିଲେ। ବାବା ଆମତେଙ୍କ ଜନ୍ମ ୧୯୧୪ ମସିହା ଡିସେମ୍ବର ୨୬ ତାରିଖରେ ମହାରାଷ୍ଟ୍ରର ଭର୍ଧା ଜିଲ୍ଲା ହିଂଗଣଘାଟ ଗାଁରେ ହୋଇଥିଲା। ତାଙ୍କ ପିତା ଜମିଦାର ଥିଲେ। ଛୋଟବେଳୁ ରୂପା ଚାମଚରେ ଖାଇ ବଡ଼ ହୋଇଥିବା ଆମତେଙ୍କ ଯୁବବସ୍ଥା ଦାମି କାରରେ ବୁଲିବା ଓ ହଲିଉଡ ସିନେମା ଦେଖିବାରେ କଟିଥିଲା। ସେ ଏମ୍.ଏ.ଏଲ୍.ଏଲ୍.ବି. କରିବା ପରେ କିଛି ଦିନ ଓକିଲାତି କରିଥିଲେ। ମହାତ୍ମା ଗାନ୍ଧୀ ଓ ବିନୋବା ଭାବେଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ସମଗ୍ର ଭାରତ ଭ୍ରମଣ କରି ଦୁସ୍ଥ ଓ ଗରିବ ଲୋକଙ୍କ ସମସ୍ୟାକୁ ସମୀକ୍ଷା କରିଥିଲେ। ପରେ ଭରୋଡ଼ା ନିକଟବର୍ତ୍ତୀ ଘଞ୍ଚ ଜଙ୍ଗଲରେ ନିଜ ପତ୍ନୀ ସାଧନା ବାଇ, ଦୁଇ ପୁଅ, ଏକ ଗାଈ ଓ ସାତ ରୋଗୀଙ୍କୁ ନେଇ ଆନନ୍ଦବନ ପ୍ରତିଷ୍ଠା କରିଥିଲେ। ଏହି ଆନନ୍ଦବନ ଏବେ ନିରାଶ୍ରୟ କୁଷ୍ଠ ରୋଗୀଙ୍କ ପାଇଁ ଆଶା ଓ ସମ୍ମାନଜନକ ଜୀବନ ବଞ୍ଚିବାରେ ସହାୟ ହୋଇଛି।

ଆନନ୍ଦବନର ମହାମନ୍ତ୍ର ଥିଲା ଶ୍ରମ ହିଁ ଶ୍ରୀରାମ। କେବେ ୨୪ ଟଙ୍କାରେ ଆରମ୍ଭ ହୋଇଥିବା ଆନନ୍ଦବନର ବଜେଟ ଏବେ କୋଟି କୋଟି ଟଙ୍କାରେ ପହଞ୍ଚିଛି। ତେବେ ବାବା ଆମତେ କେବଳ ଆନନ୍ଦବନ ନୁହେଁ କୁଷ୍ଠରୋଗୀଙ୍କ ପାଇଁ ସୋମନାଥ, ଅଶୋକବନ ଆଦି ଆଶ୍ରମ ମଧ୍ୟ ପ୍ରତିଷ୍ଠା କରିଥିଲେ। ୧୯୮୫ ମସିହାରେ ଆମତେ କାଶ୍ମୀରରୁ କନ୍ୟା କୁମାରୀ ଯାଏଁ ଭାରତ ଯୋଡ଼ ଆନ୍ଦୋଳନ ମଧ୍ୟ କରିଥିଲେ। ତେବେ ନିଜ ଜୀବନକୁ ସମାଜ ସେବାରେ ଉତ୍ସର୍ଗ କରିଦେଇଥିବା ବାବା ଆମେଟକୁ ଭାରତ ସରକାରଙ୍କ ପକ୍ଷରୁ ପଦ୍ମ ଭୂଷଣ ଓ ମହାରାଷ୍ଟ୍ର ସରକାରଙ୍କ ସର୍ବୋଚ୍ଚ ସମ୍ମାନ ମହାରାଷ୍ଟ୍ର ଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ଆମେରିକାରେ ଡେମିୟନ୍ ଡଟନ୍ ପୁରସ୍କାର ଓ ଏସିଆର ରେମନ ମେଗସେସେ ପୁରସ୍କାର ମଧ୍ୟ ଆମତେ ପ୍ରାପ୍ତ କରିଥିଲେ। ଶେଷରେ ସମାଜ ପାଇଁ କାର୍ଯ୍ୟ କରି କରି ୨୦୦୮ ମସିହା ଫେବୃଆରୀ ୯ ତାରିଖରେ ଆମତେ ଇହଲୀଳା ସମ୍ବରଣ କରିଥିଲେ।


**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ**

**ସେକ୍ଟର-୯, ସିଡିଏ, କଟକ**

## ମେ' ୪ରେ ନିଟ୍ ୟୁଜି ପରୀକ୍ଷା

### ୭ ମାର୍ଚ୍ଚ ଯାଏ ଆବେଦନ କରିପାରିବେ ଛାତ୍ରଛାତ୍ରୀ

**ନୂଆଦିଲ୍ଲୀ, ୮।୨:** ମେ' ୪ରେ ନିଟ୍ ୟୁଜି ପରୀକ୍ଷା। ଆସନ୍ତା ମେ' ୪ରେ ହେବ ନିଟ୍ ୟୁଜି ପରୀକ୍ଷା। ଏଥିରେ ଓଡ଼ିଆ ସମେତ ୧୩ଟି ଭାରତୀୟ ଭାଷାରେ ହେବ ପରୀକ୍ଷା। ଏଥିପାଇଁ ଆଜିଠୁ ୭ ମାର୍ଚ୍ଚ ଯାଏ ଆବେଦନ କରିପାରିବେ ଛାତ୍ରଛାତ୍ରୀ। ୧ ମେ'ରେ ଏନଟିଏ ୱେବସାଇଟରୁ ମିଳିବ ଆଡମିଟ କାର୍ଡ। ଗୋଟିଏ ସିଟିଂରେ ଅପରାହ୍ନ ୨ରୁ ୫ଟା ହେବ ପରୀକ୍ଷା। ପ୍ରାର୍ଥୀମାନେ ନିଟ୍.nta.nic.in ୱେବସାଇଟକୁ ଯାଇ ନିଟ୍ ୟୁଜି ୨୦୨୫ ପାଇଁ ଆବେଦନ କରିପାରିବେ। ଏନଟିଏ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ନିଟ୍ ୨୦୨୫ ପାଇଁ ଏପିଏଆର ଆଇଡି ବାଧ୍ୟତାମୂଳକ ନୁହେଁ। ଭାରତରେ ଡାକ୍ତରୀ ଓ ଆନୁଷଙ୍ଗିକ ପାଠ୍ୟକ୍ରମରେ ନାମଲେଖା ପାଇଁ ନିଟ୍ ୟୁଜି ହେଉଛି ଏକମାତ୍ର ପ୍ରଶ୍ନପତ୍ର। ମେ' ୪ ତାରିଖରେ ପେନ୍ ଓ କାଗଜ ମୋଡରେ ଏହି ପେପର ଅନୁଷ୍ଠିତ ହେବ। ୨୦୨୫ ଜୁନ୍ ୧୪ ସୁଦ୍ଧା ନିଟ୍ ୟୁଜି ୨୦୨୫ର ଫଳାଫଳ ପ୍ରକାଶ ପାଇବ। ଆବେଦନ ପ୍ରକ୍ରିୟା ମାର୍ଚ୍ଚ ୭ ରେ ଶେଷ ହେବ ଏବଂ ଆବେଦନରେ ପରିବର୍ତ୍ତନ କରିବାର ସୁବିଧା ମାର୍ଚ୍ଚ ୯ରୁ ୧୧ ପର୍ଯ୍ୟନ୍ତ ଉପଲବ୍ଧ ହେବ।

## ଚିନ୍ତା ବଢ଼ାଇଲାଣି ଆଉ ଏକ ଅଜଣା ରୋଗ

**ଶ୍ରୀନଗର, ୮।୨:** କରୋନା-ଜିବିଏସ୍ ପରେ ପୁଣି ଆତଙ୍କ ଖେଳାଇଲାଣି ଆଉ ଏକ ଅଜଣା ରୋଗ। ଜମ୍ମୁ-କଶ୍ମୀରର ରାଜୌରୀ ଜିଲ୍ଲାର ବଧଲ ଗ୍ରାମରେ ଏକ ଅଜଣା ରୋଗ ଦେଖା ଦେଇଛି। ଏହି ଅଜଣା ରୋଗରେ ଏପର୍ଯ୍ୟନ୍ତ ୧୭ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ସଚିବ ସୟଦ ଆବିଦ ରସିଦ ଶାହ କହିଛନ୍ତି ଯେ, ଏହି ରୋଗରେ ଆକ୍ରାନ୍ତ ହୋଇଥିବା ୫୫ ଜଣଙ୍କ ମଧ୍ୟରୁ ୩୮ ଜଣ ସୁସ୍ଥ ହେବା ପରେ ଡାକ୍ତରଖାନାରୁ ଡିସଚାର୍ଜ ହୋଇଛନ୍ତି। ଏ ପର୍ଯ୍ୟନ୍ତ ଏହି ରୋଗରେ ୧୭ ଜଣଙ୍କ ମୃତ୍ୟୁ ଘଟିଛି। ବର୍ତ୍ତମାନ କୌଣସି ନୂଆ ଆଡମିସନ୍ ନାହିଁ, ବିଶେଷଜ୍ଞ ଟିମ୍ ତଦାରଖ କରୁଛନ୍ତି। ଏହି ସମୟରେ କୌଣସି ନୂଆ ରୋଗୀଙ୍କୁ ଭର୍ତ୍ତି କରାଯାଇ ନାହିଁ ବୋଲି ସ୍ୱାସ୍ଥ୍ୟ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି। ପିଜିଆଇଏମ୍ଇଆର, ଚଣ୍ଡିଗଡ଼ ଏବଂ ନୂଆଦିଲ୍ଲୀ ଏମ୍ସର ବିଶେଷଜ୍ଞ ଡାକ୍ତରଙ୍କ ଏକ ଟିମ୍ ବର୍ତ୍ତମାନର ରୋଗୀମାନଙ୍କର ପରୀକ୍ଷା କରୁଛନ୍ତି। ୬୦ଟି ଭିନ୍ନ ଭିନ୍ନ ପରିବାରର ୩୬୩ ଜଣଙ୍କୁ ସଙ୍ଗରୋଧରେ ରଖାଯାଇଥିବା ବିଭାଗୀୟ କମିଶନର ରମେଶ କୁମାର କହିଛନ୍ତି। ଏହାବ୍ୟତୀତ ଏହି ରୋଗର ଅନ୍ୟ କୌଣସି ଉତ୍ସ ଚିହ୍ନଟ କରିବା ପାଇଁ ୫୯୨ଟି ପଶୁଙ୍କ ବିଶେଷ ଯତ୍ନ ନିଆଯାଉଛି। ଡିସେମ୍ବର ୭ରୁ ଜାନୁଆରୀ ୧୯ ମଧ୍ୟରେ ଏହି ରହସ୍ୟମୟ ରୋଗରେ ୩ଟି ପରିବାରର ୧୭ ଜଣ ପ୍ରାଣ ହରାଇଛନ୍ତି। ଏହି ରୋଗ ବ୍ୟାପିବାର କାରଣ ସମ୍ପର୍କରେ ପ୍ରଶାସନ ଗଭୀର ଅନୁସନ୍ଧାନ ଜାରି ରଖିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସ୍ଥିତିସମୀକ୍ଷା କରାଯାଉଛି।

## ମାଘ ପୂର୍ଣ୍ଣିମା ଓ ମହାଶିବରାତ୍ରୀରେ ହେବନି ଅମୃତ ସ୍ନାନ

**ନୂଆଦିଲ୍ଲୀ, ୮।୨:** ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭ ମେଳା ଆସନ୍ତା ୨୬ ତାରିଖ ମହାଶିବରାତ୍ରୀ ଅବସରରେ ସମାପ୍ତ ହେବ। ମହାକୁମ୍ଭରେ ଆଉ ୨ଟି ସ୍ନାନ ରହିଛି, ତାହା ହେଉଛି ମାଘ ପୂର୍ଣ୍ଣିମା ଓ ମହାଶିବରାତ୍ରୀ। କିନ୍ତୁ ଏହି ଦୁଇଦିନ ଅମୃତ ସ୍ନାନ ହେବ ନାହିଁ। ଏହି କାରଣରୁ ଏବେଠାରୁ ନାଗାସାଧୁମାନେ ବାରାଣାସୀ ଅଭିମୁଖେ ଯାତ୍ରାରମ୍ଭ କରିଛନ୍ତି। ମହାକୁମ୍ଭ ମେଳା ଗ୍ରହ ଓ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଆୟୋଜନ କରାଯାଏ। ମୁଖ୍ୟତଃ ସୂର୍ଯ୍ୟ ମକର ରାଶିରେ ଥିବା ବେଳେ ବୃହସ୍ପତି ବୃଷ ରାଶିରେ ଥିବା ବେଳେ ସ୍ନାନକୁ ଅମୃତ ସ୍ନାନ ବୋଲି ବିବେଚନା କରାଯାଏ। ସେହି ଅନୁଯାୟୀ ମକର ସଂକ୍ରାନ୍ତି, ମୌନି ଅମାବାସ୍ୟା ଓ ବସନ୍ତ ପଞ୍ଚମୀରେ ଶୁଭ ସମାବେଶ ଅନୁଷ୍ଠିତ ହେଉଥିବାରୁ ଏହି ତିଥିରେ ଅମୃତ ସ୍ନାନ କରାଯାଇଥିଲା। ତେବେ ମାଘ ପୂର୍ଣ୍ଣିମା ଓ ମହାଶିବରାତ୍ରୀରେ କାହିଁକି ହେବନି ଅମୃତ ସ୍ନାନ ? ମହାକୁମ୍ଭ ମେଳା ଗ୍ରହ ଓ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଆୟୋଜନ କରାଯାଏ। ମୁଖ୍ୟତଃ ସୂର୍ଯ୍ୟ ମକର ରାଶିରେ ଥିବା ବେଳେ ବୃହସ୍ପତି ବୃଷ ରାଶିରେ ଥିବା ବେଳେ ସ୍ନାନକୁ ଅମୃତ ସ୍ନାନ ବୋଲି ବିବେଚନା କରାଯାଏ। ସେହି ଅନୁଯାୟୀ ମକର ସଂକ୍ରାନ୍ତି, ମୌନି ଅମାବାସ୍ୟା ଓ ବସନ୍ତ ପଞ୍ଚମୀରେ ଶୁଭ ସମାବେଶ ଅନୁଷ୍ଠିତ ହେଉଥିବାରୁ ଏହି ତିଥିରେ ଅମୃତ ସ୍ନାନ କରାଯାଇଥିଲା। ମାଘ ପୂର୍ଣ୍ଣିମା ଦିନ ବୃହସ୍ପତି ବୃଷ ରାଶିରେ ରହିବେ, କିନ୍ତୁ ସୂର୍ଯ୍ୟ କୁମ୍ଭ ରାଶିକୁ ଚାଲିଯିବେ। ଏହାବ୍ୟତୀତ ମହାଶିବରାତ୍ରୀରେ ସୂର୍ଯ୍ୟ ମଧ୍ୟ କୁମ୍ଭ ରାଶିରେ ରହିବେ, ତେଣୁ ଏହି ଦିନ ସ୍ନାନକୁ ଅମୃତ ସ୍ନାନ ଭାବେ ବିବେଚନା କରାଯିବ ନାହିଁ। ଏସବୁ ସତ୍ତ୍ୱେ ମାଘ ପୂର୍ଣ୍ଣିମା ଓ ମହାଶିବରାତ୍ରୀରେ ସ୍ନାନ କରିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ। ଏହି ଦୁଇ ତିଥିରେ ପବିତ୍ର ସଙ୍ଗମସ୍ଥଳରେ ସ୍ନାନ କଲେ ବିଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

## ସିବିଲ୍ ସ୍କୋର ଖରାପ ଥିଲା, ନାକ ଟେକିଲେ କନ୍ୟା ପରିବାର

**ନୂଆଦିଲ୍ଲୀ, ୮।୨:** ଖରାପ ସିବିଲି ସ୍କୋର ଥିଲେ ବ୍ୟାଙ୍କ ଦ୍ୱାରା ଲୋନ୍ ଦେବାକୁ ମନା କରିବା କଥା ତ ଆପଣ ଶୁଣି ଥିବେ, କିନ୍ତୁ ବାହାଘର କରିବାକୁ ମନା କରିବା ଘଟଣା ବୋଧହୁଏ ପ୍ରଥମ ଥର ଘଟିଛି। ମହାରାଷ୍ଟ୍ରର ମୁରତିଜାପୁରରେ ଏମିତି ଘଟଣା ଘଟିଛି। ଟାଇମ୍ସ ଅଫ୍ ଇଣ୍ଡିଆ ମୁତାବିକ , ଏହି ଘଟଣା ସେତେବେଳେ ସାମନାକୁ ଆସିଥିଲା, ଯେତେବେଳେ ବରର ପରିବାର ଓ କନ୍ୟାର ପରିବାର ମଧ୍ୟରେ ବାହାଘରକୁ ନେଇ କଥାବାର୍ତ୍ତା ଚାଲିଥିଲା। ଶେଷ ନିଷ୍ପତ୍ତିକୁ ନେଇ ସାକ୍ଷାତ୍ କାର୍ଯ୍ୟକ୍ରମ ଚାଲିଥିଲା। ଉଭୟ ପରିବାର ପରସ୍ପର ସହ ଭେଟ ହୋଇ ବିବାହର ଅନ୍ୟ ସବୁ ବିଷୟରେ ଆଲୋଚନା କରିବାକୁ ସ୍ଥିର କରୁ ଥିଲେ। କିନ୍ତୁ ସେତେବେଳେ ଝିଅର ଦାଦା ବରର ସିଭିଲ୍ ସ୍କୋର ଚେକ୍ କରିବାକୁ କହିଲେ। ଝିଅର ଦାଦା ପ୍ୟାନ କାର୍ଡ ନମ୍ବର ନେଇ ବରର ସିଭିଲ ସ୍କୋର ଚେକ୍ କଲେ। ଏହାପରେ ସେ ବାହାଘର କରାଇବାକୁ ମନା କରି ଦେଲେ। ରିପୋର୍ଟ ଅନୁସାରେ, ଝିଅର ପରିବାରକୁ ଏହା ଜାଣି ଆଶ୍ଚର୍ଯ୍ୟ ହୋଇଛି କି, ବରର ନାଁରେ ଅନେକ ଋଣ ଚାଲୁ ଥିଲା। ସେ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ସାରି ଥିଲେ। ଏହା ବ୍ୟତୀତ ତାଙ୍କର ସିଭିଲ ସ୍କୋର ମଧ୍ୟ ବହୁତ କମ୍ ଥିଲା। ଏକ କମ୍ ସିଭିଲ ସ୍କୋର ଏହା ସଙ୍କେତ ଦେଉଛି କି ବ୍ୟକ୍ତିଙ୍କର ଆର୍ଥିକ ଇତିହାସ ଦୁର୍ବଳ ରହିଛି। ସେ ଲୋନ୍ ଭରିବାରେ ଡିଫଲଟର ରହି ଥିଲେ। ଏହାକୁ ନେଇ କନ୍ୟାର ଦାଦା କହିଥିଲେ କି, ବର ପୂର୍ବରୁ ଆର୍ଥିକ ସମସ୍ୟାରେ ରହିଛନ୍ତି ଏବଂ ସେ ନିଜର ପତ୍ନୀକୁ ଆର୍ଥିକ ସୁରକ୍ଷା ପ୍ରଦାନ କରି ପାରିବେ ନାହିଁ। ଏହାପରେ , କନ୍ୟାର ପରିବାରର ଅନ୍ୟ ସଦସ୍ୟ ମଧ୍ୟ ଏହି ନିଷ୍ପତ୍ତିରେ ସହମତ ହୋଇ ଗଲେ ଏବଂ ବିବାହ ପ୍ରସ୍ତାବକୁ ରଦ୍ଦ କରି ଦେଲେ। ସିଭିଲ ସ୍କୋର ଏକ ତିନି ଅଙ୍କର ନମ୍ବର , ଯାହା କୌଣସି ବ୍ୟକ୍ତିର କ୍ରେଡିଟ୍ ଇତିହାସର ସାରାଂଶ ପ୍ରସ୍ତୁତ କରିଥାଏ। ଏହା ୩୦୦ରୁ ୯୦୦ ଯାଏ ରହିଥାଏ। ଏକ ଉଚ୍ଚ ସିଭିଲ ସ୍କୋର ଏହା ଦର୍ଶାଉଛି କି, ବ୍ୟକ୍ତିଙ୍କର ଆର୍ଥିକ ଜୀବନ ଭଲ ଅଛି। କମ୍ ସ୍କୋର ତାର ବିପରୀତ ସଙ୍କେତ କରିଥାଏ । ସିଭିଲ ସ୍କୋର ବ୍ୟବହାର ଏହା ସ୍ଥିର କରିବା ପାଇଁ କରାଯାଏ କି ବ୍ୟକ୍ତିର କ୍ରେଡିଟ୍ ଇତିହାସ କିପରି। ସେ ଋଣ ସଠିକ୍ ସମୟରେ ଭରିବାରେ ସକ୍ଷମ କି ନୁହେଁ , ଏହା ଜାଣି ହୁଏ।

## ଦିଲ୍ଲୀ ବିଧାନସଭା ନିର୍ବାଚନ

# ମିଲ୍କିପୁରରେ ଅଯୋଧ୍ୟା ପରାଜୟର ପ୍ରତିଶୋଧ



**ମିଲ୍କିପୁର, ୮।୨:** ୟୁପିର ଅଯୋଧ୍ୟାର ବହୁଚର୍ଚ୍ଚିତ ମିଲ୍କିପୁର ଆସନରେ ବିଜେପି ବିପୁଳ ବିଜୟ ହାସଲ କରିଛି। ଦଳର ପ୍ରାର୍ଥୀ ଚନ୍ଦ୍ରଭାନୁ ପାଶୱାନ ନିଜର ନିକଟତମ ପ୍ରାର୍ଥୀ ସମାଜବାଦୀ ପାର୍ଟିର ଅଜିତ ପ୍ରସାଦଙ୍କୁ ୬୧୭୧୦ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଏହା ସହିତ ଗତ ଲୋକସଭା ନିର୍ବାଚନରେ ଅଯୋଧ୍ୟାର ଫୈଜାବାଦ ଆସନରେ ହୋଇଥିବା ପରାଜୟର ପ୍ରତିଶୋଧ ନେଇଛି ବିଜେପି। ଏହି ବିଜୟକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନୈତିକ ବିଜୟ ବୋଲି କୁହାଯାଉଛି।

ଅବଧେଶ ପ୍ରସାଦ ମିଲ୍କିପୁର ବିଧାନସଭା ଆସନ ଛାଡ଼ି ଫୈଜାବାଦ ସାଂସଦ ହେବା ପରେ ଏହି ଆସନଟି ଖାଲି ରହିଥିଲା। ଫୈଜାବାଦ ଅଧିନରେ ବିଜେପିର ହିନ୍ଦୁତ୍ୱ ରାଜନୀତିର କେନ୍ଦ୍ର ଅଯୋଧ୍ୟା ଆସୁଥିବାରୁ ସେଠାରେ ପରାଜୟ ବିଜେପିକୁ ବେଶ ବାଧିଥିଲା। ଫଳରେ ମିଲ୍କିପୁର ଉପନିର୍ବାଚନ ବିଜେପି ଓ ଯୋଗୀ ଆଦିତ୍ୟନାଥଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଯାଇଥିଲା।

ଅବଧେଶ ପ୍ରସାଦ ମିଲ୍କିପୁର ବିଧାନସଭା ଆସନ ଛାଡ଼ି ଫୈଜାବାଦ ସାଂସଦ ହେବା ପରେ ଏହି ଆସନଟି ଖାଲି ରହିଥିଲା। ଫୈଜାବାଦ ଅଧିନରେ ବିଜେପିର ହିନ୍ଦୁତ୍ୱ ରାଜନୀତିର କେନ୍ଦ୍ର ଅଯୋଧ୍ୟା ଆସୁଥିବାରୁ ସେଠାରେ ପରାଜୟ ବିଜେପିକୁ ବେଶ ବାଧିଥିଲା। ଫଳରେ ମିଲ୍କିପୁର ଉପନିର୍ବାଚନ ବିଜେପି ଓ ଯୋଗୀ ଆଦିତ୍ୟନାଥଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଯାଇଥିଲା। ଏବେ ମିଲ୍ଲିପୁର ଆସନରେ ବିଜୟ ପରେ ବିଜେପି ସପା ଉପରେ ପ୍ରତିଶୋଧ ନେଇଛି।

ଆଜିର ଗଣତି ବେଳେ ପ୍ରଥମ ରାଉଣ୍ଡରୁ ହିଁ ପଦ୍ମ ଆଗୁଆ ରହିଥିଲା, ଯାହାକି ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା। ପ୍ରଥମ ରାଉଣ୍ଡରୁ ପଛରେ ପଡ଼ିଥିବା ସପା ଗଣତି ଶେଷ ହେବା ପର୍ଯ୍ୟନ୍ତ ପଦ୍ମର ବେଗକୁ ଧରି ପାରିନଥିଲା। ପ୍ରଥମ ରାଉଣ୍ଡର ଫଳାଫଳ ଆସିବା ବେଳକୁ ବିଜେପି ୩୯୯୫ ଖଣ୍ଡ ଭୋଟରେ ଆଗୁଆ ରହିଥିଲା। ପରବର୍ତ୍ତି ରାଉଣ୍ଡ ଗୁଡ଼ିକରେ ଏହି ବ୍ୟବଧାନ ବଢ଼ିଚାଲିଥିଲା ଓ ଶେଷରେ ଏହି ବ୍ୟବଧାନ ୬୧୭୧୦ରେ ପହଞ୍ଚିଥିଲା।

## ଅତୀତରେ ଯିଏ ଯାଇଛି ଜେଲ୍, ଅଗ୍ନିପରୀକ୍ଷାରେ ସିଏ ହେଇଛି ଫେଲ୍

**ନୂଆଦିଲ୍ଲୀ, ୮।୨:** ଦିଲ୍ଲୀରେ କାହିଁକି ଆସିଲାନି ଆପ୍ ? କାହିଁକି ହାରିଗଲେ କେଜ୍ରିୱାଲ ? ଆମ୍ ଆଦମୀ ପାର୍ଟିର ପରାଜୟ ପଛର କାରଣ କଣ ? ହାଟ୍ରିକ୍ ସରକାର ଗଢିବାର ସ୍ୱପ୍ନରେ କାହିଁକି ଲାଗିଲା ବ୍ରେକ୍ ? ଦିଲ୍ଲୀ ଦଖଲ ପାଇଁ ଦିଲ୍ଲୀ ଦଙ୍ଗଲରେ ହାର୍ ମାନିଥିବା ଆପକୁ ନେଇ ସାରା ଦେଶରେ ଚର୍ଚ୍ଚା ଆଲୋଚନା ଓ ବିତର୍କ ହେଉଥିବା ବେଳେ କେମିତି ହାରିଲେ ଆପର ବଡ ନେତାମାନେ ତାର କାରଣ ବି ଖୋଜା ଚାଲିଛି। ହେଭିୱେଟଙ୍କ ହାରିବା ପଛର କାରଣ ସେମାନଙ୍କ ଅତୀତର କର୍ମ ବୋଲି କେହି କେହି କହୁଥିବା ବେଳେ ଆପ ସରକାରର ଦୁର୍ନୀତି ପାଇଁ ଏଥର ଦିଲ୍ଲୀରେ ସରକାର ଭାଙ୍ଗିଥିବା ଅନେକ କହିଛନ୍ତି। ତେବେ ଜେଲ ଯିବା ହିଁ ଫେଲ ହେବାର ବଡ କାରଣ ବୋଲି କିଛି ରାଜନୈତିକ ସମୀକ୍ଷକ କହିଛନ୍ତି। ଅତୀତରେ ଜେଲରେ ରହିଥିବା ଆମ୍ ଆଦମୀ ପାର୍ଟିର ଅନେକ ହେଭିୱେଟ ନେତା ହିଁ ଏଥର ଅଗ୍ନିପରୀକ୍ଷାରେ ଫେଲ୍ ହୋଇଛନ୍ତି। ଅରବିନ୍ଦ କେଜ୍ରିୱାଲଙ୍କ ଭଳି ବଡ ନେତା ଏଥର ନିଜ ଆସନରୁ ହାରିଯିବା ଆଶ୍ଚର୍ଯ୍ୟର କଥା। ନୂଆଦିଲ୍ଲୀ ଆସନରୁ ନିଜେ ନିଜର ଚୌକିକୁ ସମ୍ଭାଳିପାରିଲେନି ଆମ୍ ଆଦମୀ ପାର୍ଟିର ସଂଯୋଜକ ଅରବିନ୍ଦ କେଜ୍ରିୱାଲ। ବିଜେପିର ପ୍ରବେଶ ବର୍ମାଙ୍କ ଠାରୁ ପରାସ୍ତ ହୋଇଛନ୍ତି କେଜ୍ରିୱାଲ। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଥିବା କେଜ୍ରିୱାଲ ନିଜ ଅତୀତର କଳାଦାଗ ପାଇଁ ଏଥର ନିର୍ବାଚନ ହାରିଥିବା କୁହାଯାଉଛି। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଜେଲ ଯାଇଥିଲେ ଅରବିନ୍ଦ କେଜ୍ରିୱାଲ। କେଜ୍ରିୱାଲଙ୍କୁ ଗିରଫ ପରେ ଦିଲ୍ଲୀ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଥିଲା। ତେବେ ଅରବିନ୍ଦ କେଜ୍ରିୱାଲଙ୍କ ଏହି ଜେଲ ଯିବା ତାଙ୍କ ପାଇଁ ପରବର୍ତ୍ତୀ ମୁହୂର୍ତ୍ତରେ କାଳ ହେଲା ବୋଲି ଅନେକ କହୁଛନ୍ତି।



ସେହିପରି ଦିଲ୍ଲୀ ସରକାରରେ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଥିବା ମନୀଷ ସିସୋଦିଆ ମଧ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଜେଲ ଯାଇଥିଲେ ଆଉ ସିଏ ବି ଜଙ୍ଗପୁରା ଆସନରୁ ବିଜେପିର ତରବିନ୍ଦର ସିଂ ମାରୱାଙ୍କ ଠାରୁ ପରାଜିତ ହୋଇଛନ୍ତି। ସତ୍ୟେନ୍ଦ୍ର ଜୈନ ହୁଅନ୍ତୁ କି ସୋମନାଥ ଭାରତୀ ସମସ୍ତେ ଅତୀତର ଜେଲ ସଜା ପାଇଁ ନିର୍ବାଚନରେ ଜନତା ସେମାନଙ୍କୁ ଶାସ୍ତି ଦେଇ ଥାଇପାରନ୍ତି ବୋଲି କୁହାଯାଉଛି।



ବିଜେପି ପ୍ରାର୍ଥୀ ପ୍ରବେଶ ବର୍ମା ବିଜୟୀ ଘୋଷିତ ହେବା ପରେ ଭୋଟ୍ ଗଣତି କେନ୍ଦ୍ର ବାହାରେ ଖୁସି ମନାଉଛନ୍ତି

## କେଜ୍ରିୱାଲଙ୍କୁ ମୁକ୍ତ କରିଛନ୍ତି ଜନତା, ଏବେ ଆରାମରେ ଜେଲ୍ ଯାଇପାରିବେ: ସ୍ମୃତି ଇରାନୀ



**ନୂଆଦିଲ୍ଲୀ, ୮।୨:** ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିର ବିଜୟ ପରେ ସ୍ମୃତି ଇରାନୀ ଅରବିନ୍ଦ କେଜ୍ରିୱାଲଙ୍କୁ ଟାର୍ଗେଟ କରିଛନ୍ତି। ଅରବିନ୍ଦ କେଜ୍ରିୱାଲଙ୍କୁ ଜନତା ମୁକ୍ତ କରିଛନ୍ତି, ସେ ଏବେ ଆରାମରେ ଜେଲ୍ ଯାଇପାରିବେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କହିଛନ୍ତି, ବିଜେପି ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟିରେ ଦିଲ୍ଲୀରେ ଇତିହାସ ରଚିଛି। ମୁଁ ଦିଲ୍ଲୀବାସୀଙ୍କୁ କୃତଜ୍ଞତା ଜଣାଉଛି। ଯେଉଁମାନେ ମୋଦି ଗ୍ୟାରେଣ୍ଟି ଉପରେ ବିଶ୍ୱାସ କରି ବିଜେପିକୁ ସେବା କରିବାକୁ ସୁଯୋଗ ଦେଇଛନ୍ତି। କ୍ଷମତାରେ ଥିବା ଅହଂକାରୀ କେଜ୍ରିୱାଲଙ୍କୁ ପରାଜୟ ମିଳିଛି। ମୋ ମତରେ ଜନତା ତାଙ୍କୁ ମୁକ୍ତ କରିଛନ୍ତି, ସେ ନିଜ କୁକର୍ମ ପାଇଁ ଆରାମରେ ଜେଲ୍ ଯାଇପାରିବେ।

ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ବିଜେପିର ପ୍ରବେଶ ବର୍ମା ନୂଆଦିଲ୍ଲୀ ନିର୍ବାଚନ ସିଟରୁ ୪,୦୮୯ ଭୋଟରେ ହରାଇଛନ୍ତି। ଯାହାପରେ ନିଜର ପରାଜୟ ସ୍ୱୀକାର କରିଛନ୍ତି କେଜ୍ରିୱାଲ। ସେ କହିଛନ୍ତି, ଗତ ୧୦ ବର୍ଷ ହେଲାଣି ଜନତାଙ୍କୁ ସୁଯୋଗ ଦିଆଯାଇଥିଲା। ଆମେ ବହୁତ ସାରା କାମ କରିଛୁ। ଶିକ୍ଷା, ସ୍ୱାସ୍ଥ୍ୟ, ପାଣି, ବିଜୁଳି ଏବଂ ଅଲଗା ଅଲଗା ଲୋକଙ୍କୁ ସୁବିଧା ଯୋଗାଇବା ପାଇଁ ଚେଷ୍ଟା କରିଛୁ। ଦିଲ୍ଲୀର ଇନଫ୍ରାଷ୍ଟ୍ରକ୍ଚରକୁ ସୁଧାରିବାକୁ ଚେଷ୍ଟା କରିଛୁ। ଏବେ ସେହି ଜନତା ନିର୍ଣ୍ଣୟ ନେଇଛି। ଆପର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ। ସେମାନେ ଭଲ କାମ କରିଛନ୍ତି। ବହୁତ ପରିଶ୍ରମ କରିଛନ୍ତି। ଆମେ ପରାଜୟକୁ ଗ୍ରହଣ କରୁଛୁ। ମୁଁ ବିଜେପିର ବିଜୟ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଉଛି।

ଅରବିନ୍ଦ କେଜ୍ରିୱାଲଙ୍କ ସହିତ ଆପର ଅନେକ ବଡ଼ ନେତା ନିର୍ବାଚନ ହାରିଛନ୍ତି। ମନୀଷ ସିସୋଦିଆ ମଧ ଜଙ୍ଗପୁରା ସିଟରୁ ହାରିଛନ୍ତି। ବିଜେପି ପ୍ରାର୍ଥୀ ତରବିନ୍ଦର ସିଂ ମାରୱାଙ୍କ ଠାରୁ ହାରିଯାଇଛନ୍ତି ଦିଲ୍ଲୀର ଏହି ପୂର୍ବ ଉପ-ମୁଖ୍ୟମନ୍ତ୍ରୀ। ସିସୋଦିଆ ମାତ୍ର ୬୦୦ ଭୋଟରେ ହାରିଯାଇଛନ୍ତି। ଏହି ଆସନରେ ବିଜେପିର ତରବିନ୍ଦର ସିଂ ମାରୱା ବିଜୟୀ ହୋଇଛନ୍ତି। ପ୍ରଥମ ଥର ପାଇଁ ଏହି ଆସନରୁ ମନୀଷ ସିସୋଦିଆ ପ୍ରାର୍ଥୀ ହୋଇଥିଲେ। ମନୀଷ ସିସୋଦିଆ ୨୦୧୩ ମସିହାରୁ ପଟପଡଗଞ୍ଜରୁ ନିର୍ବାଚନ ଜିତି ଆସୁଥିଲେ।

## ଦିଲ୍ଲୀବାସୀ କେଜ୍ରିୱାଲଙ୍କୁ ଘୃଣା କରୁଛନ୍ତି: ମନୋଜ ତିୱାରୀ

**ନୂଆଦିଲ୍ଲୀ, ୮।୨:** ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ପାଇଁ ଶନିବାର ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହୋଇଛି। ପ୍ରାରମ୍ଭିକ ଟ୍ରେଣ୍ଡରେ ବହୁମତଠାରୁ ବିଜେପି ବହୁ ଆଗରେ ରହିଛି।ବିଜେପି ଏକତରଫା ବିଜୟ ମୁହାଁ ହୋଇଛି। ବିଜେପିର ଯାଦୁ କାମ କରିଛି। ହଟ୍ ସିଟ୍‌ରେ ଆପ୍‌ର ସ୍ଥିତି ଖରାପ ରହିଛି। ବିଜେପିର ଦୃଢ଼ ସ୍ଥିତି ଏବଂ ଆପ୍‌ର ଖରାପ ଅବସ୍ଥା ନେଇ ବିଜେପି ନେତା ମନୋଜ ତିୱାରୀ କହିଛନ୍ତି ଯେ, ଲୋକେ ଅରବିନ୍ଦ କେଜ୍ରିୱାଲଙ୍କୁ ଘୃଣା କରୁଛନ୍ତି। ଯଦି ବିଜେପି ଜିତିଯାଏ ତେବେ ମୁଖ୍ୟମନ୍ତ୍ରୀ ମୁହଁ କିଏ ହେବ ବୋଲି ପ୍ରଶ୍ନର ଉତ୍ତରରେ ମନୋଜ ତିୱାରୀ କହିଛନ୍ତି, ଟିକେ ଅପେକ୍ଷା କରନ୍ତୁ, ସମୟ ସହିତ ଆଗକୁ କ'ଣ ହେବ ତାହା ଆପଣ ଜାଣିପାରିବେ। ଦିଲ୍ଲୀରେ ଅନୁମାନ କରାଯାଉଛି ଯେ ମନୋଜ ତିୱାରୀ ନିଜେ ବିଜେପି ମୁଖ୍ୟମନ୍ତ୍ରୀ ଚେହେରା ଦୌଡ଼ରେ ଆଗରେ ଅଛନ୍ତି।

## ଦଙ୍ଗା ପ୍ରଭାବିତ ଆସନଗୁଡ଼ିକରେ ବିଜେପି-ଆପକୁ ମିଶ୍ରିତ ଫଳାଫଳ

**ନୂଆଦିଲ୍ଲୀ, ୮।୨:** ୨୦୨୦ରେ ବିଧାନସଭା ନିର୍ବାଚନ ପରେ ଦିଲ୍ଲୀରେ ଦଙ୍ଗା ହୋଇଥିଲା। ବେଶ କିଛି ଦିନ ଧରି ରାଜଧାନୀର କେତେକ ଅଂଚଳରେ ହିଂସାକାଣ୍ଡର ନିଆଁ ଲାଗିରହିଥିଲା। ଏହି ଦଙ୍ଗାରେ ଦିଲ୍ଲୀର ୬ଟି ବିଧାନସଭା ଆସନ ପ୍ରଭାବିତ ହୋଇଥିଲା। ଏଥର ବିଧାନସଭା ନିର୍ବାଚନରେ ସମସ୍ତ ୬ଟି ଆସନରେ ଭଲ ମତଦାନ ହୋଇଛି। ୬୦ରୁ ୭୦ ପ୍ରତିଶତ ମତଦାନ ହୋଇଛି। ଏଥର ଏହି ୬ଟି ଆସନରେ ବିଜେପି ଓ ଆପକୁ ମିଶ୍ରିତ ଫଳାଫଳ ମିଳିଛି। ଅର୍ଥାତ୍ ୩ଟି ବିଜେପିକୁ ଓ ୩ଟି ଆପ୍ ହାତକୁ ଯାଇଛି। ଘୋଣ୍ଡାରେ ଅଜୟ ମହାୱାରଙ୍କୁ ବିଜେପି ପ୍ରାର୍ଥୀ କରିଥିଲା। ଆମ୍ ଆଦମୀ ପାର୍ଟିର ଗୌରବ ଶର୍ମାଙ୍କ ସହ ତାଙ୍କର ମୁକାବିଲା ହୋଇଥିଲା। ଏଠାରେ ଅଜୟ ମହାୱାର ୨୬,୦୫୮ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। କରାୱଲ ନଗରରେ ବିଜେପିର କପିଲ ମିଶ୍ର ଆପ୍ ପ୍ରାର୍ଥୀ ମନୋଜ କୁମାର ତ୍ୟାଗୀଙ୍କୁ ୨୩,୩୫୫ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ମୁସ୍ତାଫାବାଦରେ ଆମ୍ ଆଦମୀ ପାର୍ଟି ମଧ ପରାଜୟର ସମ୍ମୁଖୀନ ହୋଇଛି। ବିଜେପି ପ୍ରାର୍ଥୀ ମୋହନ ସିଂହ ବିଷ୍ଟ ଆପ୍ ପ୍ରାର୍ଥୀ ଆଦିଲ ଅହମ୍ମଦ ଖାନଙ୍କୁ ୧୭,୫୭୮ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ବାବରପୁରରେ ଆପର ଗୋପାଳ ରାୟ ବିଜୟୀ ହୋଇଛନ୍ତି। ସେ ବିଜେପିର ଅନୀଲ ବଶିଷ୍ଠଙ୍କୁ ୧୮,୯୯୪ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଗୋକଲପୁରରେ ମଧ ଆମ୍ ଆଦମୀ ପାର୍ଟି ବିଜୟୀ ହୋଇଛି। ଆପ ପ୍ରାର୍ଥୀ ସୁରେନ୍ଦ୍ର କୁମାର ଏଠାରେ ପାଖାପାଖି ୮ ହଜାର ଭୋଟରେ ବିଜୟୀ ହୋଇଛନ୍ତି। ସିଲମପୁରରେ ଆମ୍ ଆଦମୀ ପାର୍ଟି ପ୍ରାର୍ଥୀ ଚୌଧୁରୀ ଜୁବେର ଅହମ୍ମଦ ବିପୁଳ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

## କେଜ୍ରିୱାଲଙ୍କୁ ବହୁତ ବୁଝାଇଛି, ହେଲେ ସେ ମାନିଲେନି: ଆନ୍ନା ହଜାରେ

**ନୂଆଦିଲ୍ଲୀ:** ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟି ଏବଂ ଅରବିନ୍ଦ କେଜରିୱାଲଙ୍କ ପରାଜୟରେ ସାମାଜିକ କର୍ମୀ ଆନ୍ନା ହଜାରେ ଭାବପ୍ରବଣ ହୋଇପଡିଛନ୍ତି । ଆନ୍ନା ହଜାରେ ଭାବପ୍ରବଣ ହୋଇ କହିଛନ୍ତି ଯେ ସେ କେଜରିୱାଲଙ୍କୁ ବହୁତ ବୁଝାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ସେ ସମାଜ ବିଷୟରେ ଚିନ୍ତା ନକରି ରାଜନୀତିରେ ପ୍ରବେଶ କରିଥିଲେ। ସେ କହିଲେ, "ମୁଁ ତାଙ୍କଠାରୁ ବହୁତ ଆଶା କରିଥିଲି। ମୁଁ ତାଙ୍କୁ ବହୁତ ଭଲପାଉଥିଲି, କିନ୍ତୁ ସେ ଚାଲିଗଲେ।" ସାମାଜିକ କର୍ମୀ ଆନ୍ନା ହଜାରେ କହିଛନ୍ତି, "ମୁଁ ବହୁତ ଦିନ ଧରି କହିଆସୁଛି ଯେ ନିର୍ବାଚନ ଲଢ଼ିବା ସମୟରେ ପ୍ରାର୍ଥୀଙ୍କ ଆଚରଣ, ଚିନ୍ତାଧାରା ଏବଂ ଚରିତ୍ର ପବିତ୍ର ହେବା ଉଚିତ। ଏହି ଲୋକମାନେ ମଦ ନୀତିରେ ଲିପ୍ତ ଥିଲେ, ସେମାନଙ୍କର ଛବି ଖରାପ ଥିଲା, ଏହି କାରଣରୁ ସେମାନଙ୍କୁ କମ୍ ଭୋଟ ମିଳିଥିଲା।" ଆନ୍ନା ହଜାରେ କହିଛନ୍ତି ଯେ ମଦ ନୀତି ଏବଂ ଟଙ୍କା ଉପରେ ଧ୍ୟାନ ଦେବା କାରଣରୁ



ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱାଧୀନ ଆମ ଆଦମୀ ପାର୍ଟି (ଆପ୍)କୁ ଦିଲ୍ଲୀ ବିଧାନସଭା ନିର୍ବାଚନରେ ପରାଜୟର ସାମ୍ନା କରିବାକୁ ପଡିଲା। ସାମାଜିକ କର୍ମୀ କହିଛନ୍ତି ଯେ ଅରବିନ୍ଦ କେଜରିୱାଲ ନିଃସ୍ୱାର୍ଥପର ଭାବରେ ଲୋକଙ୍କ ସେବା କରିବାର କର୍ତ୍ତବ୍ୟକୁ ବୁଝିପାରିଲେ ନାହିଁ। କେଜରିୱାଲଙ୍କୁ ଟାର୍ଗେଟ କରି ସେ କହିଛନ୍ତି ଯେ ପ୍ରାର୍ଥୀଙ୍କ ଚରିତ୍ର ସଫା ହେବା ଉଚିତ ଏବଂ ତାଙ୍କୁ ତ୍ୟାଗର ଗୁଣ ଜାଣିବା ଉଚିତ।

ପ୍ରାର୍ଥୀଙ୍କ ଏହି ଗୁଣଗୁଡ଼ିକ ଲୋକଙ୍କ ବିଶ୍ୱାସ ଜିତିଥାଏ ଏବଂ ସେମାନେ ଭାବନ୍ତି ଯେ ପ୍ରାର୍ଥୀ ସେମାନଙ୍କ ପାଇଁ କିଛି କରିବେ। ଉଲ୍ଲେଖ ଥାଉ କି ବରିଷ୍ଠ ଆପ ନେତା ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଜଙ୍ଗପୁରାରୁ ପରାଜୟ ସ୍ୱୀକାର କରିଛନ୍ତି, ଯେତେବେଳେ ଦଳର ସୁପ୍ରିମୋ ଅରବିନ୍ଦ କେଜରିୱାଲ ନୂଆଦିଲ୍ଲୀ ବିଧାନସଭା ଆସନରୁ ପରାଜୟର ସମ୍ମୁଖୀନ ହୋଇଛନ୍ତି। ଦୁର୍ନୀତି ବିରୋଧୀ ଆନ୍ଦୋଳନ ପରେ ୨୦୧୨ ମସିହାରେ କେଜ୍ରିୱାଲଙ୍କ ନେତୃତ୍ୱରେ ଆମ ଆଦମୀ ପାର୍ଟି (ଆପ) ପ୍ରତିଷ୍ଠିତ ହୋଇଥିଲା। କେଜରିୱାଲଙ୍କୁ ହଜାରେଙ୍କ ସମର୍ଥକ ବୋଲି ବିବେଚନା କରାଯାଏ, କିନ୍ତୁ ୨୦୧୨ ମସିହାରେ ଆମ ଆଦମୀ ପାର୍ଟି ଗଠନ ହେବା ପରେ ଦୁହେଁ ଅଲଗା ହୋଇଗଲେ।

## ହାରିଗଲେ କେଜ୍ରିୱାଲ୍ ଓ ସିସୋଦିଆ

● କାଲ୍‌କାଜି ଆସନ ବଜାୟ ରଖିଲେ ଆତିଶୀ

**ନୂଆଦିଲ୍ଲୀ:** ଆଜି ଦିଲ୍ଲୀ ନିର୍ବାଚନର ଫଳାଫଳ ପ୍ରକାଶ ପାଇଥିବା ବେଳେ ଏଥିରେ ଶାସକ ଆପ୍‌କୁ ଜବରଦସ୍ତ ଝଟ୍‌କା ଲାଗିଛି। ଦଳ କ୍ରମାଗତ ତୃତୀୟ ଥର ପାଇଁ କ୍ଷମତା ଦଖଲର ସ୍ୱାଦରୁ ବଞ୍ଚିତ ହୋଇଥିବା ବେଳେ ଦଳର ଦୁଇ ଜଣ ପ୍ରମୁଖ ନେତାଙ୍କୁ ପରାଜୟ ମୁହଁ ଦେଖିବାକୁ ପଡ଼ିଛି। ସେମାନେ ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନଦ କେଜ୍ରିୱାଲ୍ ଓ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଶିକ୍ଷାମନ୍ତ୍ରୀ ମନୀଷ ସିସୋଦିଆ। ଗୋଟିଏ ପଟେ ନୂଆଦିଲ୍ଲୀ ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ପୂର୍ବତନ ମୁଖ୍ୟମନ୍ତ୍ରୀ ସାହିବ୍ ସିଂହ ବର୍ମାଙ୍କ ସୁପୁତ୍ର ପ୍ରବେଶ ବର୍ମା ଶର୍ମାଙ୍କଠାରୁ କେଜରିୱାଲ୍ ପରାସ୍ତ ହୋଇଛନ୍ତି। ଅବଶ୍ୟ କେଜ୍ରିୱାଲ୍ ମାତ୍ର ଏକ ହଜାରରୁ ଊର୍ଦ୍ଧ୍ୱ ଭୋଟ୍‌ରେ ପରାସ୍ତ ହୋଇଛନ୍ତି। କିନ୍ତୁ ଏହି ପରାଜୟ ଫଳରେ କେଜ୍ରିୱାଲ୍‌ଙ୍କ କ୍ରମାଗତ ବିଜୟ ଧାରାରେ ବ୍ରେକ୍ ଲାଗିଛି। ମୁସଲିମ୍ ବହୁଳ ଅଞ୍ଚଳର ଭୋଟ୍ ପ୍ରବେଶଙ୍କ ବିଜୟରେ ପ୍ରମୁଖ ଭୂମିକା ନିର୍ବାହ କରିଛି। ସେହିପରି ସିସୋଦିଆ ଜଙ୍ଗପୁରା ଆସନରେ ଲଢ଼େଇ କରୁଥିବା ବେଳେ ସେଠାରେ ତାଙ୍କୁ ବିଜେପିର ତରବିନ୍ଦର ସିଂ ମାରୱା ମାତ୍ର ୬ ଶହରୁ ଅଧିକ ଭୋଟ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ଥର ପାଇଁ ସିସୋଦିଆ ଏହି ଆସନରେ ପ୍ରାର୍ଥୀ ହୋଇଥିଲେ। ସିସୋଦିଆ ଗତ ୨୦୧୩ରୁ ପଟପଡ଼ଗଞ୍ଜରୁ କ୍ରମାଗତ ୩ ଥର ବିଜୟୀ ହୋଇଥିଲେ ହେଁ ଏଥର ତାଙ୍କର ଆସନ ବଦଳାଇଥିଲେ। କିନ୍ତୁ ଜଙ୍ଗପୁରା ବିଧାନସଭା ଆସନ ତାଙ୍କ ପାଇଁ ଲକି ସାବ୍ୟସ୍ତ ହୋଇପାରିନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ ଆତିଶୀ କାଲଜାକୀ ଆସନରେ ପାଖାପାଖି ସାଢ଼େ ୩ ହଜାର ଭୋଟ୍‌ରେ ବିଜୟୀ ହୋଇଛନ୍ତି। ସେ ବିଜେପିର ରେମଶ ବିଧୁରୀଙ୍କୁ ପରାସ୍ତ କରି ତାଙ୍କ ବିଜୟ ଧାରା କାଏମ ରଖିପାରିଛନ୍ତି। କିନ୍ତୁ ରାଷ୍ଟ୍ରୀୟ ମହିଳା କଂଗ୍ରେସର ଅଧ୍ୟକ୍ଷ ଅଳକା ଲାମ୍ବା ଏଠାରେ ୪୩୯୨ ଭୋଟ୍ ସହ ତୃତୀୟ ସ୍ଥାନରେ ରହିଛନ୍ତି।



## ସଚିବାଳୟରୁ ଫାଇଲ୍ ଗାଏବ ଆଶଙ୍କା, ନୋଟିସ୍ ଜାରି

**ନୂଆଦିଲ୍ଲୀ:** ଦିଲ୍ଲୀ ନିର୍ବାଚନ ଫଳାଫଳ ଆସିବା ପରେ ଦିଲ୍ଲୀ ସଚିବାଳୟରେ ଧାଁଧପଡ଼ ପରିସ୍ଥିତି ଦେଖାଦେଇଥିବା ବେଳେ ପରାଜୟର ସମ୍ମୁଖୀନ ହୋଇଥିବା 'ଆପ୍'ର କେତେକ ନେତା ସଚିବାଳୟରେ ପହଞ୍ଚିଥିବା ଖବର ସାମ୍ନାକୁ ଆସିବାରେ ପରେ ଏନେଇ ସଚିବାଳୟ ପକ୍ଷରୁ ଏକ ନୋଟିସ୍ ଜାରି କରାଯାଇଛି। ଆପ୍ ନେତାମାନେ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଗାଏବ କରିବାର ଆଶଙ୍କା ଥିବାରୁ ସଚିବାଳୟର ଜେନେରାଲ ଆଡମିନିଷ୍ଟ୍ରେଟିଭ ବ୍ରାଞ୍ଚର ଜଏଣ୍ଟ ସେକ୍ରେଟାରୀ ପ୍ରଦୀପ ତାୟର ଏକ ଆଦେଶ ଜାରି କରି ସଚିବାଳୟରୁ କୌଣସି ଫାଇଲ ବିନାନୁମତିରେ ବାହାରକୁ ଯାଇପାରିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜାରି ନୋଟିସ୍‌ରେ ଉଲ୍ଲେଖ ରହିଛି ଯେ ସାଧାରଣ ପ୍ରଶାସନର ବିନାନୁମତିରେ କୌଣସି ଫାଇଲ/ ଦସ୍ତାବିଜ, କମ୍ପ୍ୟୁଟର ହାର୍ଡୱେୟାର ଆଦି ଦିଲ୍ଲୀ ସଚିବାଳୟ ପରିସର ବାହାରକୁ ଯାଇପାରିବ ନାହିଁ। ଏହି ଆଦେଶ ସଚିବାଳୟ କାର୍ଯ୍ୟାଳୟ ଓ ମନ୍ତ୍ରୀ ପରିଷଦ କାର୍ଯ୍ୟାଳୟରେ ମଧ୍ୟ ପ୍ରଯୁଜ୍ୟ ହେବ। ଉଭୟ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀଙ୍କୁ ଏହି ଆଦେଶ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୋଟିସ୍ ଜାରି ହେବା ପରେ ଦିଲ୍ଲୀରେ ରାଜନୈତିକ ଅସ୍ଥିରତା ମଧ୍ୟ ତୀବ୍ର ହୋଇଛି। ଗୋଟିଏ ପଟେ ସରକାରୀ ଫାଇଲର ସୁରକ୍ଷା ପାଇଁ ଏପରି ପଦକ୍ଷେପ ନିଆଯାଇଛି ବୋଲି ବିଜେପି ଦାବି କରିଥିବା ବେଳେ କ୍ଷମତାରୁ ହଟିଥିବା ଆପ୍ ନେତାମାନେ ସରକାର ବଦଳିବା ହେବା ମାତ୍ରେ ସଚିବାଳୟରୁ ଫାଇଲ ଜବତ ପାଇଁ ବିଜେପି ଉଦ୍ୟମ କରୁଛି ବୋଲି ଅଭିଯୋଗ କରିଛନ୍ତି।

## ପାକିସ୍ତାନ କ୍ରିକେଟ୍ ବୋର୍ଡର ଘୋଷଣା

# ଚାମ୍ପିଅନ୍ସ ଟ୍ରଫିରୁ ବାଦ ପଡ଼ିଲେ ସାଏମ ଆୟୁବ



**କରାଚୀ, ୮।୨:** ଆଗାମୀ ଆଇସିସି ଚାମ୍ପିଅନ୍ସ ଟ୍ରଫିରୁ ପାକିସ୍ତାନର ଯୁବ ବ୍ୟାଟିଂ ବିସ୍ମୟ ସାଏମ ଆୟୁବ ବାଦ ପଡ଼ିଛନ୍ତି। ତାଙ୍କୁ ଫିଟ୍ ହେବା ପାଇଁ ଅତି କମ୍‌ରେ ଆଉ ୫ରୁ ୬ ସପ୍ତାହ ସମୟ ଲାଗିବ। ପାକିସ୍ତାନର ଏହି ଯୁବ ବାମ ହାତି ବ୍ୟାଟର ୯ଟି ଦିନିକିଆ ଖେଳି ୬୪.୩୭ ହାରରେ ୫୧୫ ରନ୍ ସଂଗ୍ରହ କରିଥିଲେ। ସ୍ୱଳ୍ପ ସମୟ ମଧ୍ୟରେ ସେ ୩ଟି ଶତକୀୟ ପାଳି ଖେଳି ସାରିଥିଲେ। ଚାମ୍ପିଅନ୍ସ ଟ୍ରଫିରେ ସେ ଦର୍ଶକଙ୍କ ପସନ୍ଦ ପାଲଟିବେ ବୋଲି ଆକଳନ କରାଯାଉଥିଲା। ମାତ୍ର ଗତ ଜାନୁଆରୀ ମାସରେ ସେ ଦକ୍ଷିଣ ଆଫ୍ରିକା ଗସ୍ତ ସମୟରେ ଦ୍ୱିତୀୟ ଟେଷ୍ଟ ଖେଳୁଥିବା ସମୟରେ ଆହତ ହୋଇଥିଲେ। ଫିଲ୍ଡିଂ କରୁଥିବା ସମୟରେ ତାଙ୍କ ଡାହାଣ ପାଦରେ ଗଭୀର ଆଘାତ ଲାଗିଥିଲା। ସେ ସମ୍ପ୍ରତି ଲଣ୍ଡନରେ ଚିକିତ୍ସିତ ଅଛନ୍ତି। ଫିଟ୍ ହେବା ପାଇଁ ତାଙ୍କୁ ଆଉ ୫ ସପ୍ତାହ ସମୟ ଲାଗିବ ବୋଲି ପାକିସ୍ତାନ କ୍ରିକେଟ୍ ବୋର୍ଡ ଘୋଷଣା କରିଛି। ମାର୍ଚ୍ଚ ୯ ତାରିଖରେ ଚାମ୍ପିଅନ୍ସ ଟ୍ରଫି ଶେଷ ହେବ। ଏହି ସମୟ ବେଳକୁ ସେ ଫିଟ୍ ହୋଇ ନଥିବେ। ତେବେ ପାକିସ୍ତାନର ଆଗାମୀ ନ୍ୟୁଜିଲାଣ୍ଡ(୫ ଟି-ଟ୍ୱେଣ୍ଟି, ଦିନିକିଆ) ଗସ୍ତ ବେଳକୁ ସେ ଦଳକୁ ଫେରିବାର ସମ୍ଭାବନା ରହିଛି।




## ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଅଫିସିଆଲ ଗୀତ ରିଲିଜ, ଆତିଫ ଗାଇଲେ ଗୀତ

**ନୂଆଦିଲ୍ଲୀ, ୮।୨:** ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଅଫିସିଆଲ ଗୀତ ରିଲିଜ ହୋଇଛି। ପାକିସ୍ତାନ ଏବଂ ୟୁଏଇରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫିର ଅଫିସିଆଲ ଗୀତ ନାଁ ଜିତୋ ବାଜି ଖେଲ କେ' ରହିଛି। ଏହି ଗୀତକୁ ପାକିସ୍ତାନର ଲୋକପ୍ରିୟ ଗାୟକ ଆତିଫ ଅସଲମ ଗାଇଛନ୍ତି। ଆଇସିସି ନିଜର ଅଫିସିଆଲ ସାଇଟରେ ଚାମ୍ପିଅନ୍ସ ଟ୍ରଫିର ଗୀତ ଭିଡିଓ ସେୟାର କରି ଲେଖିଛି, ଅପେକ୍ଷାର ଅନ୍ତ ଘଟିଛି। ଚାମ୍ପିଅନ୍ସ ଟ୍ରଫିର ଅଫିସିଆଲ ଗୀତ, ଜିତୋ ବାଜି ଖେଲ କେ, କୁ ଗାଆନ୍ତୁ, ଯାହାକୁ ଆତିଫ ଅସଲମ ଗାଇଛନ୍ତି। ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଆରମ୍ଭ ୧୯ ଫେବୃଆରୀରୁ ହେବ। ପ୍ରଥମ ମ୍ୟାଚ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ କରାଚିରେ ଖେଳାଯିବ। ଏହି ମ୍ୟାଚ ପୂର୍ବରୁ ପାକିସ୍ତାନରେ ଓପନିଂ ସେରିମନି ଆୟୋଜିତ ହେବ। ଟୁର୍ଣ୍ଣାମେଣ୍ଟର କିଛି ମ୍ୟାଚ ଦୁବାଇରେ ଖେଳାଯିବ। ଟିମ୍ ଇଣ୍ଡିଆ ପାକିସ୍ତାନ ଯିବାକୁ ବିସିସିଆଇ ମନା କରିବା ପରେ ଟୁର୍ଣ୍ଣାମେଣ୍ଟକୁ ହାଇବ୍ରିଡ ମଡେଲରେ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଟିମ୍ ଇଣ୍ଡିଆ ୩ଟି ଲିଗ୍ ମ୍ୟାଚ ଦୁବାଇରେ ଖେଳିବ। ସେହିପରି ସେମିଫାଇନାଲରେ ପହଞ୍ଚିବା ପରେ ଦୁବାଇରେ ଏହି ମ୍ୟାଚ ଖେଳିବ।

# ଏମଜିଏମ୍ ଟି-୨୦ ଚାମ୍ପିଅନସିପ୍ ଉଦ୍‌ଘାଟିତ



**କଟକ,୮।୨(ସଂଚାର ବ୍ୟୁରୋ):** ପ୍ରଥମ ତଥା ବହୁପ୍ରତୀକ୍ଷିତ ଏମଜିଏମ୍ ଟି-୨୦ ଚାମ୍ପିଅନସିପ୍ ଆଜି କଟକ ନିକଟସ୍ଥ କପୁରସିଂଠାରେ ଥିବା ହାଇ ପରଫର୍ମାନ୍ସ କ୍ରିକେଟ ଏକାଡେମୀ 'ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟ୍ସ'ଠାରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଖ୍ୟାତନାମା କ୍ରିକେଟର୍ ତଥା ଭାଷ୍ୟକାର ରବି ଶାସ୍ତ୍ରୀ ଓ ତାଙ୍କର ପୂର୍ବତନ ଟିମ୍ ଇଣ୍ଡିଆ କୋଚ୍ ସଦସ୍ୟ ଭରତ ଅରୁଣ ଓ ଆର ଶ୍ରୀଧର ଯୋଗଦେଇଥିଲେ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ମାଧ୍ୟମରେ କ୍ରିକେଟ ଭଳି ଏକ ଉଲ୍ଲେଖନୀୟ କ୍ରୀଡ଼ାରେ ପ୍ରତିଭା ଅନୁସନ୍ଧାନ ସହ ସ୍ଥାନୀୟ ଅଞ୍ଚଳରେ ଏକ ମଜଭୁତ କ୍ରୀଡ଼ା ସମୁଦାୟକୁ ପୃଷ୍ଠପୋଷକତା ଯୋଗାଇଦେବାର ଲକ୍ଷ୍ୟ ରହିଛି।

ଏହି ଟୁର୍ଣ୍ଣାମେଣ୍ଟରେ ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟ୍ସର ବଛା ବଛା ଖେଳାଳିଙ୍କ ବ୍ୟତୀତ ଚେନ୍ନାଇ, ହାଇଦ୍ରାବାଦ ଓ ଭଦୋଦରାସ୍ଥିତ କୋଚିଂ ବିୟଣ୍ଡ କ୍ରିକେଟ ଏକ୍ସଲେନ୍ସ ସେଣ୍ଟରର କ୍ରିକେଟ ଟିମ୍‌ମାନେ ଅଂଶଗ୍ରହଣ କରିବେ। ଟିମ୍ ଇଣ୍ଡିଆର ବିଶିଷ୍ଟ କ୍ରିକେଟର୍ ଓ ପୂର୍ବତନ ଅନ୍ତର୍ଜାତୀୟ ବୋଲର ଭେଙ୍କଟପତି ରାଜୁ ଓ ଓଡ଼ିଶାର ସୁପରିଚିତ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ମଧ ଏହି ଉତ୍ସବରେ ଯୋଗଦେଇଛନ୍ତି। ଟୁର୍ଣ୍ଣାମେଣ୍ଟକୁ ନେଇ ଶ୍ରୀ ଶାସ୍ତ୍ରୀ କହିଛନ୍ତି ଯେ ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟ୍ସରେ ଯୁବ କ୍ରିକେଟରଙ୍କ ଅଭିବୃଦ୍ଧି ଏବଂ ସେମାନଙ୍କ ଉନ୍ନତି ନିମନ୍ତେ ବିଶ୍ୱ ସ୍ତରୀୟ ଭିତ୍ତିଭୂମି ଓ ଆବାସିକ ସୁବିଧା ରହିଛି। ଏମଜିଏମ୍ ଟି-୨୦ ଚାମ୍ପିଅନସିପ୍ ଖେଳାଳିମାନଙ୍କ ପାଇଁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ସହ ସ୍ୱପ୍ନ ସାକାର ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରୁଛି ବୋଲି ଶ୍ରୀ ଶାସ୍ତ୍ରୀ କହିଛନ୍ତି।

ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଏମ୍‌ଜିଏମ୍ ଗ୍ରୁପ୍‌ର ସିଏମ୍‌ଡି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି ଯେ ଏମଜିଏମ୍ ଟି-୨୦ ଚାମ୍ପିଅନସିପ୍ ଉଦୀୟମାନ କ୍ରିକେଟରଙ୍କ ପାଇଁ ଏକ ପ୍ରତିବଦ୍ଧ ପ୍ଲାଟଫର୍ମ ଯୋଗାଇଦେବ। ଏହା କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଓଡ଼ିଶାରେ ଉନ୍ନତ ମାନର କ୍ରିକେଟର୍ ସୃଷ୍ଟି ଦିଗରେ ସହଯୋଗ କରିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲୋକ ସମ୍ପର୍କ ବିଭାଗରେ...

ଷଡଯନ୍ତ୍ର ରଚିଛନ୍ତି। ଲୋକ ସମ୍ପର୍କ ବିଭାଗ ଗଣମାଧ୍ୟମ ଜରିଆରେ ଲୋକଙ୍କ ପାଖକୁ ସରକାରୀ ଖବର ପହଁଚାଇଥାନ୍ତି। ଏଥିପାଇଁ ଗଣମାଧ୍ୟମ ସଂସ୍ଥାକୁ ସରକାର ବିଜ୍ଞାପନ ମଧ୍ୟ ଦେଇଥାନ୍ତି। ଖବର ନେଇ ପ୍ରକାଶନ କରିବା ସହିତ ବିଜ୍ଞପନ ଛାପୁଛନ୍ତି ବିଭିନ୍ନ ଛୋଟ ବଡ ଗଣମାଧ୍ୟମ। ହେଲେ ପଇସା ପାଇଲା ବେଳକୁ ଅନେକ ଏବେ ହଲାପଟା। ଗଣମାଧ୍ୟମକୁ ହଲାପଟାର ଦାୟିତ୍ୱ ଦୁଇଜଣ ତଳିଆ କର୍ମଚାରୀ ନେଇଥିବାବେଳେ ସେମାନଙ୍କ ବୈଷୟିକ ସହାୟତା ଯୋଗାଉଛନ୍ତି ଆଉଜଣେ ଅଧିକାରୀ। ହେଲେ ସବୁ ଦେଖି ନଦେଖିଲା ଭଳି ମୂକ ଦର୍ଶକ ସାଜିଛନ୍ତି ମୁଖିଆ।

ଗଣମାଧ୍ୟମ ସଂସ୍ଥାର କର୍ମଚାରୀମାନେ କରୁଥିବା ଆଲୋଚନା ଅନୁଯାୟୀ ଦପ୍ତରରେ କର୍ମଚାରୀ ଅଭାବର ଆଳ ଦେଖାଇ ସାମ୍ବାଦିକମାନଙ୍କୁ ନିମନ୍ତ୍ରଣପତ୍ରଟିଏ ଦେଉନଥିବା ଏହି ବିଭାଗ ଏବେ ବିଭିନ୍ନ ସଂସ୍ଥାର ପ୍ରାପ୍ୟକୁ ମାସ ମାସ ଗଡାଉଛି। ଯିଏ ଭେଟିଲା ସିଏ ପାଇଲା। ଯିଏ ଭେଟି ନପାରିଲା ତାହାର ଫାଇଲ ଦରକାର ପଡିଲେ ହଜିଯାଉଛି। ତେବେ ଏଭଳି କାର୍ଯ୍ୟର ମାଷ୍ଟରମାଇଣ୍ଡ ଦୁଇ ତଳିଆ କର୍ମଚାରୀ ସାଜିଛନ୍ତି। ଜଣେ ପଦୋନ୍ନତି ପାଇଥିବା ବାବୁ ଓ ଦୀର୍ଘଦିନ ଦପ୍ତର ବାହାରେ ରହି ଫେରିଥିବା ଆଉ ଜଣେ ବାବୁ। ତେବେ ଏମାନଙ୍କୁ ଜଣେ ବରିଷ୍ଠ ଅଧିକାରୀ ବୈଷୟିକ ସହାୟତା ଦେଉଥିବାବେଳେ ରିଙ୍ଗଲିଡରଙ୍କ ମାର୍ଗଦର୍ଶନରେ ଏମାନେ କାମ କରୁଥିବା ନେଇ ଚର୍ଚ୍ଚା ଚାଲୁଛି। ଏହି ଗ୍ୟାଙ୍ଗ୍ ଏତେ ସକ୍ରିୟ ଯେ ବିଭାଗୀୟ ସଚିବଙ୍କ କଥାକୁ ବି ବିଭିନ୍ନ ବାହାନା କରି ଏଡାଇ ଯାଉଛନ୍ତି।

ତେବେ ତଳିଆ କର୍ମଚାରୀମାନେ ଏଭଳି ବଳ ପାଇବାର କାରଣ ହେଲା ସେମାନଙ୍କୁ ଉପରିସ୍ଥ ଅଧିକାରୀମାନେ ସୁରକ୍ଷା ଯୋଗାଇ ଦେଉଛନ୍ତି। ଆମେ ଅଛୁ, ତୁମର କିଏ କ'ଣ କରିବ ବୋଲି ଅଭୟବାଣୀ ଦେଇଥିବାରୁ କୁଆଡେ ତଳିଆବାବୁମାନେ ଗଣମାଧ୍ୟମ ସଂସ୍ଥାକୁ ପାଣି ପିଆଉଥିବା ନେଇ ଆଲୋଚନା ହେଉଛି। ସରକାର ବଦଳିବା ପରେ ଏମାନଙ୍କ ଉତ୍ପାତ ଜୋର ଧରିଛି। ସମସ୍ତଙ୍କୁ ଆସି ଭେଟିବାକୁ କହୁଛନ୍ତି। ତେବେ ଏଏସ୍‌ଓ ପଦବୀରେ ରହି ପାଣି ପିଆଉଥିବା ଦୁଇ ବାବୁଙ୍କ ମଧ୍ୟରୁ ଜଣଙ୍କୁ ଅଣଓଡିଆ ଭାବି ତାଙ୍କ ନିକଟକୁ ଅଧିକାଂଶ ବ୍ୟକ୍ତି ଯାଉନାହାନ୍ତି। ଇତି ମଧ୍ୟରେ ରାଜଧାନୀର ବହୁ ବରିଷ୍ଠ ସାମ୍ବାଦିକ ପାଶ୍ ଖଣ୍ଡିଏ ପାଇଁ ହଲାପଟା ହେବାପରେ ଏହି ପ୍ରସଙ୍ଗ ମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆଣିବାକୁ ପ୍ରସ୍ତୁତି ଚଳାଇଥିବାର ସୁରାକ ପାଇଲାପରେ ନିଜର ପାଉଣା ପାଇଁ ଦପ୍ତରକୁ ଦଉଡି ଦଉଡି ପାଣି ପିଉଥିବା କିଛି ଗଣମାଧ୍ୟମ ସଂସ୍ଥାର କର୍ମଚାରୀ ସେମାନଙ୍କ ସହିତ ମିଶିକରି ଯିବାକୁ ପ୍ରସ୍ତାବ ଦେଇଛନ୍ତି। ତେବେ ଏମାନେ କେବେ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଓ ପ୍ରମୁଖ ସଚିବଙ୍କୁ ଭେଟି ସେମାନଙ୍କ ହୀନସ୍ତା ବଖାଣୁଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର।

### ପ୍ରଧାନମନ୍ତ୍ରୀଙ୍କ...

ଶୀଶ ମହଲ କରିଥିଲେ। ୧୦ ବର୍ଷ ହେଲା କିଛି ହୋଇନି, କେବଳ ଦୁର୍ନୀତି ଚାଲିଥିଲା। ଲୋକେ ଦୁର୍ନୀତିଗ୍ରସ୍ତଙ୍କୁ ବଦଳାଇବାକୁ ମନ ସ୍ଥିର କରି ସାରିଥିଲେ। କେନ୍ଦ୍ର ସହ ଲଢ଼େଇ ପାଇଁ ନୁହେଁ, ବିକାଶ ପାଇଁ ଜନାଦେଶ ହୋଇଛି। ୨୭ ବର୍ଷ ପରେ ଦିଲ୍ଲୀରେ ବିଜେପି ସରକାର କରିବ। ଏହା ଏକ ଐତିହାସିକ ବିଜୟ। ଅନ୍ୟପକ୍ଷରେ ଏହି ବିଜୟ ପାଇଁ ବୈଜୟନ୍ତ ପଣ୍ଡା ମଧ୍ୟ ଧନ୍ୟବାଦର ପ୍ରକ୍ରିୟା ବୋଲି କହିଛନ୍ତି ଓଡ଼ିଶା ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି, ବୈଜୟନ୍ତ ପଣ୍ଡା ଦଳର ରାଷ୍ଟ୍ରୀୟ ଉପସଭାପତି ଭାବେ ଦୀର୍ଘ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। ଏଥର ଦିଲ୍ଲୀ ନିର୍ବାଚନ ଦାୟିତ୍ୱ ତାଙ୍କୁ ପ୍ରଦାନ କରାଯାଇଥିଲା। ନିର୍ବାଚନ ପରିଚାଳନାକୁ ସେ ବେଶ୍ ସୁଚାରୁ ରୂପେ କରି ପାରିଛନ୍ତି। ସମସ୍ତଙ୍କୁ ଏକାଠି କରି ନିର୍ବାଚନ ପରିଚାଳନା କରି ସଫଳତା ଆଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସେ ସମସ୍ତଙ୍କୁ ଏକତ୍ର କରିବାରୁ ସଫଳତା ମିଳିଛି। ଦିଲ୍ଲୀ ବିଧାନସଭା ପାଇଁ ଗତ ୫ ତାରିଖରେ ଭୋଟ୍ ଗ୍ରହଣ କରାଯାଇଥିଲା। ଆଜି ଭୋଟ୍ ଗଣତି ହୋଇଥିବା ବେଳେ ବିଜେପି ବିଜୟୀ ହୋଇଛି। ଏଠାରେ ସରକାର ଗଠନ କରିବାକୁ ମ୍ୟାଜିକ୍ ନମ୍ବର ୩୬ ଥିବା ବେଳେ ବିଜେପି ୪୮ଟି ଆସନ ଜିତି ପୂରା ଦୃଢ଼ ସ୍ଥିତିରେ ନିଜକୁ ରଖିଛି।

### ଶର୍ଟକଟ୍ ରାଜନୀତିର...

ବିଜୟ ପାଇଁ ଦିଲ୍ଲୀ ବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ମୋଦୀ କେବଳ ଦଳୀୟ କର୍ମୀ ଓ ଦିଲ୍ଲୀ ଭୋଟରଙ୍କୁ ଧନ୍ୟବାଦ ଦେଇନାହାଁନ୍ତି ବରଂ ଏହାସହ ସହ କଡ଼ା ଭାଷାରେ ଆପକୁ ନିନ୍ଦା କରିଛନ୍ତି।

ମୋଦି କହିଛନ୍ତି କି, ଦୀର୍ଘ ୧୦ ବର୍ଷ ହେବ ଦିଲ୍ଲୀରେ ଏକ ମିଛ ସରକାର ଚାଲିଥିଲା। ଆପକୁ ପରୋକ୍ଷରେ ସେ କଟ୍ଟର୍ ବେଇମାନ ପାର୍ଟି ବୋଲି କହିଛନ୍ତି । ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ବିଜେପି ଦିଲ୍ଲୀରେ କ୍ଷମତା ଦଖଲ କରିଛି। ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ଶନିବାର ପ୍ରକାଶ ପାଇଥିବା ବେଳେ ବିଜେପି ୪୮ ଆସନରେ ବିଜୟୀ ହୋଇଥିବା ବେଳେ ଶାସକ ଦଳ ଆପ୍ ୨୨ ଆସନରେ ସୀମିତ ରହିଯାଇଛି। ବିଜୟ ଉତ୍ସବ ଆଳନ ଅବସରରେ ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଉଦ୍‌ବୋଧନରେ ଦିଲ୍ଲୀବାସୀଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ଶର୍ଟକଟ ରାଜନୀତିକୁ ଦିଲ୍ଲୀବାସୀ ଶର୍ଟସର୍କିଟ କରିଦେଇଥିବା କହିଛନ୍ତି।

### ମାସକୁ ସର୍ବନିମ୍ନ...

କରାଯିବ। ୨୫ବର୍ଷର ସର୍ବନିମ୍ନ ଯୋଗ୍ୟତା ଅର୍ଜନକାରୀ ସେବା ଅବଧି ପାଇଁ ଅବସର ପୂର୍ବରୁ ୧୨ମାସରେ ମିଳିଥିବା ହାରାହାରି ମୂଳ ଦରମାର ୫୦ ପ୍ରତିଶତ ହାରରେ ପେନସନ୍ ମିଳିବ।

ସର୍ବନିମ୍ନ ୧୦ବର୍ଷର ଚାକିରି ଅବଧିଠାରୁ ଆରମ୍ଭ କରି ୨୫ବର୍ଷ ପର୍ଯ୍ୟନ୍ତ ଚାକିରି ଅବଧି କ୍ଷେତ୍ରରେ ପେନସନ ଆନୁପାତିକ ଭାବେ ମିଳିବ। ସେହିପରି ମୃତ୍ୟୁ ପୂର୍ବରୁ କର୍ମଚାରୀ ପାଉଥିବା ପେନସନର ୬୦ ପ୍ରତିଶତ ହାରରେ ପାରିବାରିକ ପେନସନ୍ ମିଳିବ। ସର୍ବନିମ୍ନ ୧୦ବର୍ଷ ଚାକିରି ଅବଧି ସାରି ଅବସର ନେବା ପରେ ମାସିକ ୧୦ହଜାର ଟଙ୍କା ପେନସନ୍ ମିଳିବ। ମୁଦ୍ରାସ୍ଫୀତି ଅନୁରୂପ ସୁନିଶ୍ଚିତ ପେନସନ୍, ସୁନିଶ୍ଚିତ ପାରିବାରିକ ପେନସନ୍ ଓ ସୁନିଶ୍ଚିତ ସର୍ବନିମ୍ନ ପେନସନ୍ ନିର୍ଦ୍ଧାରଣ କରାଯିବ। ସେବା କର୍ମଚାରୀଙ୍କ କ୍ଷେତ୍ରରେ ଶିଳ୍ପ ଶ୍ରମିକଙ୍କ ପାଇଁ ସର୍ବଭାରତୀୟ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରରେ ମହଙ୍ଗା ସହାୟତା ମିଳିବ।

ଅବସର ପରେ ଗ୍ରାଚ୍ୟୁଇଟି ବ୍ୟତୀତ ଏକକାଳୀନ ରାଶି ଭାବେ ପ୍ରତ୍ୟେକ ସମ୍ପୂର୍ଣ୍ଣ ୬ମାସ ପାଇଁ ଅବସର ତାରିଖରେ ମିଳୁଥିବା ମାସିକ ପାରିଶ୍ରମିକର ଏକ ଦଶମାଂଶ ଏକକାଳୀନ ରାଶି ମିଳିବ। ଏହି ରାଶି କାରଣରୁ ସୁନିଶ୍ଚିତ ପେନସନର ପରିମାଣ କମ୍ ହେବ ନାହିଁ। ୟୁପିଏସରେ ଅବସର ନେବା ପରେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ କ୍ଷେତ୍ରରେ ନିଶ୍ଚିତ ପରିବାର ପେନସନ୍ ସୁବିଧା ଉପଲବ୍ଧ ହେବ, ଯାହାକି ଏନପିଏସରେ ନଥିଲା।

ଲୋକସଭା ନିର୍ବାଚନରେ ଦିଲ୍ଲୀବାସୀ କେବେ ନିରାଶ କରିନାହାନ୍ତି। ୩ ଥର ଲୋକ ସଭା ନିର୍ବାଚନରେ ଶତ ପ୍ରତିଶତ ବିଜୟ ବିଜେପିକୁ ଦେଇଛନ୍ତି। ବର୍ତ୍ତମାନ ଦିଲ୍ଲୀର ଯୁବବର୍ଗ ଭାଜପାର ସୁଶାସନ ଦେଖିବେ ବୋଲି ମୋଦି କହିଛନ୍ତି। ସେ ଉଦ୍‌ବୋଧନ ଦେଇକହିଛନ୍ତି, ମା' ଯମୁନା ଆମ ଆସ୍ଥାର କେନ୍ଦ୍ର, କିନ୍ତୁ ଯମୁନା ଅସ୍ତିତ୍ୱ ଆଜି ବିପଦରେ। ଯମୁନାର ସେବା ପାଇଁ ଭାଜପା ପୂରା ଶକ୍ତି ଲଗାଇବ ବୋଲି ମୋଦି କହିଛନ୍ତି। ଦିଲ୍ଲୀ କେବଳ ଗୋଟିଏ ସହର ନୁହେଁ, ଏହା ମିନି ଇଣ୍ଡିଆ। ବିବିଧତା ଥିବା ଦିଲ୍ଲୀରେ ଆମକୁ ପ୍ରଚଣ୍ଡ ବହୁମତ ମିଳିଛି। ବିଶେଷ କରି ମୋଦି ପୂର୍ବାଞ୍ଚଳ ଲୋକଙ୍କୁ କୃତଜ୍ଞତା ଜଣାଇଛନ୍ତି। ତୁଷ୍ଟୀକରଣ ନୁହେଁ, ସନ୍ତୁଷ୍ଟୀକରଣ ନୀତିକୁ ଲୋକେ ବାଛିଛନ୍ତି ବୋଲି ମୋଦି କହିଛନ୍ତି।

ମୋଦି କହିଛନ୍ତି ଜନତା ଦିଲ୍ଲୀକୁ ଆପ୍-ଦା'ମୁକ୍ତ କରିଛନ୍ତି। ଦିଲ୍ଲୀବାସୀ ହୃଦୟ ଖୋଲା ଭଲ ପାଇବା ଦେଇଛନ୍ତି। ଦିଲ୍ଲୀବାସୀଙ୍କ ଋଣ ମୋ ଉପରେ ରହିଛି। ବିକଶିତ ଭାରତର ରାଜଧାନୀ ହେବ ଦିଲ୍ଲୀ। ବିଶ୍ୱାସ ଓ ବିକାଶକୁ ଦିଲ୍ଲୀବାସୀ ଗୁରୁତ୍ୱ ଦେଇଛନ୍ତି।

### ମା'ମାନେ ଓଡ଼ିଶା...

ବ୍ୟବସ୍ଥା କରାଯାଇଛି। ଏହି ସହାୟତା ରାଶି ପ୍ରଦାନର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ମା'ମାନଙ୍କୁ ବିକାଶର ଅଂଶୀଦାର କରିବା। ମା'ମାନେ ଏହି ସହାୟତା ରାଶିକୁ ପାରିବାରିକ ଖର୍ଚ୍ଚ ପାଇଁ ବ୍ୟବହାର ନ କରି ବିଭିନ୍ନ ବ୍ୟବସାୟରେ ଲଗାଇ ଆର୍ଥିକ ସ୍ୱାବଲମ୍ବୀ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନାରୀର ଶକ୍ତି ସାମର୍ଥ୍ୟ ଏବଂ ପ୍ରତିଭାର ଉପଯୋଗ କରି ସାମାଜିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ସୁଭଦ୍ରା ଯୋଜନାର ଉଦ୍ଦେଶ୍ୟ। ଏଥିପାଇଁ ମା'ମାନଙ୍କୁ ବ୍ୟବସାୟର ବିଭିନ୍ନ କୌଶଳ ଶିଖିବାକୁ ପଡ଼ିବ। ବିଭିନ୍ନ ଟ୍ରେଡରେ ମଧ୍ୟ ଦକ୍ଷତାର ହାସଲ କରିବାର ଆବଶ୍ୟକତା ରହିଛି। ମା'ମାନଙ୍କ ଦକ୍ଷତା ବିକାଶ ପାଇଁ ନିକଟରେ ଆୟୋଜିତ ହୋଇଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟ ସରକାର ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ଆଇଆଇଏମ୍, ସମ୍ବଲପୁର ସହ ଚୁକ୍ତିନାମା କରିଛନ୍ତି। ଆଗାମୀ ଦିନରେ ଆହୁରି ଅନେକ ସଂସ୍ଥା ଏଥିରେ ଯୋଡ଼ିହେବେ। ମା'ମାନେ ବ୍ୟବସାୟର କଳାକୌଶଳ ଶିଖିଲେ ସେମାନେ ନିଶ୍ଚିତ ଭାବେ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ବିକଶିତ ଓଡ଼ିଶା ସ୍ୱପ୍ନ ପୂରଣ ହେବ। ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିବା ସହ ନିଜ ଅଧିକାର ପ୍ରତି ସଚେତନ ହୋଇପାରୁଛନ୍ତି। ସୁଭଦ୍ରା ଯୋଜନା ରାଜ୍ୟର ମା'ମାନଙ୍କ ଜୀବନରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିବ। ମହିଳା ସଶକ୍ତିକରଣର ସ୍ୱପ୍ନକୁ ବାସ୍ତବ ରୂପ ଦେଇଛି ସୁଭଦ୍ରା ଯୋଜନା। ଏହାଦ୍ୱାରା ମହିଳାମାନେ ବିକଶିତ ଓଡ଼ିଶାର ସାରଥୀ ହୋଇପାରିବେ। ସୁଭଦ୍ରା ଯୋଜନା ମହିଳାଙ୍କ ଆୟ ବଢ଼ାଇବା ସହ ରାଜ୍ୟର ଅର୍ଥନୈତିକ ପ୍ରଗତିରେ ସେମାନଙ୍କ ଯୋଗଦାନକୁ ସୁଦୃଢ଼ କରିବ। ଏହି ଅବସରରେ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ପରିଚିତି ପାଇଥିବା ଯାଜପୁର ଜିଲ୍ଲାରେ ଅଦ୍ୟାବଧି ୪.୯୪ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩. ୭୫ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପ୍ରଥମ କିସ୍ତିର ଅର୍ଥରାଶି ପ୍ରଦାନ କରାଯାଇସାରିଛି। ଆଜି ଚତୁର୍ଥ ପର୍ଯ୍ୟାୟରେ ଜିଲ୍ଲାର ୭୯ ହଜାରରୁ ଅଧିକ ହିତାଧିକାରୀଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି ଯେ ସୁଭଦ୍ରା ଏକ ଯୋଜନା ନୁହେଁ, ଏହା ଆଗାମୀ ଦିନରେ ମହିଳାଙ୍କ ଜୀବନ ଧାରଣର ଏକ ମାଧ୍ୟମ ହେବ। ରାଜ୍ୟରେ ମହିଳାମାନଙ୍କ ସ୍ୱାର୍ଥକୁ ରାଜ୍ୟ ସରକାର ସର୍ବଦା ଅଗ୍ରାଧିକାର ଦେଇଆସିଛନ୍ତି। ମା' ସୁଭଦ୍ରାଙ୍କ ଶକ୍ତିରେ ଓଡ଼ିଶାର ସମସ୍ତ ମା' ଓ ଭଉଣୀମାନେ ଶକ୍ତିଶାଳୀ ହୁଅନ୍ତୁ ବୋଲି ସେ କାମନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ, ହସ୍ତଶିଳ୍ପ ପ୍ରଦୀପ ବଳସାମନ୍ତ, କୋରେଇ ବିଧାୟକ ଆକାଶ ଦାସନାୟକ, ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉପସ୍ଥିତ ଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଦେଇଛନ୍ତି।

### ସବୁ ଗରିବଙ୍କୁ...

ଯୋଡ଼େଇ କାନ୍ଥ ସହିତ ଆରସିସି ଛାତକୁ ପକ୍କାଘର ଭାବେ ବିବେଚନା କରାଯିବ। ପରିବାରର ସଂଜ୍ଞାକୁ ମଧ୍ୟ ସରଳୀକରଣ କରାଯାଇ ଯୋଜନାରେ ପରିବାରର ଅର୍ଥ ସ୍ୱାମୀ, ସ୍ତ୍ରୀ, ନିର୍ଭରଶୀଳ ପିତାମାତା ଓ ସନ୍ତାନଙ୍କୁ ବୁଝାଉଛି। ଏହାଦ୍ୱାରା ସୃଷ୍ଟି ହୋଇଥିବା ନୂଆ ପରିବାରମାନେ ଯୋଜନାରେ ଉପକୃତ ହୋଇପାରିବେ। ପ୍ରାକୃତିକ ଅବା ମନୁଷ୍ୟକୃତ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାର, ବିଭିନ୍ନ ସରକାରୀ ପ୍ରକଳ୍ପ ହେତୁ ବିସ୍ଥାପିତ ପରିବାର, ମୁଖ୍ୟ ଉପାର୍ଜନକାରୀ ବ୍ୟକ୍ତି ଭିନ୍ନକ୍ଷମ ହୋଇଥିଲେ, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ ପରିବାର ଓ ପ୍ରଚଳିତ ଗୃହ ନିର୍ମାଣ ଯୋଜନାରେ ଉପକୃତ ହୋଇନଥିବା ଯୋଗ୍ୟ ପରିବାରଗୁଡ଼ିକୁ ଏହି ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବ। ଏହି ଯୋଜନାରେ ହିତାଧିକାରୀଙ୍କୁ (ଶୌଚାଳୟ ଅଞ୍ଚଳକୁ ବାଦ୍ ଦେଇ) ୨୫ ବର୍ଗ ମିଟର ବିଶିଷ୍ଟ ପକ୍କାଘର ନିର୍ମାଣ ପାଇଁ ୧.୨୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପାଇବେ। ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଭିଯାନ ଓ ଅନ୍ୟାନ୍ୟ ସରକାରୀ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ହିତାଧିକାରୀ, ଯେଉଁମାନେ ପ୍ରଥମ କିସ୍ତି ପାଇବାର ୪ମାସ ଓ ୬ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରୁଛନ୍ତି, ସେମାନଙ୍କୁ ଯଥାକ୍ରମେ ୨୦ହଜାର ଓ ୧୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ଏହି ଅନ୍ତ୍ୟୋଦୟ ଗୃହ ଯୋଜନାରେ ବ୍ୟବସ୍ଥା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

କଟକ ଚାନ୍ଦବାଲି ରାସ୍ତାର ଭାରିଗଡାଠାରେ ଖରସ୍ରୋତା ନଦୀ ଉପରେ ପୁରୁଣା ସେତୁ ନିକଟରେ ଆଳି ଓ ଚାନ୍ଦବାଲିକୁ ସଂଯୋଗ କରିବା ପାଇଁ ଏକ ସେତୁ ନିର୍ମାଣ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ବୈତରଣୀ ନଦୀ ଉପରେ ଏହି ଚାରି ଲେନ୍ ବିଶିଷ୍ଟ ସେତୁ, ବର୍ତ୍ତମାନର ପୁରୁଣା ସେତୁ ନିକଟରେ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ କେନ୍ଦ୍ରାପଡ଼ାକୁ ଭଦ୍ରକ ସହ ସଂଯୋଗ କରୁଥିବା ଏସଏଚ୍-୯-ଏରେ ଟ୍ରାଫିକ୍ ସମସ୍ୟାକୁ ସୁଧାରି ପାରିବ। ଏହାଦ୍ୱାରା ପର୍ଯ୍ୟଟକମାନଙ୍କୁ ବି ସୁବିଧା ମିଳିବ। ଏହି ରାସ୍ତା ଡାଙ୍ଗମାଳ ଓ ଭିତରକନିକା ଜାତୀୟ ଉଦ୍ୟାନକୁ ସିଧାସଳଖ ସଂଯୋଗ କରୁଛି। ରାଜ୍ୟ କ୍ୟାବିନେଟ୍ ୨୨୧.୫୩ କୋଟି ଟଙ୍କାର ସର୍ବନିମ୍ନ ଟେଣ୍ଡର ଅନୁମୋଦନ କରିଛନ୍ତି। ଏହି କାର୍ଯ୍ୟ ୩୬ ମାସ ଭିତରେ ଶେଷ କରିବା ସକାଶେ ସମୟ ଧାର୍ଯ୍ୟ ହୋଇଛି। ଏହାଛଡ଼ା ମହାନଦୀ ଉପରେ ଝାରସୁଗୁଡା ଜିଲ୍ଲାର ପୂଜାରୀପଲ୍ଲୀ ଘାଟଠାରେ ଏକ ସେତୁ ନିର୍ମାଣ କରି ବରଗଡ଼ ଜିଲ୍ଲାର ଜରିମୂଳିକୁ ସଂଯୋଗ କରିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରକଳ୍ପଟି ପୁରୁଣା ଏନ୍‌ଏଚ୍ ୨୦୦ ବା ଏବର ଏନ୍‌ଏଚ ୪୯କୁ ବରଗଡ଼ ଜିଲ୍ଲାର ଡୁଙ୍ଗୁରୀ ସହ ସଂଯୋଗ କରିବ। ରାଜ୍ୟ କ୍ୟାବିନେଟ୍ ଏଥିପାଇଁ ୨୪୯ କୋଟି ଟଙ୍କାର ସର୍ବନିମ୍ନ ଟେଣ୍ଡର ଅନୁମୋଦନ କରିଥିବା ବେଳେ ୩୬ ମାସ ଭିତରେ କାର୍ଯ୍ୟ ଶେଷ କରିବାକୁ ସମୟ ଧାର୍ଯ୍ୟ ହୋଇଛି।

ରାଜ୍ୟରେ ନବୀକରଣ ଯୋଗ୍ୟ ଶକ୍ତି ପ୍ରକଳ୍ପର ବିକାଶ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ୨୦୨୨ ପ୍ରଣୟନ କରାଯାଇଥିଲା। କିନ୍ତୁ ଏହି ନୀତିର କାର୍ଯ୍ୟାନ୍ୱୟନରେ ଚିହ୍ନଟ ହୋଇଥିବା ପରିଚାଳନାଗତ ଅସୁବିଧାକୁ ଦୃଷ୍ଟିରେ ରଖି ଆଜି ରାଜ୍ୟ କ୍ୟାବିନେଟରେ ଏଥିରେ କେତେକ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସଂଶୋଧିତ ପ୍ରସ୍ତାବ ଅନୁସାରେ, ଏହି ନୀତିର ଅବଧି ମଧ୍ୟରେ ଅର୍ଥାତ ୧୫ ବର୍ଷ ପର୍ଯ୍ୟନ୍ତ ଅକ୍ଷୟ ଶକ୍ତି ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ ଶକ୍ତି ବ୍ୟବହାର ନିମନ୍ତେ ହ୍ୱିଲିଂ ଚାର୍ଜରେ ୨୫ ପ୍ରତିଶତ ପରିବର୍ତ୍ତେ ୫୦ ପ୍ରତିଶତ ଛାଡ଼ ପ୍ରଦାନ କରାଯାଇଛି। ତେବେ ଅନ୍ୟ ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡିକ ପାଇଁ ହ୍ୱିଲିଂ ଚାର୍ଜରେ ପ୍ରଚଳିତ ୨୫ ପ୍ରତିଶତ ଛାଡ଼ ବଳବତ୍ତର ରହିବ।

ଆହୁରି ମଧ୍ୟ ପୂର୍ବ ନୀତି ଅନୁଯାୟୀ, ୧୦ କିମ୍ବା ତଦୁର୍ଦ୍ଧ୍ୱ ବାସଗୃହ ଥିବା ଜନବସତିର ୧ କିମି ପରିସର ମଧ୍ୟରେ ପବନ କଳ ସ୍ଥାପନକୁ ବାରଣ କରାଯାଇଥିଲା । ତେବେ ଭାରତ ସରକାରଙ୍କ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ କାର୍ଯ୍ୟାଳୟ ପତ୍ର ତା-୪-୦୭-୨୦୨୪ ଏବଂ ଏହାର ସଂଶୋଧିତ ପ୍ରାବଧାନ ଅନୁଯାୟୀ ଏହି ନିୟମକୁ ପରିବର୍ତ୍ତନ କରାଯାଇଛି । ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛି। ରାଜ୍ୟର ସମସ୍ତ ୩୧୪ ବ୍ଲକରେ ବ୍ଲକସ୍ତରୀୟ ଷ୍ଟାଡ଼ିୟମ୍ ନିର୍ମାଣ ପାଇଁ ଏକ ନୂତନ ଯୋଜନାକୁ ଅନୁମୋଦନ କରାଯାଇଛି। ଏହି ଯୁଗାନ୍ତକାରୀ ପଦକ୍ଷେପ ସମଗ୍ର ଓଡ଼ିଶାରେ ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିବା ସହିତ ଏକ ଦୃଢ଼ କ୍ରୀଡ଼ା ପରିବେଶକୁ ପ୍ରତିଷ୍ଠିତ କରିବା ପାଇଁ ସାହାଯ୍ୟ କରିବ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି, ଗ୍ରାମୀଣ କ୍ରୀଡ଼ା ଭିତ୍ତିଭୂମିରେ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ମାନର କ୍ରୀଡ଼ାବିତ୍ ସୃଷ୍ଟି ହେବାରେ ଯେଉଁ ଅସୁବିଧା ରହୁଛି, ତାକୁ ଦୂରୀଭୂତ କରାଯାଇ ଉନ୍ନତ ଭିତ୍ତିଭୂମି ପ୍ରସ୍ତୁତ କରିବା। ବିଶେଷକରି ବ୍ଲକ ସ୍ତରରେ, ଯେଉଁଠାରେ ଭିତ୍ତିଭୂମି ଗୁଡ଼ିକ ଅନୁନ୍ନତ ଅବସ୍ଥାରେ ରହିଛି, ସେଠାରେ ଉନ୍ନତ ଭିତ୍ତିଭୂମି ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ। ଏହି ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ବ୍ଲକସ୍ତରୀୟ ଷ୍ଟାଡ଼ିୟମ୍ ୮ରୁ ୧୦ ଏକର ଜମିରେ ନିର୍ମାଣ ହେବ। ଏଥିରେ ଫୁଟବଲ୍ କିମ୍ବା କ୍ରିକେଟ ପଡ଼ିଆ, ଥ୍ରୋ ଓ ଜମ୍ପ ଫିଲ୍‌ଡ ସହିତ ଆଥଲେଟିକ୍ ଟ୍ରାକ୍, ଭଲିବଲ୍, ଖୋ ଖୋ, କବାଡ଼ି କୋର୍ଟ, ବ୍ୟାଡମିଣ୍ଟନ୍, ଟେବୁଲ ଟେନିସ୍ ଇତ୍ୟାଦି ଖେଳର ସୁବିଧା ସହିତ ଇନ୍‌ଡୋ ହଲ୍ ନିର୍ମାଣ କରାଯିବ। ରାଜ୍ୟରେ ବ୍ଲକସ୍ତରୀୟ ଷ୍ଟାଡ଼ିୟମ୍ ନିର୍ମାଣ ପାଇଁ କ୍ୟାବିନେଟ ପର୍ଯ୍ୟାୟ କ୍ରମେ ୫ ବର୍ଷ ପାଇଁ ୪,୧୨୪ କୋଟି ଟଙ୍କା ବ୍ୟୟ ମଞ୍ଜୁର କରିଛନ୍ତି।

ରାଜ୍ୟ କ୍ୟାବିନେଟ୍ ୧,୦୬୬.୩୮ କୋଟି ଟଙ୍କା ଆନୁମାନିକ ମୂଲ୍ୟରେ ଆଗାମୀ ୬ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୫-୨୬ରୁ ୨୦୩୦-୩୧ ମଧ୍ୟରେ ବିଶ୍ୱ ବ୍ୟାଙ୍କ ଏବଂ ଏସିଆନ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଇନଭେଷ୍ଟମେଣ୍ଟ ବ୍ୟାଙ୍କ ସହାୟତାରେ ଡ୍ୟାମ୍ ପୁନର୍ବାସ ଓ ଉନ୍ନତିକରଣ ପ୍ରକଳ୍ପ(ଡିଆର୍‌ଡିପି)-୩ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଅଧିନରେ ୩ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ହୀରାକୁଦ ଡ୍ୟାମର ବାମ ଡାଇକ୍‌ରେ ଅତିରିକ୍ତ ସିଲୱେ ନିର୍ମାଣ, ହୀରାକୁଦ ଡ୍ୟାମର ସଂକଟଜନକ ପରିସ୍ଥିତିର ସର୍ବେକ୍ଷଣ କରି ତାହାର ମରାମତି ଓ ଉନ୍ନତିକରଣ, ହୀରାକୁଦ ଡ୍ୟାମ ତଥା ପ୍ରସ୍ତାବିତ ଅତିରିକ୍ତ ସ୍ପିଲୱେର ଫାଟକଗୁଡିକୁ ସ୍କାଡା ପ୍ରଣାଳୀରେ ସ୍ୱୟଂଚାଳିତ କରାଯିବ। ହୀରାକୁଦ ଡ୍ୟାମର ଅତିରିକ୍ତ ସ୍ପିଲୱେ ନିର୍ମାଣ ଦ୍ୱାରା ଅତିରିକ୍ତ ବନ୍ୟା ଜଳକୁ ନିରାପଦ ଭାବରେ ନିଷ୍କାସିତ କରାଯାଇପାରିବ। ଏହାଛଡ଼ା ହୀରାକୁଦ ଡ୍ୟାମର ସଂକଟଜନକ ପରିସ୍ଥିତିର ସର୍ବେକ୍ଷଣ କରି ଏହାର ମରାମତି ଓ ଉନ୍ନତିକରଣ ଦ୍ୱାରା ଡ୍ୟାମଟିକୁ ଦୀର୍ଘସ୍ଥାୟୀ କରାଯାଇପାରିବ। ଡ୍ୟାମର ତଥା ପ୍ରସ୍ତାବିତ ଅତିରିକ୍ତ ସ୍ପିଲୱେର ଗେଟଗୁଡିକୁ ସ୍ୱୟଂଚାଳିତ କରାଯିବା ଦ୍ୱାରା ଏହାର ଉତ୍ତମ ନିୟନ୍ତ୍ରଣ ଓ ପର୍ଯ୍ୟବେକ୍ଷଣ ସୁନିଶ୍ଚିତ କରାଯାଇପାରିବ।

### ଦିଲ୍ଲୀରେ ବିଜେପିର...

ଏହା ୬୭ଟି ଆସନ ପାଇ ଅବିଶ୍ୱସନୀୟ ଫଳାଫଳ ହାସଲ କରିଥିଲା। ଅନ୍ୟପକ୍ଷରେ ଗତ ୨୦୨୦ ପରି କଂଗ୍ରେସ ଖାତାରେ ଗୋଟିଏ ବି ଆସନ ପଡ଼ିନାହିଁ। କିନ୍ତୁ ବିଜେପି ସମସ୍ତଙ୍କୁ ଚମକାଇବା ଭଳି ଫଳାଫଳ କରିଛି। ଦଳ ଗତ ୨୦୧୫ରେ ୩ଟି ଆସନ ହାତେଇଥିବା ବେଳେ ୨୦୨୦ରେ ଏହା ୮ଟି ଆସନରେ ସନ୍ତୁଷ୍ଟ ରହିଥିଲା। କିନ୍ତୁ ଏଥର ଦଳ ଉପରେ ଦିଲ୍ଲୀବାସୀ ଅଧିକ ଭରସା ବ୍ୟକ୍ତ କରି ୪୮ଟି ଆସନରେ ବିଜୟୀ କରାଇଛନ୍ତି। ସେହିପରି ଦଳ ଏଥର ମୋଟ୍ ଭୋଟ୍‌ରୁ ୪୫.୫୬ ପ୍ରତିଶତ ପାଇଥିବା ବେଳେ ଆପ୍‌କୁ ଦ୍ୱିତୀୟ ସର୍ବାଧିକ ୪୩.୫୭ ପ୍ରତିଶତ ଭୋଟ୍ ମିଳିଛି। ଅନ୍ୟପକ୍ଷରେ କଂଗ୍ରେସକୁ ମାତ୍ର ୬.୩୪ ପ୍ରତିଶତ ଭୋଟ୍ ମିଳିଛି। ପୂର୍ବ ନିର୍ବାଚନ ତୁଳନାରେ ବିଜେପିକୁ ୭ ପ୍ରତିଶତ ଅଧିକ ଭୋଟ୍ ମିଳିଥିବା ବେଳେ ଆପ୍ ଭୋଟ୍‌ରେ ୧୦ ପ୍ରତିଶତ ହ୍ରାସ ଘଟିଛି। ସେହିପରି ପୂର୍ବ ନିର୍ବାଚନ ତୁଳନାରେ କଂଗ୍ରେସ ୨ ପ୍ରତିଶତ ଭୋଟ୍ କମ୍ ପାଇଛି। ବିଜେପି ଏକକ ସଂଖ୍ୟାଗରିଷ୍ଠତା ହାସଲ ପରେ ବିଭିନ୍ନ ସ୍ଥାନରେ ବିଜୟ ଉତ୍ସବ ପାଳନରେ କର୍ମୀମାନେ ମାତିଯାଇଥିବା ବେଳେ ଦଳୀୟ କାର୍ଯ୍ୟାଳୟରେ ଉତ୍ସବର ମାହୋଲ୍‌ର ସୃଷ୍ଟି ହୋଇଥିଲା।

### ବିକାଶର ବିଜୟ...

ପରିପ୍ରେକ୍ଷୀରେ ନିଜର ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ଡବଲ ଇଞ୍ଜିନ ମଡେଲକୁ ସ୍ୱୀକୃତି ଦେଇଥିବାରୁ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ବିଜୟର ଶ୍ରେୟ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେବା ସହ ମୋଦି ମ୍ୟାଜିକ୍‌ର କୌଣସି ବିକଳ୍ପ ନାହିଁ ବୋଲି ଦିଲ୍ଲୀବାସୀ ପ୍ରମାଣିତ କରିଥିବା ଶ୍ରୀ ପ୍ରଧାନ କହିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ...

ସୋସିଆଲ୍ ମିଡିଆ 'ଏକ୍ସ'ରେ ତାଙ୍କ ପ୍ରତିକ୍ରିୟା ଦେଇ ଶ୍ରୀ ମାଝୀ କହିଛନ୍ତି ମହାରାଷ୍ଟ୍ର ଓ ହରିୟାଣା ପରି ଏବେ ଦିଲ୍ଲୀରେ ମଧ୍ୟ ବିଜେପିକୁ ଅପାର ସଫଳତା ମିଳିଛି। ଏହି ସଫଳତା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ କାର୍ଯ୍ୟ ଦକ୍ଷତା ଯୋଗୁଁ ସମ୍ଭବପର ହୋଇପାରିଛି। ଏବେ ଦିଲ୍ଲୀର ବିକାଶକୁ କେହି ବି ରୋକିପାରିବେ ନାହିଁ। କାରଣ ଦିଲ୍ଲୀବାସୀ ଡବଲ୍ ଇଞ୍ଜିନ୍ ସରକାର ସୃଷ୍ଟି କରିଛନ୍ତି। ବିଜେପିକୁ ସମର୍ଥନ ଦେଇ ଦିଲ୍ଲୀବାସୀ ଏକ ସଶକ୍ତ, ଆତ୍ମନିର୍ଭରଶୀଳ ଓ ସମୃଦ୍ଧ ଭାରତ ଗଠନ ପାଇଁ ରାସ୍ତା ପରିଷ୍କାର କରିଛନ୍ତି। ଆଗାମୀ ଦିନରେ ଦିଲ୍ଲୀ ବିକାଶର ନୂଆ ଇତିହାସ ଲେଖାଯିବ ଓ ପ୍ରତିଟି ନାଗରିକଙ୍କ ସ୍ୱପ୍ନ ସାକାର ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶା ପ୍ରକାଶ କରିଛନ୍ତି।

### ଅଧିକ ପରିଶ୍ରମର...

କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼୍‌ଗେ କହିଛନ୍ତି। ନିର୍ବାଚନ ଫଳାଫଳ ନେଇ ନିଜ ପ୍ରତିକ୍ରିୟା ଦେଇ ଶ୍ରୀ ଖଡ଼୍‌ଗେ କହିଛନ୍ତି ଯେ ନିର୍ବାଚନରେ କଂଗ୍ରେସକୁ ଆଶାନୁରୂପ ଫଳ ମିଳିପାରିନାହିଁ। କିନ୍ତୁ ଦଳର ପ୍ରତିଟି କର୍ମୀ ଏକ ପ୍ରତିକୂଳ ପରିସ୍ଥିତିରେ ଯଥେଷ୍ଟ ପରିଶ୍ରମ କରିଛନ୍ତି, ଏହା ଅନସ୍ୱୀକାର୍ଯ୍ୟ। କିନ୍ତୁ ଆଗକୁ ଆହୁରି ଅଧିକ ପରିଶ୍ରମ ଓ ସଂଘର୍ଷ କରିବାକୁ ପଡ଼ିବ। ତା'ଛଡ଼ା ଆଗାମୀ ଦିନରେ ଦଳ ଦିଲ୍ଲୀରେ ପ୍ରଦୂଷଣ, ଯମୁନା ନଦୀ ସଫେଇ, ବିଦ୍ୟୁତ୍, ସଡ଼କ, ପାଣି ଓ ବିକାଶ ପରି ପ୍ରମୁଖ ପ୍ରସଙ୍ଗକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ କରିବ ବୋଲି ଶ୍ରୀ ଖଡ଼୍‌ଗେ କହିଛନ୍ତି।

### ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ୫୭ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

# ଏମିତି ଶିକ୍ଷକ ହେବ ଯେମିତି ପିଲା ତୁମ ସାଥିରେ ଠିଆହେବେ




**ନୟାଗଡ଼, ୮।୨ (ସଂଚାର ବ୍ୟୁରୋ) :** ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୁଲ୍ୟରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ୫୭ତମ ବାର୍ଷିକ କ୍ରୀଡା ଉତ୍ସବ ୫ ତାରିଖରୁ ଆରମ୍ଭ ହୋଇ ୭ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ ଦିବସରେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରାଇଥିଲେ। ଏମିତି ଶିକ୍ଷକ ହେବ ଯେମିତି ପିଲା ତୁମ ସାଥିରେ ଠିଆହେବେ ଏବଂ ପାଠ ବହି ପଢ଼ିବା ସହ ଅନ୍ୟାନ୍ୟ ପାଠ ମଧ୍ୟ ନିହାତି ଆବଶ୍ୟକ । ତେଣୁ ଆମ ଜୀବନରେ ସବୁ ବିଦ୍ୟା ଶିକ୍ଷଣୀୟ ନିହାତି ଆବଶ୍ୟକ ବୋଲି ବିଧାୟକ ଡ଼ ସାହୁ ବକ୍ତବ୍ୟ ରଖିଥିଲେ ।

ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ବିପିନ କୁମାର ପଟ୍ଟନାୟକ, ଅଧ୍ୟାପକ ବିନାୟକ ପ୍ରସାଦ ରାଓ, ଅଧ୍ୟାପିକା ସ୍ମିତା ସ୍ୱାଇଁ, କ୍ରୀଡ଼ା ପ୍ରଶିକ୍ଷକ ସୂର୍ଯ୍ୟମଣୀ ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିଲେ। ୫୭ତମ ବାର୍ଷିକ କ୍ରୀଡା ଉତ୍ସବରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଟ୍ରଫି ସାର୍ଟିଫିକେଟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ଦିଲ୍ଲୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ମା’ ଭଗବତୀଙ୍କ ପୀଠରେ କୁଢ଼ କୁଢ଼ ଅଳିଆ ଆବର୍ଜନା






### ପର୍ଯ୍ୟଟକମାନଙ୍କ ମହଲରେ ଅସନ୍ତୋଷ

**କୋଣାର୍କ, ୮।୨ (ସଂଚାର ବ୍ୟୁରୋ) :** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା’ ଭଗବତୀ ପୀଠରେ ସଫେଇ କାର୍ଯ୍ୟ ହେଉ ନ ଥିବାରୁ କୁଢ କୁଢ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା ଭଗବତୀ ହେଉଛନ୍ତି ଅନ୍ୟତମ। ଏହି ପୀଠ ରାଜ୍ୟ ତଥା ଜାତୀୟସ୍ତରର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ମା ଭଗବତୀଙ୍କ ପୀଠ ଅନ୍ୟତମ। ଏହି ପୀଠର ମାହାତ୍ମ୍ୟ ଓ ମହିମା ଅପାର ବୋଲି ପୁରାଣ ଓ କିମ୍ବଦନ୍ତୀରୁ ଜଣାଯାଏ। ସୂର୍ଯ୍ୟ ମନ୍ଦିର ନିର୍ମାଣ ସମୟରେ ମା ଭଗବତୀଙ୍କ ଆର୍ଶୀବାଦ ଓ ଅପାର କରୁଣା ମନ୍ଦିର ନିର୍ମାଣରେ ବିଶେଷ ଭୂମିକା ନିର୍ବାହ କରିଥିବାର ପୁରାଣ ଓ କିମ୍ବଦନ୍ତୀରୁ ଜାଣିବାକୁ ମିଳିଥାଏ।

ଏହି ପୀଠ ପରିଦର୍ଶନ କରିବା ପାଇଁ ଓଡିଶା ତଥା ଭାରତ ବର୍ଷର ବିଭିନ୍ନ ରାଜ୍ୟରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ମା ଭଗବତୀଙ୍କ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ସହିତ ବଣ ଭୋଜି କରି ଖୁସି ମନାଇଥାନ୍ତି। ଦୀର୍ଘ ଦିନ ଧରି କୋଣାର୍କ ଏନଏସି ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ସଫେଇ ନ ହେବା ଯୋଗୁଁ ଏହି ପର୍ଯ୍ୟଟନ ସ୍ଥଳୀ ତଥା ଶକ୍ତିପୀଠ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି। ଏହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ଯୋଗୁଁ ମା ଭଗବତୀଙ୍କ ପୀଠ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ଏଭଳି ପରିବେଶ ସୃଷ୍ଟି ଦ୍ୱାରା ଧାର୍ମିକ ରୀତିନୀତି ଓ ପରମ୍ପରା ପ୍ରତି କୁଠାରଘାତ ବୋଲି ପ୍ରକାଶ କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ଭାରତୀୟ ସଂସ୍କୃତିର ମହାନ ଶକ୍ତି ପୀଠର ପୂଜ୍ୟ ପୂଜାର ପରମ୍ପରା ବଜାୟ ରଖିବା ପାଇଁ ଏହି ପୀଠର ସୌନ୍ଦର୍ଯ୍ୟକରଣ ଓ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ନଗର ଉନ୍ନୟନ ମନ୍ତ୍ରୀ, ବିଭାଗୀୟ ସଚିବ ଓ ପୁରୀ ଜିଲ୍ଲାପାଳଙ୍କୁ ଭଗବତୀଙ୍କ ସେବକ ଓ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ ଓ ସଂସ୍କୃତି ବିଶାରଦମାନେ ଦାବି କରିଛନ୍ତି।

# ପୁଲିସକୁ ଆକ୍ରମଣ ମାମଲାରେ ୨୦ ଗିରଫ




**ନବରଙ୍ଗପୁର/ରାଇଘର, ୮।୨ (ସଂଚାର ବ୍ୟୁରୋ):** ରାଇଘର ଥାନା ଖାଡ଼େଙ୍ଗା ଗାଁରେ ମାଘମଣ୍ଡେଇ ଯାତ୍ରାରେ ଗୁରୁବାର ଖୁଡଖୁଡି ଉପରେ ଚଢଉ ବେଳେ ପୁଲିସକୁ ଆକ୍ରମଣ କରିଥିବା ଅଭିଯୋଗରେ ୨୦ଜଣଙ୍କୁ ଗିରଫ କରାଯାଇଛି। ଗୁରୁବାର ୧୦ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ଆଉ ୧୦ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୁଲିସ କହିଛି। ଗୁରୁବାର ରାତିରେ ଯାତ୍ରାରେ ଜୁଆ ଖେଳ ଚାଲିଥିବା ଖବରପାଇ ଥାନାଧିକାରୀଙ୍କ ସମେତ ୬ଜଣ କର୍ମଚାରୀ ପହଞ୍ଚିଥିଲେ। ୫୦ରୁ ଅଧିକ ଜୁଆଡି ଠେଙ୍ଗାରେ ପୁଲିସକୁ ଆକ୍ରମଣ କରିଥିଲେ। ଜୁଆଡିଙ୍କ ଆକ୍ରମଣରେ ଥାନା ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଆହତ ହୋଇଥିଲେ। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଆଜି ଏସପି ମହିର ପଣ୍ଡା, ଉମରକୋଟ ଏସଡିପିଓ ପ୍ରମୁଖ ରାଇଘରରେ ପହଞ୍ଚି ତଦନ୍ତ କରିଥିଲେ। ଆଜି ଅଭିଯୁକ୍ତଙ୍କ ମଧ୍ୟରୁ ୧୦ଜଣଙ୍କୁ ଗିରଫ କରାଯାଇଥିଲା।

# ପୁଲିସ ପଞ୍ଝାରେ ଲୁଟେରା ଗ୍ୟାଙ୍ଗ



### ୨ ଗିରଫ, ୩ ଫେରାର

### ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଧଳାଜହର ଜବତ

**କାକଟପୁର/ଅସ୍ତରଙ୍ଗ, ୮।୨ (ସଂଚାର ବ୍ୟୁରୋ):** ଧଳା ଜହର ପାଇଁ ଲୁଟ କରି ଆତଙ୍କ ଖେଳାଉଥିବା ଲୁଟେରା ଗ୍ୟାଙ୍ଗର ୨ଜଣଙ୍କୁ କାବୁ କରିଛି କାକଟପୁର ଥାନା ପୁଲିସ । ଅନ୍ୟ ୩ ଜଣ ଫେରାର ରହିଛନ୍ତି ବୋଲି ଥାନାଅଧିକାରୀ ଉମେଶ କୁମାର ସାହୁ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଶନିବାର ପ୍ରତ୍ୟୁଷରୁ ବିଶେଷ ସୂତ୍ରରୁ ଖବର ପାଇଁ ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଂଚାୟତ ଓସ୍ତପୁର ନିକଟରୁ ସକାଳ ୫ଘ ୩୦ମିନିଟ ସମୟରେ କାକଟପୁର ଥାନା ସବଇନିସ୍ପେକ୍ଟର ପ୍ରିୟଦର୍ଶିନୀ ବରାଳ, ଏ ଏସ ଆଇ ମନୋରଞ୍ଜନ ପରିଡା, ଏସ ମହାରଣା ଓ ଅଜିତ ବେହେରା ନଈଗୁଆଁ ନିକଟ ଓସ୍ତପୁର ରାସ୍ତାରେ ୨ ଜଣ ଧଳାଜହର ବ୍ୟବସାୟୀଙ୍କୁ ଧରିଥିଲେ । ଉକ୍ତ ଯୁବକ ୨ଜଣ ହେଉଛନ୍ତି ଓସ୍ତପୁର ଗ୍ରାମର ବିଭୁତି ସେନାପତି ଓରଫ ଭୂପତି (୩୧)ଓ ଖଣ୍ଡାସାହି ଗ୍ରାମର ରାଜେଶ ବିଶ୍ୱାଳ (୩୧) ନିକଟରୁ ପାଟ୍ରୋଲିଂ ଟିମ୍ ୧୦.୫ଗ୍ରାମର ଧଳାଜହର ଜବତ କରିବା ସହ ୨ଟି ସ୍ମାଟଫୋନ୍ ଯଥା ପୋକ ସି ୫୦ ଓ ରିୟଲମୀ ସି୧୨ ଜବତ କରିଥିଲେ ପୁଲିସ। ଧଳାଜହରର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ।

### ମଦ୍ୟପକୁ ମାରି ପୋତିଦେଲେ

# ମାଟିତଳୁ ଶବ ଉଦ୍ଧାର, ପୁଲିସର ତଦନ୍ତ ଜାରି



**ଭବାନୀପାଟଣା, ୮।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ଡୁଡୁକାଠେଙ୍ଗା ପଞ୍ଚାୟତ ମୁନୁଗା ପଦର ଗ୍ରାମରେ ଏକ ଛାଞ୍ଚଲ୍ୟକର ଘଟଣା ଦେଖିବାକୁ ମିଳିଛି। ମୁନୁଗାପଦର ଗ୍ରାମର ଯଦୁ ଦଳପତିଙ୍କୁ ତାଙ୍କ ପରିବାର ନିଜର ସ୍ତ୍ରୀ ରୁକ୍ମଣୀ ଦଳପତି ଦୁଇ ପୁଅ ଧନେଶ୍ୱର ଦଳପତି ଓ ଫକୀର ଦଳପତି ଓ ଜ୍ୱାଇଁ କ୍ଷୀରସିନ୍ଧୁ ନାଗ ମୃତ୍ୟୁ ପରେ ଘର ବାରିରେ ପୋତି ଦେଇଥିଲେ। ଆମପାଣି ପୁଲିସ ଶନିବାର ସକାଳେ ଖବର ପାଇ ଥାନା ଅଧିକାରିଣୀ ବିଜୟଲକ୍ଷ୍ମୀ ହିକ୍କାଙ୍କ ନେତୃତ୍ୱରେ ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ କରିବା ସହ ମୃତକଙ୍କ ସ୍ତ୍ରୀ ରୁକ୍ମଣୀ ଦଳପତି, ସାନ ପୁଅ ଫକୀର ଦଳପତି ଓ ଜ୍ୱାଇଁ କ୍ଷୀରସିନ୍ଧୁ ନାଗକୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ବେଳେ ବଡ଼ପୁଅ ଧନେଶ୍ୱର ଦଳପତି ଫେରାର ଥିବା ପୁଲିସ ସୂତ୍ରରୁ ଖବର ମିଳିଛି। ଅନ୍ୟପଟେ ପରିବାର ଲୋକେ ଜ୍ଞାତି କୁଟୁମ୍ବ କିମ୍ବା ଗ୍ରାମବାସୀ କାହାକୁ ନ ଜଣାଇ ଘରବାରିରେ ଶବ ପୋତି ଦେଇଥିବା ବେଳେ ବଡ଼ପୁଅ ଫେରାର ଘଟଣାକୁ ନେଇ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ ପ୍ରକଟ କରିଛି ପୁଲିସ। ସନ୍ଧ୍ୟାରେ ଧର୍ମଗଡ଼ ଏସଡ଼ିପିଓ ମନୋଜ କୁମାର ବେହେରାଙ୍କ ନେତୃତ୍ୱରେ ମାଜିଷ୍ଟ୍ରେଟ ଦାୟିତ୍ୱରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, କୋକସରା ଏସଆଇ ହେମନ୍ତ ପାତ୍ର, ଡାକ୍ତର ଦେବେନ୍ଦ୍ର ମାଝୀଙ୍କ ଉପସ୍ଥିତିରେ ଘରବାରିରେ ଶବ ପୋତା ହୋଇଥିବା ସ୍ଥାନରେ ପହଞ୍ଚି ଶବକୁ ମାଟି ତଳୁ ଉଦ୍ଧାର କରିବା ସହ ତଦନ୍ତ ଜାରି ରଖିଛନ୍ତି। ତେବେ ମୃତ୍ୟୁର କାରଣ ନେଇ କୌଣସି ସ୍ପଷ୍ଟ ସୂଚନା ପୁଲିସ ପକ୍ଷରୁ ମିଳିନାହିଁ। ଆମପାଣି ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ବେଳେ ତଦନ୍ତ ପରେ ସବିଶେଷ ସୂଚନା ଦିଆଯିବ ବୋଲି ଏସଡ଼ିପିଇଓ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

# ସୂର୍ଯ୍ୟ ମନ୍ଦିର ନାଟ୍ୟ ମଣ୍ଡପ ବେଢ଼ାରୁ ପଡ଼ି ପର୍ଯ୍ୟଟକ ଗୁରୁତର

**କୋଣାର୍କ, ୮।୨ (ସଂଚାର ବ୍ୟୁରୋ):** ଶନିବାର ସନ୍ଧ୍ୟାରେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିର ନାଟ୍ୟ ମଣ୍ଡପ ବେଢ଼ାରୁ ପଡି ଆନ୍ଧ୍ରପ୍ରଦେଶ ସିକାକୁଲମ ଜିଲ୍ଲାର ଜଣେ ପର୍ଯ୍ୟଟକ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି। ଖବରରୁ ପ୍ରକାଶ ଯେ ଆନ୍ଧ୍ରପ୍ରଦେଶ ସିକାକୁଲମ ଜିଲ୍ଲାର ପି. ରାଧା (୪୧) ବର୍ଷ ସପରିବାର ଏକ ବସ ଯୋଗେ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲିବାକୁ ଆସିଥିଲେ। ଏହି ପର୍ଯ୍ୟଟକ ଜଣଙ୍କ ସପରିବାର ସହିତ ସୂର୍ଯ୍ୟ ମନ୍ଦିର ବୁଲୁଥିବା ବେଳେ ନାଟ୍ୟ ମଣ୍ଡପ ବେଢ଼ାରୁ ପଡି ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ତୁଷାରକାନ୍ତ ପରିଜା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଭାବେ ଆହତ ପର୍ଯ୍ୟଟକ ପି. ରାଧାକୁ ପ୍ରାଥମିକ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁଁ ବାରମ୍ବାର ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ସୂର୍ଯ୍ୟ ମନ୍ଦିର ନିଷିଦ୍ଧାଚଂଳରେ ପର୍ଯ୍ୟଟକ ମାନେ ଚଢୁ

### ଢିଲା ସୁରକ୍ଷା ବ୍ୟବସ୍ଥାକୁ ଦାୟୀ କଲେ ବୁଦ୍ଧିଜୀବୀ

ଥିବା ବେଳେ ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀ ସେମାନଙ୍କୁ ସଚେତନତା ନ କରିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ସୂର୍ଯ୍ୟ ମନ୍ଦିର ପରିସରରେ ପର୍ଯ୍ୟଟକଙ୍କ ନିମନ୍ତେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ, ପର୍ଯ୍ୟଟକ ପ୍ରେମୀ, ପର୍ଯ୍ୟଟକ ଓ ସ୍ଥାନୀୟ ଅଂଚଳର ଜନସାଧାରଣ ମାନଙ୍କ ପକ୍ଷରୁ ଦାବି କରାଯାଇଛି।



# ନୟାଗଡ଼ ଡିଏସ୍‌ପି ଓ ଏସ୍‌ଡିପିଓଙ୍କ ବଦଳି

**ନୟାଗଡ଼, ୮।୨ (ସଂଚାର ବ୍ୟୁରୋ) :** ରାଜ୍ୟ ପୋଲିସ ମୁଖ୍ୟାଳୟରେ ବଡ଼ ଧରଣର ଅଦଳ ବଦଳ ହୋଇଛି । ରାଜ୍ୟରେ ନୂତନ ସରକାର ଗଢ଼ିବା ପରେ ବଦଳି ପକ୍ରିୟା ଜାରି ରଖିଛି । ତେବେ ଆଜି ଏସଡ଼ିପିଓ ସ୍ତରରେ ଅଦଳ ବଦଳି କରାଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାର ୧୦୭ ଜଣ ଡିଏସପି ଓ ଏସ୍‌ଡିପିଓ ବଦଳି କରାଯାଇଛି । ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ଏସଡିପିଓ ସୁଦର୍ଶନ ଗଙ୍ଗୋଇଙ୍କୁ କେନ୍ଦୁଝର ସଦର ଏସଡ଼ିପିଓ ଭାବେ ବଦଳି କରାଯାଇଥିବା ବେଳେ ଜଗତସିଂହପୁର ପୋଲିସ ମୁଖ୍ୟାଳୟର ଡ଼ିଏସପି ଜ୍ୟୋତି ରଞ୍ଜନ ସାମନ୍ତରାୟଙ୍କୁ ନୟାଗଡ଼ ଏସଡିପିଓ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଖଣ୍ଡପଡ଼ା ଏସଡ଼ିପିଓ ବିମଳ କୁମାର ମଲ୍ଲିକଙ୍କୁ କଳାହାଣ୍ଡି ହୋମ ଗାର୍ଡ ଡ଼ିଏସପି ଭାବେ ବଦଳି କରାଯାଇଥିବା ବେଳେ ଭିଜିଲାନ୍ସ ଡ଼ିଏସପି ମଦନ ମୋହନ ପ୍ରଧାନଙ୍କୁ ଖଣ୍ଡପଡ଼ା ଏସଡ଼ିପିଓ ଭାବେ ନିଯୁକ୍ତ କରାଯାଇଥିବା । ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିକ୍ୟୁରିଟି ଅଫିସର ଦୀପ୍ତିକାନ୍ତ ପ୍ରଧାନଙ୍କୁ ଶରଣକୁଳ ଏସଡ଼ିପିଓ ନିଯୁକ୍ତ କରାଯାଇଥିବା ବେଳେ ନୟାଗଡ଼ର ଡ଼ିଏସପି ହେମନ୍ତ ରାଓଙ୍କୁ ବିରାମହାରାଜପୁରର ଏସଡ଼ିପିଓ ଭାବେ ବଦଳି କରାଯାଇଛି । ଏ ନେଇ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି ।

# ସାଇ ଗାୟତ୍ରୀ ପରିବାରର ପ୍ରଥମ ବାର୍ଷିକ ସମ୍ମିଳନୀ




**ବୋରିଗୁମ୍ମା, ୮।୨ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ସାଇ ଗାୟତ୍ରୀ ପରିବାରର ପ୍ରଥମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଭୈରବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି।ବୋରିଗୁମ୍ମା ସାଇ ଗାୟତ୍ରୀ ପରିବାର ର ଆବାହକ ବିଜୟ ନାରାୟଣ ସାହୁ ଓ ସାଇ ଗାୟତ୍ରୀ ପରିବାରର ସଂଗଠକ ଲାଲୁ ଷଡଙ୍ଗୀଙ୍କ ନେତୃତ୍ୱରେ ଆୟୋଜିତ ପ୍ରଥମ ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତ୍ରା, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ସଭାପତି ଦକ୍ଷିଣ ଓଡ଼ିଶା ଉନ୍ନୟନ ଭୃଗୁ ବକ୍ସିପାତ୍ର ଯୋଗ ଦେଇଥିଲେ।ସାଇ ଗାୟତ୍ରୀ ପରିବାର ର ସଂଗଠକ ତଥା ବରିଷ୍ଠ ଆଇନଜୀବୀ ଲାଲୁ ଷଡଙ୍ଗୀ ସାଇ ଗାୟତ୍ରୀ ପରିବାର ର ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ।ସେବା ହିଁ ପରମ ଧର୍ମ ବୋଲି କହିବା ସହ ସାଇ ଗାୟତ୍ରୀ ପରିବାର ସମସ୍ତ ସଦସ୍ୟ ସେବା ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ।ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ନିଜ ବକ୍ତବ୍ୟ ରେ କହିଥିଲେ ଯେ ଭୈରବ ମନ୍ଦିର ପରିସରରେ ଶିଳାଲିପି ଜୀର୍ଣ୍ଣୋଧାର ସାଇ ଗାୟତ୍ରୀ ପରିବାର ର ମହାନ କାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟ ଅତିଥି ଶିଳାଲିପି ଜୀର୍ଣ୍ଣୋଧାର ର ଶୁଭ ଉଦଘାଟନ କରିବା ସହ ସିମେଣ୍ଟ ଚେୟାରର ଲୋକାର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ସାଇ ସେବକ ରଞ୍ଜନ ପାତ୍ର କହିଥିଲେ ଯେ ମନୁଷ୍ୟ ସବୁବେଳେ ଗରୀବ ଲୋକଙ୍କ ସେବାରେ କାମ କରନ୍ତୁ।ଜଣେ ମାନସିକ ଭିନ୍ନକ୍ଷମ ହେଇ ଅବା ଶାରୀରିକ ଭିନ୍ନକ୍ଷମ ସମସ୍ତ ଙ୍କ ହୃଦୟରେ ଭଗବାନ ବାସ କରନ୍ତି। ତେଣୁ ଭେଦଭାବକୁ ଭୂଲି , ସେବା କରିବା ପରମ ଧର୍ମ ବୋଲି କହିଥିଲେ।ସମ୍ମାନିତ ଅତିଥି ମାନେ ବାର୍ଷିକ ସମ୍ମିଳନୀରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଙ୍କୁ ସମ୍ବର୍ଦ୍ଧନା,ନୂତନ ପ୍ରତିଭା ଙ୍କୁ ସମ୍ମାନ, ମେଧା ତଥା ଗରୀବ ଛାତ୍ର ଙ୍କୁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା।

# କ୍ଲଷ୍ଟର ସହିତ ଖୋର୍ଦ୍ଧା ବ୍ଲକର ନିପୁଣ ମେଳା ଅନୁଷ୍ଠିତ

**ଖୋର୍ଦ୍ଧା, ୮।୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଓସେପା କାର୍ଯ୍ୟାଳୟର ନିର୍ଦ୍ଦେଶାନୁଯାୟୀ ଆଜି ମଣ୍ଡଳ ସ୍ତରୀୟ ନିପୁଣ ମେଳା ଫରେଷ୍ଟ କଲୋନୀ କ୍ଲଷ୍ଟର ସହିତ ମିଶି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭାଲିଆବାଡି ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାର ଉଦଘାଟନୀ ଉତ୍ସବରେ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ସନ୍ଧ୍ୟାରାଣୀ ରାଉତ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି ମହୋଦୟା ଯୋଗ ଦେଇ ନିପୁଣ ଓଡ଼ିଶାର ଉଦ୍ଦେଶ୍ୟ ତଥା ଆବଶ୍ୟକତା ସମ୍ବନ୍ଧରେ ନିଜର ବାର୍ତ୍ତା ଉପସ୍ଥାପନ କରିଥିଲେ।ସମ୍ମାନିତ ଅତିଥି ରୂପେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜିକା ଶ୍ରୀମତୀ ସନ୍ଧ୍ୟାବତୀ ଲେଙ୍କା ମହୋଦୟା, ଉକ୍ତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀମତୀ ସ୍ମିତା ମିଶ୍ର ମହୋଦୟା,ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସବିତା ରାଣୀ ଛୁଆଳସିଂହ ମହୋଦୟା ମଞ୍ଚାସିନ ହୋଇ ନିପୁଣ ଓଡ଼ିଶା ମିଶନର ଲକ୍ଷ୍ୟକୁ ସାଧନ କରିବା ପାଇଁ ସଫଳ ପଦକ୍ଷେପ କିପରି ନିଆଯାଇ ପାରିବ ଏବଂ ଏହା ପ୍ରତି ବିଦ୍ୟାଳୟରେ ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇ ୨୦୨୬-୨୭ ସୁଦ୍ଧା ସମ୍ପୂର୍ଣ୍ଣ ଶୀର୍ଷରେ ପହଞ୍ଚି ପାରିବ ସେ ସମ୍ବନ୍ଧରେ ନିଜ ନିଜର ମତ ରଖିଥିଲେ। ଫରେଷ୍ଟ କଲୋନୀ କ୍ଲଷ୍ଟରର ୯ଟି ବିଦ୍ୟାଳୟରୁ ୯୦ଜଣ ଶିକ୍ଷାର୍ଥୀଙ୍କ ସହ ୯୦ଜଣ ଅଭିଭାବକ ଏବଂ ୯ଜଣ ଗାଇଡ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।



ଦିବସର ଦ୍ୱିତୀୟାର୍ଦ୍ଧରେ ଉଦଯାପନୀ ଉତ୍ସବରେ ସିଡ଼ିପିଓ ଖୋର୍ଦ୍ଧା ମହୋଦୟା ମୁଖ୍ୟ ଅତିଥି ରୂପେ ଯୋଗଦେଇ ୩ରୁ ୮ବର୍ଷ ବୟସର ସବୁ ପିଲାମାନେ ସାକ୍ଷରତା ଓ ସଂଖ୍ୟାଜ୍ଞାନର ସମସ୍ତ କୌଶଳ ଗୁଡ଼ିକୁ ହାସଲ କରିବା ପାଇଁ ଗୋଷ୍ଠୀ ସମ୍ପୃକ୍ତିକୁ ଗୁରୁତ୍ୱାରୋପ କରିଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଭରତ ଚନ୍ଦ୍ର ପ୍ରଧାନ,ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜିକା ଶ୍ରୀମତୀ ସନ୍ଧ୍ୟାବତୀ ଲେଙ୍କା,ପରିଚାଳନା କମିଟି ଅଧ୍ୟକ୍ଷା ଶ୍ରୀମତୀ ସ୍ମିତା ମିଶ୍ର ଆଦି ସମ୍ମାନିତ ଅତିଥି ରୂପେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିବା

# ଶ୍ରୀ ଅଚ୍ୟୁତ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଓ ପିତୃମାତୃ ସମ୍ମିଳନୀ

**ନାଉଗାଁ, ୮।୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାହାଟସ୍ଥିତ ଶ୍ରୀ ଅଚ୍ୟୁତ ଇଂଲିଶ ମିଡିୟମ ସ୍କୁଲରେ ପିତୃମାତୃ ସମ୍ମିଳନୀ ଓ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ପରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶଧର ପଣ୍ଡା, ବିଶିଷ୍ଟ ଅତିଥି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ସଚିବ ଓ ଅର୍ଥ ପରାମର୍ଶଦାତା ମନୁନାଥ ସେଠୀ, ସମାଜସେବୀ ଉପେନ୍ଦ୍ରନାଥ ବିଶ୍ୱାଳ, ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଳୁରାମ ଜେନା, ଡ. ରଶ୍ମିରଞ୍ଜନ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପରି ରାମଚନ୍ଦ୍ର ପୁହାଣ ପ୍ରମୁଖ ଯୋଗ ଦେଇ ସ୍କୁଲରେ ଶିକ୍ଷାଦାନ ସମୟରେ ଶିକ୍ଷକଙ୍କ ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ପିଲାମାନଙ୍କୁ ଜଣେ ଉତମ ଚରିତ୍ରବାନ ମଣିଷ ଗଠନ ଦିଗରେ ପିତାମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ୧୩ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଉତରୀୟ ଓ ମାନପତ୍ର ଦିଆଯାଇ ‘ଗୁରୁଶ୍ରୀ ସେବା ସମ୍ମାନ’ରେ ସମ୍ମାନୀତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ମୁଖପାତ୍ର ‘ବ୍ଲୁମିଂ ବଡ୍‌ଶ’ ଉନ୍ମୋଚନ କରାଯାଇଥିଲା। ପରିଶେଷରେ ବାର୍ଷିକ କ୍ରିଡା, ନୃତ୍ୟ ଗୀତ ଆଦିରେ ପାରିଦର୍ଶୀତା ଲାଭ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱରା ମାନପତ୍ର ପ୍ରଦାନ କରାଯାଇଥିଲା। ସ୍କୁଲର ପରିଚାଳନା କମିଟିର ଉପସଭାପତି ନିରଞ୍ଜନ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀ ଅଚ୍ୟୁତ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟୀ ପୁଷ୍ପଲତା ଜେନା, ଗୀତାଞ୍ଜଳି ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




# ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ବେଧଡ଼କ ଚାଲିଛି ଇଟାଭାଟି

**କାକଟପୁର/ଅସ୍ତରଙ୍ଗ, ୮।୨ (ସଂଚାର ବ୍ୟୁରୋ):** ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ଚାଲିଛି ବେଧଡ଼କ ଇଟା ଭାଟି। ଧୂଆଁରେ ପରିବେଷ ପ୍ରଦୂଷଣ ହେଉଛି। ଗତ କିଛି ବର୍ଷ ହେଲା ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ଅହେତୁକ ବୃଦ୍ଧି ପାଉଛି। ଗ୍ରୀଷ୍ମ ଆରମ୍ଭରୁ ହିଁ ଗରମ ଏବଂ ଗୁଳୁଗୁଳିରେ ଜନଜୀବନକୁ ଅସ୍ତବ୍ୟସ୍ତ ହୋଇଯାଉଛି। ଇଟାଭାଟି ଯୋଗୁ ମୃର୍ତ୍ତିକା କ୍ଷୟ ହେବାରେ ମଧ୍ୟ ଲାଗିଛି। ବିଭିନ୍ନ ପଂଚାୟତ ରେ ବେଆଇନି ଭାବେ ଶତାଧିକ ଇଟା ଭାଟି ଚାଲିଛି। ସେଗୁଡ଼ିକୁ ତୁରନ୍ତ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଛନ୍ତି। ତଥାପି ଏ ଦିଗରେ ପଦକ୍ଷେପ ନିଆଯାଉନି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶପାଇଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଏହାର ଉପକଣ୍ଠରେ ଶତାଧିକ ଇଟାଭାଟି ରହିଛି। ବିଶେଷ କରି ଅସ୍ତରଙ୍ଗ ତହସିଲ୍ ଅଧୀନ ଅସ୍ତରଙ୍ଗ, ମାଳଦା ଛକ, ନଗର, ଆଳସାହି, ବାଲିଡିଆ, ଡେରୁଣିଆ, କୁଣ୍ଡେଶ୍ୱର, ଶିଶୁଅ, ସରିପୁର, ତାଳଦା, ନୂଆଗଡ, ଝାଡ଼ଲିଙ୍ଗ, ପାଟଳଦା, ମାଣ୍ଡୁକି, ଛୁରିଆନା ଆଦି ଗାଁ ନିକଟରେ ମାଳମାଳ ବେଆଇନ ଇଟାଭାଟି ଚାଲିଛି। ଶତାଧିକ ବେଆଇନ ଇଟାଭାଟି ଯୋଗୁ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଇଟାଭାଟି ଥିବା ଅଞ୍ଚଳରେ ତାପମାତ୍ରା ୩୫ ଡିଗ୍ରୀ ଛୁଇଁଲାଣି।

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଫୁ

### ବଢୁଛି ପ୍ରଦୂଷଣ ଓ ଉତ୍ତାପ

### ତହସିଲଦାରଙ୍କ ନୋଟିସକୁ ମାନୁନାହାନ୍ତି ଇଟା ମାଫିଆ



ସରକାରୀ ନିୟମ ଅନୁଯାୟୀ ଜମିର ମାତ୍ର ଏକ ଫୁଟ ତଳକୁ ଖୋଳିବା ପାଇଁ ଜମି ମାଲିକଙ୍କ ଅଧିକାର ରହିଛି। କିନ୍ତୁ ଏଠାରେ ତାହାର ତୀବ୍ର ବ୍ୟତିକ୍ରମ ଦେଖାଦେଇଛି। ମାଲିକମାନେ ରାଜସ୍ୱ ବିଭାଗରୁ ଅନୁମତି ନନେଇ ମନଇଚ୍ଛା ଇଟାଭାଟି ତିଆରି କରୁଛନ୍ତି। ବିଭାଗୀୟ ଅଧିକାରୀ ଜାଣିଶୁଣି ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏହାଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱହାନୀ ହେଉଛି। ଏ ସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀଙ୍କୁ ପଚାରିବାରୁ କହିଛନ୍ତି,ବେଆଇନ ଇଟାଭାଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାୟିତ୍ୱ ରାଜସ୍ୱ ବିଭାଗର। ବିଭାଗ ପକ୍ଷରୁ କେବଳ ପ୍ରଦୂଷଣ ମାତ୍ରା ଯାଞ୍ଚ କରାଯାଏ। ଶତାଧିକ ବେଆଇନ ଇଟାଭାଟି ଗଢ଼ିଉଠିଥିବାରୁ ଅନେକ ସମୟରେ ଯାଞ୍ଚ କରିବା ମଧ୍ୟ ସମ୍ଭବ ହେଉନି। ତେବେ ପରିବେଶ ଏହାଦ୍ୱାରା ପ୍ରଦୂଷିତ ମାତ୍ରା ବଢ଼ିଥିବା ସେ ସ୍ୱୀକାର କରିଛନ୍ତି। କେବେ ରାଜ୍ୱସ ବିଭାଗର ନଜର ପଡୁଛି ତାହା ହିଁ ଅପେକ୍ଷା।

# ବିଧାନସଭା ଘେରିବ ନିଖିଳ ସ୍ୱୟଂ ସହାୟିକା ଗୋଷ୍ଠୀ

**ବାଲିଆପାଳ, ୮।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳା ପରିସର ରେ ଶୁକ୍ରବାର ନିଖିଳ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଦୁଇ ଦଫା ଦାବି ନେଇ ଆସନ୍ତା ବିଧାନସଭା ଅଧିବେଶନରେ ସମୟରେ ବିଧାନସଭା ଘେରାଉ କରିବା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିଆପାଳ ବ୍ଲକର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ପ୍ରତ୍ୟେକ ମହିଳାଙ୍କୁ ଶଶକ୍ତ କରିବା ପାଇଁ ମାସକୁ ୧୦୦୦ ଟଙ୍କା ଭତ୍ତା ଏବଂ ସରକାରଙ୍କ ଗାଇଡ୍ ଲାଇନ ଅନୁସାରେ ଦୁଇ ବର୍ଷକୁ ଥରେ ଇସି ମେମ୍ବରର ପରିବର୍ତ୍ତନ ହେଲେ ସବୁ ମହିଳାମାନେ ଅଗ୍ରାଧିକାର ପାଇବେ। ଉକ୍ତ ଦୁଇ ଦଫା ଦାବି ନେଇ ବିଗତ ଦିନରେ ବିଧାନସଭା ସମ୍ମୁଖରେ ଧାରଣା ପରେ ଉପମୁଖ୍ୟମନ୍ତ୍ରୀ ପ୍ରତିଭା ପରିଡ଼ା ପ୍ରତିଶ୍ରୁତିରେ ବିଚାର କରାଯିବ ବୋଲି କହିଥିଲେ। ମାତ୍ର ଦୁଇ ମାସ ବିତିଯାଇଥିଲେ ମଧ୍ୟ ଏହାର କୌଣସି ସମାଧାନ କରାଯାଇ ନାହିଁ। ଯଦି ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ଫେବୃଆରୀ ୧୪ ତାରିଖରେ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି ସଂଘ ଚେତାବନୀ ଦେଇଛି।

**AFFIDAVIT**

I, Shrisha Das, D/o Amar Narayan Das, Age-19 years, R/o House No.21, Bapuji Nagar, Bhubaneswar-751009, have changed my name to Shirsha Das, Vide Affidavit number 73AA 844834 dated 06.02.2025 before Notary S.C Dash, Bhubaneswar.

# ସୁପର୍ ସଣ୍ଡେର ହାଇପର୍ ମ୍ୟାଚ୍ ପାଇଁ ବାରବାଟୀରେ ଟିମ୍ ଇଣ୍ଡିଆର କଡ଼ା ଅଭ୍ୟାସ







## 'କୋହଲି' ସସ୍‌ପେନ୍ସ ଉପରୁ ହଟିଲା ପରଦା



କଟକ,୮।୨(ସଂଚାର ବ୍ୟୁରୋ): ଆସନ୍ତାକାଲି ବାରବାଟୀ ବ୍ୟାଟଲରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଟକ୍କର ହେବ। ଏହା ପୂର୍ବରୁ ଟିମ୍ ଇଣ୍ଡିଆର ପ୍ରସ୍ତୁତି ନେଇ ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ସୂଚନା ପ୍ରଦାନ କରିଛନ୍ତି। ବିଶେଷକରି ପ୍ରଥମ ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶରେ ସାମିଲ୍ ହୋଇନଥିବା ବିରାଟ କୋହଲିଙ୍କ ପ୍ରସଙ୍ଗରେ ସେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ବାରବାଟୀରେ ବିରାଟଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ୍ କରାଯିବ କି ନାହିଁ, ତାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ସସପେନ୍ସ ଜାରି ରହିଥିବା ବେଳେ ଆଜିର ସାମ୍ବାଦିକ ସମ୍ମିଳନୀରେ କୋଟକ୍ ଏହା ଉପରୁ ପରଦା ହଟାଇଛନ୍ତି। ସେ କହିଛନ୍ତି ଯେ କୋହଲି ଚୂଡ଼ାନ୍ତ ଏକାଦଶରେ ସାମିଲ୍ ହେବା ସକାଶେ ଉପଲବ୍ଧ ହେବେ। କିନ୍ତୁ ମ୍ୟାଚ୍ ପୂର୍ବରୁ ଏନେଇ ସ୍ପଷ୍ଟ ସୂଚନା ଆସିବ। ସେ କହିଛନ୍ତି ଯେ କୋହଲି ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେହିପରି ମହମ୍ମଦ ଶମି ବି ସୁସ୍ଥ ଅଛନ୍ତି। କିନ୍ତୁ ଅନ୍ୟତମ ପେସର୍ ଅର୍ଶଦୀପଙ୍କୁ ସୁଯୋଗ ମିଳିବ କି ନାହିଁ କୋଚ୍ ଓ କ୍ୟାପଟେନ୍ ନିଷ୍ପତ୍ତି ନେବେ। ମ୍ୟାଚ୍‌ଟି ହାଇସ୍କୋରିଂ ହେବ ବୋଲି କୋଟକ୍ ଆଶା କରିଛନ୍ତି। ପାଖାପାଖି ଦୁଇ ଘଣ୍ଟା ଧରି ଟିମ୍ ଇଣ୍ଡିଆର ଖେଳାଳିମାନେ ଅଭ୍ୟାସ କରିଥିବା ବେଳେ ଇଂଲଣ୍ଡ ଟିମ୍‌ର ଖେଳାଳିମାନେ ଅଭ୍ୟାସଠାରୁ ଦୂରେଇ ରହିବାକୁ ଉଚିତ ମଣିଥିଲେ। ସେହିପରି ଆସନ୍ତାକାଲିର ମ୍ୟାଚ୍‌କୁ ହାଇସ୍କୋରିଂ କରିବା ସକାଶେ ସ୍ୱତନ୍ତ୍ର ପଦକ୍ଷେପ ନେଇଛି ଓସିଏ। ପ୍ରଥମ ଥର ପାଇଁ କଳାହାଣ୍ଡିରୁ ଆସିଥିବା କଳାମାଟିକୁ ପିଚରେ ବ୍ୟବହାର କରାଯାଇଛି। ଏଥିସହ ମୁମ୍ବାଇରୁ ଆସିଥିବା ନାଲିମାଟିରେ ବି ତିଆରି କରାଯାଇଛି ଆଉ ଏକ ପିଚ୍। ଅଷ୍ଟ୍ରେଲିଆରୁ ସାର ବି ଆସିଥିଲା।

# ଯାଜପୁରରେ ହଜାରେ କୋଟି ପ୍ରକଳ୍ପର ଶୁଭାରମ୍ଭ

- ଯାଜପୁର ମହୋତ୍ସବ 'ଯଯାତୀ' ଉଦଘାଟିତ
- ୫୦ କୋଟି ଟଙ୍କାରେ ମା' ବିରଜା ମନ୍ଦିରର ଉନ୍ନତିକରଣ
- ବଦଳିଲା ଯାଜପୁର ମେଡ଼ିକାଲ କଲେଜର ନାଁ
- ଓଡିଶାର ଶିଳ୍ପାୟନରେ ଯାଜପୁର ହେବ ଅଗ୍ରଣୀ ନାୟକ



ଭୁବନେଶ୍ୱରର,୮।୨(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଜିଲ୍ଲା ମହୋତ୍ସବ 'ଯଯାତି -୨୦୨୫' ର ଉଦଘାଟନ କରି ପ୍ରାୟ ଏକ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯାଜପୁର ହେଉଛି ସୁଯୋଗ ଓ ସମ୍ଭାବନାର ଏକ ସୁବର୍ଣ୍ଣକ୍ଷେତ୍ର। ଯାଜପୁରରେ ଆଜି ସମୁଦାୟ ୮୨୯ କୋଟି ୭୬ ଲକ୍ଷ ଟଙ୍କାର ୮୩ ଟି ପ୍ରକଳ୍ପ ଉଦଘାଟିତ ହୋଇଥିବା ବେଳେ, ୧୭୦ କୋଟି ଟଙ୍କାର ୭୭ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳ ସମ୍ପଦ, ବିଦ୍ୟୁତ ପରିବହନ, ସଡକ, ସେତୁ, କେନାଲ ଆଦି ଭିତ୍ତିଭୂମି ଓ ପର୍ଯ୍ୟଟନ ପ୍ରକଳ୍ପ ରହିଛି। ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ବ୍ୟାସ ନଗରରେ ପ୍ରାୟ ୭୮ କୋଟି ଟଙ୍କାର ବ୍ୟାସ ନଗରଠାରେ ବ୍ୟାସ ସରୋବର ଓ ଟାଉନ ହଲ ଉଦଘାଟିତ ହୋଇଛି। ଯାଜପୁରରେ ଏକ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ରଖା ଯାଇଛି। ଯାଜପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ ଖୋଲାଯାଇଛି। ଆଜି ଏହାର ଉଦଘାଟନ ମଧ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଏହାର ନାମ ପରିବର୍ତ୍ତନ କରାଯାଇଛି। ଏହାକୁ 'ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ' ଭାବରେ ନାମିତ କରାଯାଇଛି। ଏହା ଦ୍ୱାରା ମହାରାଜା ଯଯାତି କେଶରୀଙ୍କ ଗୌରବମୟ କୀର୍ତ୍ତିକୁ ପ୍ରକୃତ ସମ୍ମାନ ଦିଆଯାଇପାରିବ ବୋଲି ସେ କହିଛନ୍ତି। ଏଥିରେ ପ୍ରଥମ ବର୍ଷ ପାଇଁ ୫୦ଟି ସିଟ୍ ମିଳିଛି। ଆସନ୍ତା ଶିକ୍ଷା ବର୍ଷଠାରୁ ଏହି ମେଡିକାଲ କଲେଜର ସିଟ୍ ସଂଖ୍ୟା ୧୦୦କୁ ବୃଦ୍ଧି କରିବା ପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ସବୁ ଆବଶ୍ୟକ ଭିତ୍ତିଭୂମିର ବିକାଶ ମଧ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ୫୦୭ କୋଟି ଟଙ୍କାର ୩୬ଟି ପ୍ରକଳ୍ପର ଉଦଘାଟନ କରାଯାଇଥିବା ବେଳେ, ୪୧ କୋଟି ଟଙ୍କାର ୫୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ମଧ ସ୍ଥାପନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯାଜପୁର ଜିଲ୍ଲା ପାଇଁ ଅନେକ ନୂତନ ପ୍ରକଳ୍ପ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମା' ବିରଜାଙ୍କ ପ୍ରସିଦ୍ଧ ମନ୍ଦିରର ଉନ୍ନତିକରଣ କରାଯିବ। ଏଥିରେ ବଗଳାମୁଖୀ ମନ୍ଦିର, ଶିବ ମନ୍ଦିର ଓ ବ୍ରହ୍ମକୁଣ୍ଡର ଉନ୍ନତି ଓ ସୌନ୍ଦର୍ଯ୍ୟ କରଣ କରାଯିବ। ଏଥିପାଇଁ ୫୦କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସେ କହିଥିଲେ। ପୂର୍ବରୁ ଅନୁମୋଦନ ହୋଇଥିବା ୧୨ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଉଚଜ ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ମା'ଙ୍କ ମନ୍ଦିର ପାଇଁ ଥିବା ଧର୍ମଶାଳାକୁ ଆହୁରି ଅଧିକ ଭକ୍ତଙ୍କ ରହିବା ପାଇଁ ଏହାର ସମ୍ପ୍ରସାରଣ କରାଯିବ। ଏଥିପାଇଁ ୧୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ନାଭିଗୟା ଠାରେ ଥିବା ବିରଜା ଅଗ୍ନେଶ୍ୱର ହାଟର ମଧ ଉନ୍ନତି କରଣ କରାଯିବ। ୨୧ କୋଟି ୪୩ ଲକ୍ଷ ବିନିଯୋଗରେ ଏକ ସୁନ୍ଦର ଆଧୁନିକ ହାଟର ନିର୍ମାଣ କରାଯିବ। ୩୦ କୋଟି ଟଙ୍କା ବ୍ୟୟରେ ଯାଜପୁରରେ ଏକ ନୂଆ ବସ୍ ଟର୍ମିନାଲ୍ ମଧ ନିର୍ମାଣ କରାଯିବ ବୋଲି ସେ ଘୋଷଣା କରିଥିଲେ।

## ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ମୋହନ ଚରଣ ମାଝୀ ଲଗାତାର ଭାବେ ରାଜ୍ୟ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି କରିଆସୁଛନ୍ତି। ଏହାଦ୍ୱାରା ରାଜ୍ୟର କୋଣ ଅନୁକୋଣରୁ ଆସୁଥିବା ଅଭିଯୋଗକାରୀଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ଅବଗତ ହେବା ସହ ୮୦ ପ୍ରତିଶତରୁ ଅଧିକ ସମସ୍ୟାର ତ୍ୱରିତ ସମାଧାନ ହୋଇପାରିଛି। ଏପରିକି ଗତ ସୋମବାର ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଦୁଇ ଜଣଙ୍କୁ ତ୍ୱରିତ ସେବା ଯୋଗାଇ ଦିଆଯାଇଥିଲା, ଯାହା ଅଭିଯୋଗକାରୀଙ୍କ ଆସ୍ଥାକୁ ବହୁଗୁଣିତ କରିଛି। ତେବେ ଆସନ୍ତା ସୋମବାର ଅର୍ଥାତ୍ ୧୦ ତାରିଖରେ ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ ବୋଲି ଜଣାପଡ଼ିଛି।

## ଦୁର୍ଘଟଣାରେ ମାମୁ-ଭଣଜା ମୃତ



କଟକ,୮।୨(ସଂଚାର ବ୍ୟୁରୋ): ଦୁର୍ଘଟଣା ନେଲା ମାମୁ -ଭଣଜାଙ୍କ ଜୀବନ । ଜଗତପୁର ଶିଖରପୁରକୁ ସଂଯୋଗ କରୁଥିବା ମହାନଦୀ ବ୍ରିଜ ଉପରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଭାଇ ଭଉଣୀ ଓ ପାଞ୍ଚ ବର୍ଷର ପୁଅ ବାଇକରେ ଯାଉଥିବାବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା । ଦୁର୍ଘଟଣାରେ ମାମୁ -ଭଣଜାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଭାଇ ଓ ପାଞ୍ଚ ବର୍ଷର ପୁଅ ହରାଇ ମାଆ ପାଗେଳି ପ୍ରାୟ ହୋଇଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

# ନୂଆପିଢ଼ି ପାଖରେ ପହଞ୍ଚିବ ଅକୁହା କାହାଣୀ



- ୪୧ ପୁସ୍ତକର ଉନ୍ମୋଚନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ବିଶ୍ୱ ପୁସ୍ତକ ମେଳାରେ ପ୍ରଦର୍ଶନୀ ହଲ୍ ବୁଲିଲେ
- ଏନବିଟିକୁ ଅଭିନନ୍ଦନ ଜଣାଇଲେ

ନୂଆଦିଲ୍ଲୀ/ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା-୨୦୨୫ରେ ପିଏମ୍ ଯୁବା ୨.୦ ଯୋଜନାରେ ୪୧ଟି ନୂଆ ପୁସ୍ତକ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ପୁସ୍ତକ ହୋଇଥିବା ପୁସ୍ତକର ୪୧ ଜଣ ଯୁବ ଲେଖକଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ରଚନା ଓ ସୃଜନଶୀଳତା ସାହିତ୍ୟ ଦୃଶ୍ୟପଟ୍ଟକୁ ସମୃଦ୍ଧ କରିବା ସହ ବୌଦ୍ଧିକ ଆଲୋଚନାକୁ ଏକ ନୂଆ ଦିଗ ପ୍ରଦାନ କରିବ ବୋଲି କହିଥିଲେ। ଶ୍ରୀ ପ୍ରଧାନ ଏହି ସର୍ବବୃହତ ପୁସ୍ତକ ମେଳାରେ 'ଦି ସାଗା ଅଫ୍ କୁଦୋପାଲି: ଦ ଅନସଙ୍ଗ୍ ଷ୍ଟୋରି ଅଫ୍ ୧୮୫୭'ର ହିନ୍ଦୀ ସଂସ୍କରଣ ଉନ୍ମୋଚନ କରିଥିଲେ। ଏ ନେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋର ରୁଚି ସମ୍ବନ୍ଧୀୟ ସମ୍ବଲପୁର କୁଦୋପାଲି ଉପରେ ଲିଖିତ ଇତିହାସ ପୁସ୍ତକର ହିନ୍ଦୀ ସଂସ୍କରଣ ଉନ୍ମୋଚିତ ହେବା ଖୁସିର ବିଷୟ। ଏହା ପୂର୍ବରୁ ପୁସ୍ତକର ଓଡ଼ିଆ ଏବଂ ଇଂରାଜୀ ସଂସ୍କରଣ ଉନ୍ମୋଚିତ ହୋଇସାରିଛି। ୧୮୫୭ ମସିହା ଡିସେମ୍ବର ୩୦ରେ ସମ୍ବଲପୁରର କୁଦୋପାଲି ଘାଟିରେ ବ୍ରିଟିଶମାନଙ୍କ ସହ ଅଦମ୍ୟ ସାହସର ସହ ଲଢି ୫୩ ସହଯୋଗୀ ସଂଗ୍ରାମୀ ସହିଦ ହୋଇଥିଲେ ଓ ପରେ ୪ ଜଣଙ୍କୁ ଦଣ୍ଡାଦେଶ ଦିଆଯାଇଥିଲା। ଏହା ଉପରେ ହିନ୍ଦୀ ଭାଷାରେ ପୁସ୍ତକ ଉନ୍ମୋଚିତ ହେବା ଦ୍ୱାରା କୁଦୋପାଲିର ଅକୁହା ଓ ଅଛପା କାହାଣୀ ଅଧିକରୁ ଅଧିକ ନୂଆପିଢ଼ି ପାଖରେ ପହଞ୍ଚିବ। ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇତିହାସ ପୃଷ୍ଠାରେ ଅନାଲୋଚିତ ସଂଗ୍ରାମୀମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ସେହି କ୍ରମରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଖୁବଶୀଘ୍ର ଏହି ପୁସ୍ତକ ୧୨ଟି ଭାରତୀୟ ଏବଂ ଦୁଇଟି ବିଦେଶୀ ଭାଷାରେ ଉପଲବ୍ଧ ହେବ ବୋଲି ସେ କହିଥିଲେ। ଏହି ଅବସରରେ ପୁସ୍ତକ ଓ ସାହିତ୍ୟକୁ ଭାରତୀୟ ଭାଷାରେ ଉପଲବ୍ଧ କରାଇବାରେ ଜାତୀୟ ପୁସ୍ତକ ଟ୍ରଷ୍ଟ (ଏନବିଟି)ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ। ଏଥିସହ କେନ୍ଦ୍ର ମନ୍ତ୍ରୀ ଚତୁର୍ଦ୍ଦଶ ଶତାବ୍ଦୀର ଗଣିତଜ୍ଞ ତଥା ଜ୍ୟୋତିର୍ବିଜ୍ଞାନୀ ଶ୍ରୀ ମାଧବଙ୍କ କୃତିର ମାଲାୟାଲମ ଅନୁବାଦ ମଧ ଉନ୍ମୋଚନ କରିଥିଲେ। ଏହାବ୍ୟତୀତ ବିଶ୍ୱ ପୁସ୍ତକ ମେଳା-୨୦୨୫ରେ ଆୟୋଜିତ ପ୍ରଦର୍ଶନୀ ହଲ୍ ପରିଦର୍ଶନ କରିବା ସହ ବିଶ୍ୱର ଅନ୍ୟତମ ବୃହତ୍ତମ ପୁସ୍ତକ ମେଳା ଆୟୋଜନ କରିଥିବାରୁ ଏନବିଟିକୁ ଅଭିନନ୍ଦନ ଜଣାଇଥିଲେ । ଏହାକୁ ସାହିତ୍ୟ, ଭାଷା, ଜ୍ଞାନ, ଲୋକ ଓ ସଂସ୍କୃତିର 'ଜ୍ଞାନ-କୁମ୍ଭ' ବୋଲି ଅଭିହିତ କରିଥିଲେ। କାର୍ଯ୍ୟକ୍ରମରେ ତ୍ରିପୁରା ରାଜ୍ୟପାଳ ଇନ୍ଦ୍ରସେନା ରେଡ୍ଡୀ ନାଲ୍ଲୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## 'ଦଣ୍ଡା ବାଲୁଙ୍ଗା' ଗୁରୁତର

### ମେଦାନ୍ତକୁ କରାଗଲା ଏୟାରଲିଫ୍ଟ



ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ): ଓଡ଼ିଆ ସୁପରଷ୍ଟାର ଉତ୍ତମ ମହାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିବା ବେଳେ ତାଙ୍କୁ ଗୁର୍‌ଗାଓଁସ୍ଥିତ ମେଦାନ୍ତ ହସ୍ପିଟାଲ୍‌କୁ ଗ୍ରୀନ୍ କରିଡର୍ ମାଧ୍ୟମରେ ଏୟାରଲିଫ୍ଟ କରାଯାଇଥିବା ଜଣାପଡ଼ିଛି। ଏହି ବରିଷ୍ଠ ଅଭିନେତା ଜଣଙ୍କ ଲିଭର ସିରୋସିସରେ ରୋଗରେ ପୀଡ଼ିତ ଅଛନ୍ତି। ଶ୍ରୀ ମହାନ୍ତିଙ୍କୁ ତିନି ଦିନ ତଳେ ପ୍ରଥମେ ସ୍ଥାନୀୟ କିମ୍ସ ହସ୍ପିଟାଲରେ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ କିମ୍ସ କ୍ୟାନସର ହସ୍ପିଟାଲ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ମନୋଜ ସାହୁ ସୂଚନା ଦେଇ କହିଛନ୍ତି ଯେ ୩ ଦିନ ତଳୁ ସେ କିମ୍ସରେ ଆଡମିଶନ ହୋଇଛନ୍ତି। ଲିଭର ସିରୋସିସରେ ରୋଗରେ ପୀଡ଼ିତ ଥିବା ଶ୍ରୀ ମହାନ୍ତି ଗତକାଲିଠାରୁ ଭେଣ୍ଟିଲେଟର ସପୋର୍ଟରେ ଥିଲେ। ଅଧିକ ଚିକିତ୍ସା ଲାଗି ପରିବାର ଲୋକେ ଅନ୍ୟ ହସ୍ପିଟାଲକୁ ନେବାକୁ ଚାହୁଁଛନ୍ତି। ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ତାଙ୍କୁ ଏବେ ଅନ୍ୟ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇପାରିବ। ଏୟାରଲିଫ୍ଟ କରାଯାଇଥିବା ନେଇ ବଲିଉଡ୍ ତାରକା ତଥା ଶ୍ରୀ ମହାନ୍ତିଙ୍କ ପୁଅ ବାବୁସାନ୍ ସୂଚନା ଦେଇଛନ୍ତି। ଶ୍ରୀ ମହାନ୍ତିଙ୍କ ସହ ବାବୁସାନ୍ ଓ ପତ୍ନୀ ମଧ ଗୁର୍‌ଗାଓଁ ଯାଇଛନ୍ତି। ଅନ୍ୟପକ୍ଷରେ ବଲିଉଡ୍ ସହ ଜଡ଼ିତ ବ୍ୟକ୍ତିବିଶେଷମାନେ ଏହି ପୂର୍ବତନ ସୁପର୍‌ଷ୍ଟାର୍‌ଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୂଚନାଯୋଗ୍ୟ ଯେ ଉତ୍ତମ ମୟୂରଭଞ୍ଜ ଜିଲ୍ଲାର ବାରିପଦାଠାରେ ଜନ୍ମ ଗ୍ରହଣ କରିଥିବାବେଳେ ଅଦ୍ୟାବଧି ୧୩୫ଟି ଓଡ଼ିଆ, ୩୦ଟି ବଙ୍ଗଳା ଓ ଗୋଟିଏ ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି। ୧୯୭୭ ମସିହାରେ ସେ ଅଭିମାନ ସିନେମାରେ ଅଭିନୟ କରିବା ପରେ ୩ ବର୍ଷ ଯାଏ ଆଉ ବଡ଼ ପରଦାରେ ନଜର ଆସି ନଥିଲେ। କିନ୍ତୁ ପରେ ୧୯୮୦ରେ ରାମାୟଣ, ୧୯୮୨ରେ ଫୁଲଚନ୍ଦନ ଓ ୧୯୮୩ରେ ସୀତା ପରି ଝିଅଟିଏ ସିନେମା ସୁପର ହିଟ ହୋଇଥିଲା । ସହରୀ ବାଘ, ପୂଜାଫୁଲ, ସୁହାଗ ସିନ୍ଦୁର, ଜୋର ଯାର ମୂଲକ ତା'ର, ଏଇ ଆମ ସଂସାର, କପାଳ ଲିଖନ, ସମୟ ବଡ଼ ବଳବାନ, ଦଣ୍ଡା ବାଲୁଙ୍ଗା ଭଳି ସୁପର ହିଟ ସିନେମା ଉତ୍ତମଙ୍କୁ ଘରେ ଘରେ ପରିଚିତ କରାଇଥିଲା।

## ଲୋଡିଂ ଏଜେନ୍ସିର ଦୁଇ ଅଧିକାରୀ ଗିରଫ




ଭୁବନେଶ୍ୱର,୮।୨(ସଂଚାର ବ୍ୟୁରୋ): କେନ୍ଦୁଝରର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋଅପରେଟିଭ୍ ସୋସାଇଟି ଉପରେ ଅର୍ଥନୈତିକ ଅପରାଧ ୟୁନିଟ୍ (ଇଓଡବ୍ଲ୍ୟୁ) ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ ହୋଇଥିବା ବେଳେ କୋଟି କୋଟି ଟଙ୍କାର ହେରଫେର ଅଭିଯୋଗ ନେଇ ସୋସାଇଟିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶଙ୍କୁ ଗିରଫ କରାଯାଇଛି। ଗତକାଲି ରାତିରେ କେନ୍ଦୁଝରରୁ ଏମାନଙ୍କୁ ଇଓଡବ୍ଲ୍ୟୁର ଅଧିକାରୀମାନେ ଉଠାଇ ନେଇଥିବା ବେଳେ ଆଜି ସେମାନଙ୍କୁ ଗିରଫ ପରେ ବାଲେଶ୍ୱର କୋର୍ଟକୁ ଚାଲାଣ କରିଥିବା ଜଣାପଡ଼ିଛି।

# ତାଲିମ୍ ସତ୍ତ୍ୱେ ନିଯୁକ୍ତି ପାଇନାହାନ୍ତି ଓଏଏସ୍ ଅଫିସର

## କେତେକ ସ୍ଥାନରେ ବିନା କାମରେ ଦିଆଯାଉଛି ବେତନ

ଭୁବନେଶ୍ୱର,୮।୨: ୪୦ରୁ ଅଧିକ ନବନିଯୁକ୍ତ ଓଡିଶା ପ୍ରଶାସନିକ ସେବା ଅଧିକାରୀଙ୍କ ତାଲିମ ଶେଷ ହୋଇଥିଲେହେଁ ସେମାନଙ୍କୁ କୌଣସି ପଦପଦବୀରେ ନିଯୁକ୍ତି ଦିଆଯାଇନାହିଁ। ତେଣୁ ତାଲିମ୍ ପରେ ବି ଗତ ୨୦ ଦିନ ଧରି ଏହି ଅଫିସରମାନେ ବିଭିନ୍ନ ଜିଲ୍ଲାରେ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି।

ଉଲ୍ଲେଖନୀୟ ଯେ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ଚୟନ କରାଯାଉଥିବା ଓଏଏସ୍ ଅଫିସରମାନଙ୍କୁ ପ୍ରଥମେ ବିଭିନ୍ନ ଜିଲ୍ଲାକୁ ତାଲିମ ପାଇଁ ପଠାଯାଇଥାଏ। ଜିଲ୍ଲା ସ୍ତରରେ ବିଭିନ୍ନ ଦପ୍ତରରେ ତାଲିମ ନେବା ସହ ସେମାନେ ଭୁବନେଶ୍ୱରସ୍ଥିତ ରେଭେନ୍ୟୁ ଅଫିସର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ (ରୋଟି) ଓ ଗୋପବନ୍ଧୁ ପ୍ରଶାସନିକ ସଂସ୍ଥାନରେ ତାଲିମ ନେଇଥାନ୍ତି। ଏହାଛଡ଼ା ନବନିଯୁକ୍ତ ଓଏଏସ୍ ଅଧିକରୀମାନଙ୍କୁ ରାଜ୍ୟ ବାହାରକୁ ମଧ୍ୟ ତାଲିମ ପାଇଁ ପଠାଯାଇଥାଏ।

ତାଲିମ କାର୍ଯ୍ୟକ୍ରମ ଶେଷ ହେବା ପରେ ଏହି ଅଧିକାରୀମାନଙ୍କର ବିଭାଗୀୟ ଲିଖିତ ଓ ମୌଖିକ ପରୀକ୍ଷା କରାଯାଇଥାଏ। ତାଲିମ କାର୍ଯ୍ୟକ୍ରମ ଶେଷ ହେବା ପୂର୍ବରୁ କାଉନସେଲିଂ ମାଧ୍ୟମରେ ଓଏଏସ୍ ଅଧିକାରୀମାନଙ୍କୁ ବିଭିନ୍ନ ସ୍ଥାନରେ ନିଯୁକ୍ତି ଦିଆଯାଇଥାଏ। ୨୦୨୧ ବ୍ୟାଚ୍‌ର ଏହି ଓଏଏସ୍ ଅଧିକାରୀମାନଙ୍କୁ ମହାରାଷ୍ଟ୍ର, ଦିଲ୍ଲୀ, ରାଜସ୍ଥାନ ଆଦି ରାଜ୍ୟକୁ ତାଲିମ ପାଇଁ ପଠାଯିବା ସହ ରାଜ୍ୟର ବିଭିନ୍ନ ସ୍ଥାନକୁ ବି ଏହି ଉଦ୍ଦେଶ୍ୟରେ ନିଆଯାଇଥିଲା। ଏଥିସହିତ ବିଭିନ୍ନ ଜିଲ୍ଲାର ଗ୍ରାମାଞ୍ଚଳରେ ଏମାନଙ୍କୁ ମଧ୍ୟ ୧୦/୧୫ ଦିନ ଲେଖାଁଏ ରହିବାର ସୁଯୋଗ ଦେଇ ସାଧାରଣ ଲୋକଙ୍କ ସମସ୍ୟାର ପ୍ରତ୍ୟକ୍ଷ ଅନୁଭୂତି ଅର୍ଜନ କରିବାକୁ ସୁଯୋଗ ଦିଆଯାଇଥିଲା।

ତାଲିମ ସମୟରେ ଏହି ଓଏଏସ୍ ଅଧିକାରୀମାନେ ପୂରା ଦରମା ପାଇଥାନ୍ତି। ତାଲିମ ଶେଷ ହେବା ପରେ ପରେ ସେମାନଙ୍କୁ ବିଭିନ୍ନ ପଦବୀରେ ଅବସ୍ଥାପିତ କରାଯାଇଥାଏ। କିନ୍ତୁ ୨୦୨୧ ବ୍ୟାଚ୍‌ର ଏହି ଅଧିକାରୀମାନେ ବିଭିନ୍ନ ଜିଲ୍ଲାପାଳଙ୍କ ଅଧୀନରେ କ୍ଷେତ୍ର ଦପ୍ତରଗୁଡ଼ିକରେ ତାଲିମ ନେବା ପରେ ଭୁବନେଶ୍ୱରକୁ ଆସିଥିଲେ। ରାଜଧାନୀରେ ପ୍ରାୟ ୬ ମାସର ତାଲିମ ପରେ ସେମାନେ ନୂଆ କର୍ମକ୍ଷେତ୍ରରେ ନିଯୁକ୍ତି ପାଇବା କଥା। କିନ୍ତୁ ଗତ ମାସରେ ଏମାନଙ୍କର ତାଲିମ ସରିଥିଲେ ମଧ୍ୟ ଏଯାବତ୍ ନିଯୁକ୍ତି ଦିଆଯାଇ ନ ଥିବାରୁ ସେମାନେ ପୁଣି ଯାଇ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଜଏନିଂ ରିପୋର୍ଟ ଦାଖଲ କରିଛନ୍ତି।

କେତେକଜିଲ୍ଲାପାଳଏହିଅଧିକାରୀମାନଙ୍କୁବିଭିନ୍ନ ଦପ୍ତରରେ ଅତିରିକ୍ତ ଦାୟିତ୍ୱରେ ରଖିଥିବାବେଳେ ଏ ସଂକ୍ରାନ୍ତରେ କିନ୍ତୁ ରାଜ୍ୟପାଳଙ୍କ ଆଦେଶକ୍ରମେ ବିଧିବଦ୍ଧ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଯେଉଁ ଜିଲ୍ଲାଗୁଡିକରେ ଏହି ଅଧିକାରୀମାନଙ୍କୁ କାମ ମିଳୁନାହିଁ, ସେମାନେ ବିନା କାମରେ ବେତନ ପାଉଛନ୍ତି। କେତେକ ଅଧିକାରୀ କାମ ନ ଥିବାରୁ ନିଜ ନିଜ ଘରକୁ ମଧ୍ୟ ଚାଲିଯାଉଥିବା ଦେଖାଯାଇଛି। ଉଲ୍ଲେଖନୀୟ ଯେ ଜିଲ୍ଲାସ୍ତରୀୟ ତାଲିମ ଶେଷ ପରେ ତୁରନ୍ତ ଏହି ଅଧିକାରୀମାନଙ୍କୁ ରୋଟି ଓ ଗୋପବନ୍ଧୁ ଏକାଡେମୀରେ ତାଲିମ ଦିଆଯାଇନଥିବାରୁ ସେମାନେ ବି କିଛି ମାସ ବିନା କାମରେ ଆଗରୁ ବେତନ ପାଇଥିଲେ। ଗୋଟିଏ ପଟେ ରାଜ୍ୟ ସରକାରଙ୍କ ବିଭିନ୍ନ ଦପ୍ତରରେ ବହୁ ସଂଖ୍ୟକ ଅଧିକାରୀ ପଦବୀ ଖାଲି ପଡ଼ିଥିବାବେଳେ ଅନ୍ୟପଟେ ନବନିଯୁକ୍ତି ଅଧିକାରୀମାନଙ୍କୁ ତାଲିମ ପରେ ତୁରନ୍ତ ପୋଷ୍ଟିଂ ଦିଆଯାଉ ନଥିବାରୁ ସରକାରୀ ଅର୍ଥ ଖର୍ଚ୍ଚ ହେଉଥିଲେ ମଧ୍ୟ ସେମାନଙ୍କଠାରୁ ସରକାର ଆବଶ୍ୟକୀୟ ସେବା ଆଦାୟ କରିପାରୁନାହାନ୍ତି। (ତଥ୍ୟ)

## ଘର ଭିତରୁ ମିଳିଲା ମହିଳାଙ୍କ ମୃତଦେହ



ଉଦଳା,୮।୨(ସଂଚାର ବ୍ୟୁରୋ): ପୁଅ କ୍ରମାଗତ ଭାବେ ଫୋନ୍ କରୁଥିଲେ ମଧ ମା'ଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବା ଜାଣିବାକୁ ପାଇଥିଲେ। ମନ ଭିତରେ ଅଜଣା ଆଶଙ୍କା ପ୍ରକାଶ ପାଇଚାଲିଥିବା ବେଳେ ସେ ଘରକୁ ଆସି ତାଙ୍କ ମା'ଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଏଭଳି ଏକ ଦୁଃଖଦ ଘଟଣା ଉଦଳାର ଶରତ ଥାନା ଅନ୍ତର୍ଗତ ଲାବଣ୍ୟଦେଇପୁର ପଞ୍ଚାୟତର ଗଣ୍ଡସାହି ଗ୍ରାମରେ ଘଟିଛି। ମୃତ ତୁମି ମାଝୀଙ୍କ ବଡ଼ ପୁଅ ବରଜୁ ହୋଇଥିବା ବେଳେ ତାଙ୍କ ସାନ ପୁଅ ମଙ୍ଗଳ ଆଶ୍ରମ ସ୍କୁଲରେ ପାଠ ପଢ଼ନ୍ତି। ସେହିପରି ବରଜୁ ଗୁଜୁରାଟରେ କାମ କରନ୍ତି। ତେବେ ତାଙ୍କ ମା' ଫୋନ୍ ନ ଉଠାଇବାରୁ ବରଜୁ ଘରକୁ ଆସିଥିଲେ। ଆଉ ଘରକୁ ଆସି ଯାହା ଦେଖିଲେ ତାଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ଘରର କବାଟ ଭଙ୍ଗାଯାଇଥିବା ବେଳେ ତଳେ ମା'ଙ୍କ ମୃତଦେହ ପଡ଼ିଥିବା ବରଜୁ ଦେଖିବାକୁ ପାଇଥିଲେ। ତୁରନ୍ତ ସେ ପଡ଼ିଶା ଲୋକଙ୍କୁ ଡାକିବା ପରେ ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହାକୁ ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଥିବା ବେଳେ ପୁଲିସ୍ ବିଭିନ୍ନ ଦିଗରୁ ତଦନ୍ତ କରି ରହସ୍ୟ ଉନ୍ମୋଚନ କରିବା ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପକ୍ଷରେ ପୁଲିସ୍ ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇଛି। ତେବେ ମା'ଙ୍କ ମୃତ୍ୟୁ ପରେ ଦୁଇ ପିଲା ମା' ଛେଉଣ୍ଡ ହୋଇଯାଇଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଶୋକପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଟେନସନ ବଢ଼ାଇ ଚାଲିଛି ସୁନା ଦର। ୧୦ ଦିନ ହେଲା ହୁ ହୁ ହୋଇ ବଢୁଛି ରେଟ। ବିବାହ ଋତୁ ଚାଲିଥିବା ବେଳେ ସୁନା ଦରରେ ଅହେତୁକ ବୃଦ୍ଧି ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କେନ୍ଦ୍ର ସରକାର ବଜେଟ୍ ଘୋଷଣା କରିବା ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା, ମେକ୍ସିକୋ ଓ ଚୀନ୍ ଉପରେ ଶୁଳ୍କ ଲଗାଇବା ପରଠାରୁ ସୁନା ଦରରେ ନିଆଁ ଲାଗିଛି। ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ରେକର୍ଡ ୮୬ହଜାର ୬୭୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯ ହଜାର ୪୫୦ଟଙ୍କା ଛୁଇଁଛି। ଇଣ୍ଟରନ୍ୟାସନାଲ ମାର୍କେଟରେ ଦରବୃଦ୍ଧି ଓଡ଼ିଶା ମାର୍କେଟରେ ପ୍ରଭାବ ପଡିଛି। ଏଭଳି ଦରବୃଦ୍ଧି ହେଲେ ଖୁବଶୀଘ୍ର ସୁନା ଦର ୧ଲକ୍ଷ ଛୁଇଁବ ବୋଲି ଆଶଙ୍କା କରୁଛନ୍ତି ବ୍ୟବସାୟୀ। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୯, ୪୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୬ ,୬୭୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୪୫୦ ଟଙ୍କା ଓ ୮୬,୬୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୬୦୦ ଟଙ୍କା ଓ ୮୬, ୮୨୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୪୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୬୭୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୪୫୦ ଟଙ୍କା ଓ ୮୬,୬୭୦ ଟଙ୍କା ରହିଛି। ସେହିପରି ରୁପା ୯୬, ୫୦୦ ଟଙ୍କାରେ ପହଞ୍ଚିଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୧ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ମହଙ୍ଗା ହେଲା କେଟିଏମ୍ ୨୫୦ ଆଡଭେଞ୍ଚର

**ନୂଆଦିଲ୍ଲୀ, ୮।୨:** କେଟିଏମ୍ ୨୫୦ ଆଡଭେଞ୍ଚରର ନୂଆ ମଡେଲ୍ ଭାରତୀୟ ବଜାରରେ ଲଞ୍ଚ ହୋଇଛି। ଏହି କେଟିଏମ୍ ବାଇକର ନୂଆ ଫିଚର୍ସ ଆଡ୍ କରିବା ସହିତ, ଏହି ମୋଟରସାଇକଲର ମୂଲ୍ୟ ମଧ ବଢ଼ାଯାଇଛି। ୨୫୦ ଆଡଭେଞ୍ଚରର ନୂଆ ମଡେଲର ପ୍ରାଇସ୍ ୧୨ ହଜାର ଟଙ୍କା ବଢ଼ିଛି। ବାଇକର ପ୍ରାଇସ୍ ବଢ଼ିବାର କାରଣ ହେଉଛି କେବଳ ଫିଚର୍ସ ଅପଡେଟ୍ ପାଇଁ ନୁହେଁ ବରଂ କମ୍ପାନୀ ଏହି ମୋଟରସାଇକେଲର ଇଞ୍ଜିନରେ ମଧ ପରିବର୍ତ୍ତନ କରିଛି। କେଟିଏମ୍ ୨୫୦ ଆଡଭେଞ୍ଚର ର ନୂଆ ମଡେଲରେ ୨୫୦ ଡିଉକ୍‌ରେ ଲାଟେଷ୍ଟ ଇଞ୍ଜିନ୍ ବ୍ୟବହାର କରାଯାଇଛି। ଏହି ସିଙ୍ଗଲ-ସିଲିଣ୍ଡର, ଲିକ୍ୱିଡ୍-କୁଲ୍ଡ, ୨୫୦ CC ଇଞ୍ଜିନ୍ ରହିଛି। ବାଇକରେ ଥିବା ଏହି ନୂଆ ଇଞ୍ଜିନ୍ ୩୧ଏଚପିର ପାୱାର ମିଳିଥାଏ ଏବଂ ୨୫ ଏନଏମର ଟର୍କ ଜେନେରେଟ୍ ହୋଇଥାଏ। ଏହାର ବଡ଼ ବାଇକ୍ ୩୯୦ ଆଡଭେଞ୍ଚର ପରି ଏକ ସ୍ପ୍ଲିଟ୍ ଟ୍ରେଲିସ୍ ଫ୍ରେମ୍ ବ୍ୟବହାର କରାଯାଇଛି, କିନ୍ତୁ ଏଥିରେ ଆଲୁମିନିୟମ ସବଫ୍ରେମ୍ ନାହିଁ।କେଟିଏମ୍ ର ଏହି



ନୂଆ ମଡେଲରେ ୧୯-ଇଞ୍ଚର ଫ୍ରଣ୍ଟ ଏବଂ ୧୭ ଇଞ୍ଚର ରିୟର ହୁଇଲର ବ୍ୟବହାର କରାଯାଇଛି। ଏହି ମୋଟରସାଇକେଲରେ ସମ୍ପୂର୍ଣ୍ଣ ଭାବରେ ଆଡଜଷ୍ଟେବଲ୍ ସସପେନସନ୍ ଲାଗିଛି। ଏହି ବାଇକର ସିଟ୍ ୮୨୫ଏମଏମର ଉଚ୍ଚତା ସହିତ ଲ୍ୟାସ୍ କରାଯାଇଛି। ଏହି ବାଇକରେ ୧୪ ଲିଟର ଫ୍ୟୁଏଲ୍ କ୍ୟାପାସିଟିର ଟ୍ୟାଙ୍କ ରହିଛି। କେଟିଏମ୍ ୨୫୦ ଆଡଭେଞ୍ଚର ର ନୂଆ ମଡେଲ୍ ଦୁଇଟି କଲର ଭ୍ୟାରିଆଣ୍ଟରେ ମାର୍କେଟକୁ ଆସିଛି। ଏହି ମୋଟରସାଇକେଲକୁ ଅଷ୍ଟ୍ରିଆରେ ଡିଜାଇନ୍ କରାଯାଇଛି। ଏହି ବାଇକର ସମସ୍ତ ପାର୍ଟ୍ସ ଭାରତରେ ଏକତ୍ରିତ ହୋଇଛି। ଏହି ବାଇକର ମୂଲ୍ୟ ପୂର୍ବରୁ ୨.୪୮ ଲକ୍ଷ ଟଙ୍କା ଥିଲା, ଯାହା ଏହି ନୂଆ ମଡେଲ ସହିତ ୨.୬୦ ଲକ୍ଷ ଟଙ୍କା ହୋଇଯାଇଛି। ଏହି ବାଇକର ରାଇବଲ୍ ବିଷୟରେ କହିବାକୁ ଗଲେ ସୁଜୁକି ଭି-ଷ୍ଟର୍ମ ଏସଏକ୍ସ ରୟାଲ ଇନ୍‌ଫିଲ୍ଡ ସ୍କ୍ରାମ ୪୪୦ ସମାନ ରେଞ୍ଜର ମୋଟରସାଇକଲ। ସୁଜୁକି ଭି-ଷ୍ଟର୍ମ ଏସଏକ୍ସର ପ୍ରାଇସ୍ ୨.୧୬ ଲକ୍ଷ ଟଙ୍କା ଏବଂ ସ୍କ୍ରାମ ୪୪୦ ର ମୂଲ୍ୟ ୨.୦୮ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୨.୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଇଛି।

### ଇନ୍‌ଫୋସିସ୍‌ରେ ଫ୍ରେସର୍ ନିଯୁକ୍ତି ଭେଳିକି

## ପରୀକ୍ଷା ବାହାନାରେ ୩୦୦ ବିଦା



**ବେଙ୍ଗାଲୁରୁ, ୮।୨:** ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ଅଟୋମେସନ ପ୍ରଭାବରେ ଭାରତୀୟ ସୂଚନା ପ୍ରଯୁକ୍ତି ଶିଳ୍ପ ଯେଉଁ ପରିବର୍ତ୍ତନ ଦେଇ ଗତି କରୁଛି, ତାହାର ପ୍ରଭାବ କର୍ମଚାରୀଙ୍କ ଉପରେ ପଡୁଛି। ବିଶେଷ କରି ନୂଆ କର୍ମଚାରୀମାନେ ତାହା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଦେଶର ଅନ୍ୟତମ ଅଗ୍ରଣୀ ଆଇଟି କମ୍ପାନି ଏକ ଆଭ୍ୟନ୍ତରୀଣ ପରୀକ୍ଷା ବାହାନାରେ ୩୦୦ ନୂଆ କର୍ମଚାରୀଙ୍କୁ ବିଦା କରିବା ପରେ ତାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାକୁ କେନ୍ଦ୍ର ସରକାରଙ୍କ ନିକଟରେ ପହଞ୍ଚାଇବାକୁ ଆଇଟି ଶିଳ୍ପର କର୍ମଚାରୀ ସଂଘ ଏନ୍‌ଆଇଟିଇଏସ୍ ସଜବାଜ ହେଉଛି। ଇନ୍‌ଫୋସିସ୍ ଏହାର ମହୀଶୂର କ୍ୟାମ୍ପସ ଲାଗି କିଛି ନୂଆ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ଦେଇଥିଲେ। ନିଯୁକ୍ତି ପତ୍ର ପାଇବାର ଦୁଇ ବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ଚାକିରି ଯୋଗଦେବାର ସୁଯୋଗ ଦିଆଗଲା ନାହିଁ। ଦୀର୍ଘଦିନ ପ୍ରତୀକ୍ଷା ପରେ ସେମାନଙ୍କୁ ୨୦୨୪ ଅକ୍ଟୋବରରେ ତାଲିମ ନେବା ଲାଗି ଆସିବାକୁ କୁହାଯାଇଥିଲା। ତାଲିମ ଶେଷ ହେବା ପରେ ଏକ କଠୋର ଆଭ୍ୟନ୍ତରୀଣ ପରୀକ୍ଷା ଦେବା ଲାଗି ସେମାନଙ୍କୁ କୁହାଯାଇଥିଲା। ଯେଉଁମାନେ ପରୀକ୍ଷାରେ ଫେଲ୍ ହୋଇଥିଲେ, ସେମାନଙ୍କୁ କମ୍ପାନି ଛଟେଇ କରିଛି। କଠୋର ଚୟନ ପ୍ରକ୍ରିୟା ଦେଇ ଗତି କରିଥିବା ପିଲାମାନଙ୍କୁ ପୁଣି ଥରେ ଏଭଳି କଠୋର ପରୀକ୍ଷା ଦେବାକୁ କହିବା ଅଭ୍ୟାସ ଉପରେ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ଇନ୍‌ଫୋସିସ୍ ପକ୍ଷରୁ କୁହାଯାଇଛି ଯେ ନୂଆ କର୍ମଚାରୀମାନଙ୍କୁ ଯେଉଁ ନିଯୁକ୍ତିପତ୍ର ଦିଆଯାଇଥିଲା, ସେଥିରେ ଆଭ୍ୟନ୍ତରୀଣ ଅନୁଶୀଳନ ପରୀକ୍ଷା ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। କିଛି ପିଲା ତିନି ତିନି ଥର ପ୍ରୟାସରେ ମଧ ପରୀକ୍ଷା ପାସ୍ କରିପାରିନଥିଲେ।

## ରତନ ଟାଟାଙ୍କ ସମ୍ପତ୍ତିର ୫୦୦ କୋଟିରୁ ଅଧିକ ପାଇବେ ମୋହିନୀ ମୋହନ ଦତ୍ତା

**ନୂଆଦିଲ୍ଲୀ,୮।୨:** ସ୍ୱର୍ଗତଃ ରତନ ଟାଟାଙ୍କ ଇଚ୍ଛାପତ୍ର ସମସ୍ତଙ୍କୁ ଚକିତ କରିଛି। ଟାଟା ନିଜ ଇଚ୍ଛାପତ୍ରରେ ଏଭଳି ଜଣେ ବ୍ୟକ୍ତିଙ୍କ ନାଁରେ ୫୦୦ କୋଟି ଟଙ୍କାରୁ ଅଧିକ କରିଛନ୍ତି, ଯାହାଙ୍କ ବିଷୟରେ କେହି ଜାଣନ୍ତି ନାହିଁ। ସେ ହେଲେ ଜାମସେଦପୁର ବାସିନ୍ଦା ମୋହିନୀ ମୋହନ ଦତ୍ତା। ଦତ୍ତାଙ୍କୁ ରତନ ଟାଟାଙ୍କ ସମ୍ପତ୍ତିରୁ ୫୦୦ କୋଟି ଟଙ୍କାରୁ ଅଧିକ ମିଳିବ। ଗଣମାଧମ ରିପୋର୍ଟ ଅନୁସାରେ, ରତନ ଟାଟା ଏବଂ ମୋହିନୀ ମୋହନ ଦତ୍ତାଙ୍କ ସମ୍ପର୍କ ବହୁ ବର୍ଷ ପୁରୁଣା। ତେବେ ବେଶି ଲୋକ ଏହା ବିଷୟରେ ଜାଣନ୍ତି ନାହିଁ। ଇଚ୍ଛାପତ୍ରରେ ଦତ୍ତାଙ୍କ ନାଁ ଟାଟା ପରିବାରକୁ ଚକିତ କରିଛି।

ଟାଟାଙ୍କ ସହ ମୋହିନୀ ମୋହନ ଦତ୍ତାଙ୍କ ପ୍ରଥମ ଦେଖା ୧୯୬୦ ଦଶକ ଆରମ୍ଭରେ ଜାମସେଦପୁରର ଡିଲର୍ସ ହଷ୍ଟେଲରେ ହୋଇଥିଲା। ଏହି ଦେଖାରେ ଦତ୍ତାଙ୍କ ଜୀବନ ବଦଳିଗଲା। ସେତେବେଳେ ରତନ ଟାଟାଙ୍କୁ ୨୪ ବର୍ଷ ବୟସ ହୋଇଥିଲା। ଦତ୍ତା ଏବେ ବୟସର ୮୦ ଦଶକରେ ଅଛନ୍ତି। ସେ ନିଜ କ୍ୟାରିୟରର ଆରମ୍ଭ ତାଜ ଗ୍ରୁପ୍ ସହ କରିଥିଲେ ଏବଂ ଏହା ପରେ ଷ୍ଟାଲିଅନ୍ ଟ୍ରାଭେଲ ଏଜେନ୍ସି ନାମରେ ନିଜର ଏକ କମ୍ପାନି





ଆରମ୍ଭ କରିଥିଲେ, ଯାହାର ମିଶ୍ରଣ ୨୦୧୩ରେ ତାଜ ଗ୍ରୁପ୍ ଅଫ୍ ହୋଟେଲ୍ସର କମ୍ପାନି ତାଜ୍ ସର୍ଭିସେସ୍ ସହ ହୋଇଥିଲା। ମୋହିନୀ ମୋହନ ଦତ୍ତା ଏବଂ ତାଙ୍କ ପରିବାରର ଷ୍ଟାଲିଅନ୍‌ରେ ୮୦% ଅଂଶଧନ ରହିଲା। ଅବଶିଷ୍ଟ ଅଂଶ ଟାଟା ଇଣ୍ଡଷ୍ଟ୍ରିଜ୍ ପାଖରେ ଥିଲା। ଏହି କମ୍ପାନିକୁ ପରେ ଟାଟା କ୍ୟାପିଟାଲ କିଣିଲା ଏବଂ ଏହାକୁ ଥମାସ୍ କୁକ୍(ଭାରତ)କୁ ବିକ୍ରି କରିଦେଲା। ଏବେ ଏହା ଟିସି ଟ୍ରାଭେଲ ସର୍ଭିସେସ୍ ନାମରେ କାର୍ଯ୍ୟ କରୁଛି ଏବଂ ଦତ୍ତା ଏହାର ନିର୍ଦ୍ଦେଶକ। ଶ୍ରୀ ଦତ୍ତାଙ୍କ ପାଖରେ ଆଗକୁ ପୁଞ୍ଜି ବଜାରରେ ସୂଚୀଭୁକ୍ତ ହେବାକୁ ଥିବା ଟାଟା କ୍ୟାପିଟାଲ ସମେତ ଟାଟା ଗ୍ରୁପ୍ କମ୍ପାନିଗୁଡ଼ିକର ସେୟାର ଅଛି।

## ୧୪ରୁ ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭିର ବୁକିଂ

**ନୂଆଦିଲ୍ଲୀ,୮।୨:** ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ମହିନ୍ଦ୍ରା ଗ୍ରୁପର ଇଲେକ୍ଟ୍ରିକ ଭେଇକିଲ (ଇଭି) ବ୍ରାଣ୍ଡର ବହୁ ପ୍ରତୀକ୍ଷିତ ଏକ୍ସଇଭି ୯ଇ ଏବଂ ବିଇ୬ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଏହାର ସମସ୍ତ ୯ଟି ଭାରିଆଣ୍ଟ ସହିତ ମହିନ୍ଦ୍ରାର ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭି ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିବା ସହ ଭାରତ ପାଇଁ ଗୌରବର ମୁହୂର୍ତ୍ତ ସୃଷ୍ଟି କରିଛି। ସେହିଭଳି ଏହି ବିଶ୍ୱସ୍ତରୀୟ ଏସ୍‌ୟୁଭିକୁ ବିଭିନ୍ନ ଦାମ୍‌ରେ ପାଇବା ପାଇ ଗ୍ରାହକଙ୍କ ପକ୍ଷରୁ ମିଳିଥିବା ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି ମହିନ୍ଦ୍ରା ପକ୍ଷରୁ ଏକ୍ସଇଭି ୯ଇ



ଓ ବିଇ୬ର ସମସ୍ତ ପ୍ୟାକ୍‌ର ବୁକିଂ ୨୦୨୫ ଫେବୃଆରୀ ୧୪ ପୂର୍ବାହ୍ନ ୯ ଘଟିକାରୁ ଆରମ୍ଭ ହେବା ନେଇ ଘୋଷଣା କରାଯାଇଛି। ସେହିପରି ଏହି ଏସ୍‌ୟୁଭିଗୁଡ଼ିକର ଡେଲିଭରି ୨୦୨୫ ମାର୍ଚ୍ଚରୁ ଅଗଷ୍ଟ ମଧରେ କରାଯିବ। ଏପରିକି ବିଭିନ୍ନ ଭାରିଆଣ୍ଟରେ ଥିବା ପ୍ୟାକ୍ ୱାନ ବର୍ଗର୍ ବିଇ୬ର ଏକ୍ସ ଶୋ'ରୁମ୍ ମୂଲ୍ୟ ୧୮.୯୦ ଲକ୍ଷ ଟଙ୍କା ଥିବାବେଳେ ଏକ୍ସଇଭି ୯ଇର ଦାମ୍ ୨୧.୯୦ ଲକ୍ଷ ଟଙ୍କା, ପ୍ୟାକ୍ ୱାନ୍‌ରୁ ଅଧିକ ବିଇ ୬ର ଦାମ୍ ୨୦.୫୦ ଲକ୍ଷ ଟଙ୍କା ରହିଛି। ଅପରପକ୍ଷରେ ପ୍ୟାକ୍ ଟୁ ବିଇ ୬ର ଦାମ୍ ୨୧.୯୦ ଲକ୍ଷ ଟଙ୍କା ଏବଂ ଏକ୍ସଇଭି ୯ଇର ଦାମ୍ ୨୪.୯୦ଲକ୍ଷ ଟଙ୍କା ରହିଥିଲାବେଳେ ପ୍ୟାକ୍ ଥ୍ରି ସିଲେକ୍ଟ ବିଇ୬ର ଦାମ୍ ୨୪.୫୦ ଲକ୍ଷ ଟଙ୍କା ଏବଂ ଏକ୍ସଇଭି ୯ଇର ଦାମ୍ ୨୭.୯୦ଲକ୍ଷ ଟଙ୍କା, ପ୍ୟାକ୍ ଥ୍ରି ବିଇ୬ର ଦାମ୍ ୨୬.୯୦ ଲକ୍ଷ ଟଙ୍କା ଏବଂ ଏକ୍ସଇଭି ୯ଇର ଦାମ୍ ୩୦.୫୦ ଲକ୍ଷ ଟଙ୍କା ରହିଛି।

## ସୌରଶକ୍ତି କ୍ଷେତ୍ରରେ ଐତିହାସିକ ମାଇଲଖୁଣ୍ଟ



**ନୂଆଦିଲ୍ଲୀ,୮।୨:** ଭାରତ ୧୦୦ ଗିଗାୱାଟ୍ ସୌର ଶକ୍ତି କ୍ଷମତା ଅତିକ୍ରମକରି ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଅକ୍ଷୟ ଶକ୍ତି କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିଛି, ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ପାଇଁ ଦେଶର ପ୍ରତିବଦ୍ଧତାକୁ ଏହି ଉଲ୍ଲେଖନୀୟ ସଫଳତା ପ୍ରମାଣିତ କରୁଛି। ୨୦୩୦ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୫୦୦ଗିଗାୱାଟ ଅଣ-ଜୀବାଶ୍ମ ଇନ୍ଧନ ଭିତ୍ତିକ ଶକ୍ତି କ୍ଷମତାର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟକୁ ସାକାର କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବାକୁ ଯାଉଛି ବୋଲି କେନ୍ଦ୍ର ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧରେ ଭାରତର ଶକ୍ତି ଯାତ୍ରା ଐତିହାସିକ ଏବଂ ପ୍ରେରଣାଦାୟକ ରହିଛି। ସୋଲାର ପ୍ୟାନେଲ, ସୋଲାର ପାର୍କ ଓ ଛାତ ଉପର ସୌର ପ୍ରକଳ୍ପ ଭଳି ପଦକ୍ଷେପ ଏ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଛି। ଫଳରେ ଆଜି ଭାରତ ୧୦୦ ଗିଗାୱାଟ ସୌରଶକ୍ତି ଉତ୍ପାଦନର ଲକ୍ଷ୍ୟକୁ ସଫଳତାର ସହ ହାସଲ କରିପାରିଛି। ସବୁଜ ଶକ୍ତି କ୍ଷେତ୍ରରେ ଭାରତ କେବଳ ଆତ୍ମନିର୍ଭରଶୀଳ ହେଉ ନାହିଁ ବରଂ ବିଶ୍ୱକୁ ଏକ ନୂଆ ମାର୍ଗ ଦେଖାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଜୋଷୀ କହିଛନ୍ତି। ସେହିପରି ଗତ ୧ଦଶନ୍ଧି ମଧରେ ଭାରତର ସୌରଶକ୍ତି କ୍ଷମତା ୩୪୫୦% ବଢ଼ି ଏକ ଅସାଧାରଣ ଅଭିବୃଦ୍ଧି ଘଟିଛି, ଯାହା ୨୦୧୪ରେ ୨.୮୨ ଗିଗାୱାଟ ଥିବାବେଳେ ୨୦୨୫ ସୁଦ୍ଧା ଏହା ୧୦୦ ଗିଗାୱାଟ୍‌କୁ ବୃଦ୍ଧି ପାଇଛି। ୨୦୨୫ ଜାନୁଆରୀ ୩୧ ସୁଦ୍ଧା ଭାରତର ସମୁଦାୟ ସଂସ୍ଥାପିତ ସୌର କ୍ଷମତା ୧୦୦.୩୩ ଗିଗାୱାଟ ରହିଛି, ଯେଉଁଥିରେ ୮୪.୧୦ ଗିଗାୱାଟ୍ କାର୍ଯ୍ୟକାରୀ ହେଉଛି ଏବଂ ଅତିରିକ୍ତ ୪୭.୪୯ ଗିଗାୱାଟ୍ ପ୍ରସ୍ତାବିତ ରହିଛି।

## ଓଡ଼ିଶାରେ ଜିଓର ଡିଜିଟାଲ କ୍ରାନ୍ତି

**ଭୁବନେଶ୍ୱର,୮।୨ (ସଂଚାର ବ୍ୟୁରୋ):** ରିଲାଏନ୍ସ ଜିଓର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଖୁବ୍ କମ୍ ସମୟ ମଧରେ ଓଡ଼ିଶାର ସମସ୍ତ ଛୋଟ ବଡ ସହର ତଥା ସହର ଉପକଣ୍ଠ ଅଞ୍ଚଳ, ତହସିଲ ଏବଂ ବିସ୍ତୀର୍ଣ୍ଣ ଗ୍ରାମାଞ୍ଚଳରେ ବିଶ୍ୱସ୍ତରୀୟ ଘରୋଇ ମନୋରଞ୍ଜନ (ହୋମ୍ ଏଣ୍ଟରଟେନ୍‌ମେଣ୍ଟ) ଏବଂ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଉପଲବ୍ଧକରି ଡିଜିଟାଲ କ୍ରାନ୍ତିର ପଥକୁ ସୁଗମ କରିଛି। ସାରା ଓଡ଼ିଶାରେ ପ୍ରାୟ ୪ଲକ୍ଷ ଘର ଏବଂ ବ୍ୟବସାୟ ପରିସର ବର୍ତ୍ତମାନ ଜିଓ ଫାଇବର ଏବଂ ଜିଓ ଏୟାର ଫାଇବର ସେବାକୁ ଉପଭୋଗ କରୁଛନ୍ତି। କିଛି ମାସ ପୂର୍ବେ ଆରମ୍ଭ ହୋଇଥିବା ଜିଓ ଏୟାରଫାଇବର ସେବାକୁ ନେଇ ସମଗ୍ର ରାଜ୍ୟରେ ଜବରଦସ୍ତ ଉତ୍ସାହ ଦେଖିବାକୁ ମିଳିଛି। ଏହି ସେବା ବର୍ତ୍ତମାନ ରାଜ୍ୟର ସମସ୍ତ ୩୦ଟି ଜିଲା, ଛୋଟ ବଡ ସହର ତଥା ତହସିଲ ମୁଖ୍ୟାଳୟ ସହର ସମେତ ହଜାର ହଜାର ଗାଁର ପ୍ରତ୍ୟେକ ଘର ଏବଂ ବ୍ୟବସାୟ ପାଇଁ ଉପଲବ୍ଧ ରହିଛି। ସର୍ବାଧିକ ଲୋକପ୍ରିୟ ରହିଥିବା ଜିଓ ଏୟାରଫାଇବର ସେବା ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ସମ୍ପ୍ରସାରିତ କରିଛି। କାରଣ ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଞ୍ଚଳରେ ଶେଷ ମାଇଲ୍ ଅପ୍ଟିକାଲ୍-ଫାଇବର ବିସ୍ତାରରେ ରହିଥିବା କଠିନତା ଯୋଗୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗର ଅଭାବଜନିତ ସମସ୍ୟାକୁ ଦୂରକରି ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଏବଂ ଗୁଣାତ୍ମକ ଗୃହ ମନୋରଞ୍ଜନ ସହ ସଂଯୁକ୍ତ କରଛି। ଜିଓ ଏୟାରଫାଇବର ୮୦୦ ରୁ ଅଧିକ ଡିଜିଟାଲ ଟିଭି ଚ୍ୟାନେଲ, ୧୩ ରୁ ଅଧିକ ଓଟିଟି ଆପ୍, ସ୍ମାର୍ଟ ହୋମ୍ ସେବା, ନିରବଚ୍ଛିନ୍ନ ୱାଇଫାଇ ଏବଂ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସହିତ ବିଶ୍ୱସ୍ତରୀୟ ସର୍ବାଧୁନିକ ଗୃହ ମନୋରଞ୍ଜନ ବା ହୋମ ଏଣ୍ଟରଟେନ୍‌ମେଣ୍ଟ ସେବା ପ୍ରଦାନ କରୁଛି।

## ଫୋନପେ' 'ଖାତା ଏଗ୍ରିଗେସନ' କାରବାରରୁ ଓହରିଲା

### ଆର୍‌ବିଆଇକୁ ଫେରାଇବେ ଲାଇସେନ୍ସ

**ନୂଆଦିଲ୍ଲୀ ୭।୨:** ଦେଶର ସବୁଠୁ ବଡ଼ ଫିନଟେକ୍ କମ୍ପାନୀ ଫୋନ ପେ 'ଖାତା ଏଗ୍ରିଗେସନ' (ଏଏ) କାରବାରରୁ ନିଜକୁ ବାହାର କରିନେଇଛି। କମ୍ପାନୀ କହିଛି ଯେ ଆଶା ଅନୁସାରେ ସେବା ପ୍ରଦାନ ନିମନ୍ତେ ପର୍ଯ୍ୟାପ୍ତ ସହଭାଗିତା ସଂଗ୍ରହ କରିପାରି ନାହିଁ, ଏଣୁ ବ୍ୟବସାୟରୁ ବାହାରି ଯିବାକୁ ନିଷ୍ପତ୍ତି ନେଇଛି। ଫୋନ ପେ କହିଛନ୍ତି ଯେ ସେ ଆରବିଆଇଙ୍କୁ ଏନବିଏଫସି-ଏଏ ଲାଇସେନ୍ସ ଫେରାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି ଓ ସେ ସଞ୍ଚାଳନ ବନ୍ଦ କରିଦେବେ।ଏଏ ଲାଇସେନ୍ସରେ କମ୍ପାନୀକୁ ଉପଯୋଗକର୍ତ୍ତାଙ୍କ ସହମତିରେ ସେମାନଙ୍କ ଆର୍ଥିକ ସୂଚନା ହାସଲ କରିବା ଓ ଋଣ, କ୍ରେଡିଟ କାର୍ଡ ଭଳି ଆର୍ଥିକ ସେବା ଦେବା ପାଇଁ ବ୍ୟାଙ୍କିଙ୍ଗ ଓ ଆର୍ଥିକ ସଂସ୍ଥାଙ୍କ ସହିତ ଏହାକୁ ସେୟାର କରିବାକୁ ଅନୁମତି ମିଳିଥିଲା। ଫୋନ ପେ କହିଛନ୍ତି ଯେ 'ଆମେ ମାତ୍ର ୨ ବର୍ଷର କମ ସମୟରେ ଆମର ଏଏ ମଞ୍ଚରେ ପାଖାପାଖି ୫ କୋଟି ଭାରତୀୟଙ୍କୁ ପଞ୍ଜିକୃତ କରିବାରେ ସକ୍ଷମ ହୋଇଛୁ'। ତେବେ ପ୍ରତିଯୋଗୀ ପ୍ରତିଦ୍ୱନ୍ଦ୍ୱୀତା କାରଣରୁ ଆମେ ଆମ ମଞ୍ଚରେ ସେତିକି ଆର୍ଥିକ ସୂଚନା ପ୍ରଦାତା (ଏଫଆଇପି)ଙ୍କୁ ସାମିଲ କରିପାରି ନାହୁଁ ଯେତିକି ଆମେ ଚାହୁଁଥିଲୁ ବୋଲି କହିଛନ୍ତି। ଏଣୁ ଫୋନ ପେ ସମୂହ ଖାତା ଏଗ୍ରିଗେଟର ବ୍ୟବସାୟରୁ ବାହାରିଯିବା ପାଇଁ ନିଷ୍ପତ୍ତି ନେଇଥିବା ସୂଚିତ କରିଛନ୍ତି। ଏଣୁ ଏହା ବଦଳେ ଆମେ ବଜାରରେ ଅନ୍ୟ ଏଏ ଙ୍କ ସହିତ ଭାଗିଦାରୀ କରିବୁ। ୱାଲମାର୍ଟ ସମୂହର ଏହି କମ୍ପାନୀଙ୍କୁ ଜୁନ ୨୦୨୩ରେ ଏଏ ଲାଇସେନ୍ସ ମିଳିଥିଲା। କମ୍ପାନୀ କହିଛି ଯେ ସେ ଖୁବ୍ ଶୀଘ୍ର ଏଏ ଉପଯୋଗକର୍ତ୍ତା ଆଧାର ସହିତ ସମ୍ପର୍କ କରିବ ଓ ସେମାନଙ୍କୁ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚିତ କରିବ ଓ ନିୟାମକୀୟ ଦିଶାନିର୍ଦ୍ଦେଶ ଅନୁରୂପ ସେମାନଙ୍କୁ ସହଯୋଗ କରିବ।

# ବିବାହ ବନ୍ଧନରେ ବାନ୍ଧି ହେଲେ ଜିତ୍ ଏବଂ ଦିଭା

## ୧୦ ହଜାର କୋଟି ଟଙ୍କା ଦାନ ପ୍ରତିଶ୍ରୁତି ଦେଲେ ଗୌତମ ଆଦାନୀ

**ନୂଆଦିଲ୍ଲୀ, ୮।୨:** ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀଙ୍କ ସାନ ପୁଅ ଜିତ୍ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଅହମଦାବାଦରେ ଦିଭା ଶାହଙ୍କ ସହ ତାଙ୍କ ବିବାହ ହୋଇଛି। ପରିବାର ଏବଂ ଘନିଷ୍ଠ ବନ୍ଧୁଙ୍କ ଉପସ୍ଥିତିରେ ପାରମ୍ପାରିକ ରୀତିନୀତିରେ ବିବାହ ଶେଷ ହୋଇଛି। ଗୌତମ ଆଦାନୀ ନିଜ ସାନ ପୁଅର ବିବାହରେ ୧୦ ହଜାର କୋଟି ଟଙ୍କା ଦାନ କରିବା ନେଇ ପ୍ରତିଶ୍ରୁତି କରିଛନ୍ତି। ଏହି ଦାନ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ କୌଶଳ ବିକାଶ କ୍ଷେତ୍ରରେ ହେବ। ଗୌତମ ଆଦାନୀ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ବିବାହ ସମୟର ଫଟୋ ସେୟାର କରିଛନ୍ତି। ଏହାସହ ସେହି ସମସ୍ତଙ୍କୁ କ୍ଷମା ମାଗିଛନ୍ତି, ଯେଉଁମାନଙ୍କୁ ବିବାହ ପାଇଁ ଆମନ୍ତ୍ରଣ କରିପାରିନାହାନ୍ତି। ଗୌତମ ଆଦାନୀ କହିଛନ୍ତି, 'ପରମପିତା ପରମେଶ୍ୱରଙ୍କ ଆଶୀର୍ବାଦରୁ ଜିତ୍ ଏବଂ ଦୀବା ଆଜି ବିବାହର ପବିତ୍ର ବନ୍ଧନରେ ବାନ୍ଧି



ହୋଇଛନ୍ତି। ଏହି ବିବାହ ଆଜି ଅହମଦାବାଦରେ ପ୍ରିୟଜନଙ୍କ ମଧରେ ପାରମ୍ପାରିକ ରୀତିନୀତି ଓ ଶୁଭ ମଙ୍ଗଳ ଭାବନା ସହ ସମ୍ପନ୍ନ ହୋଇଛି।' ଗୌତମ ଆଦାନୀ ଆହୁରି ଲେଖିଛନ୍ତି, 'ଏହା ଏକ ଛୋଟ ଏବଂ ଅତ୍ୟନ୍ତ ପାରିବାରିକ ସମାରୋହ ଥିଲା, ଏଥିପାଇଁ ଆମେ ଚାହିଁକି ବି ସମସ୍ତ ଶୁଭକାଂକ୍ଷୀଙ୍କୁ ଆମନ୍ତ୍ରଣ କରିପାରିଲୁ ନାହିଁ, ଏଥିପାଇଁ ମୁଁ କ୍ଷମାପ୍ରାର୍ଥୀ। ମୁଁ ଆପଣ ସମସ୍ତଙ୍କଠାରୁ ଦିଭା ଓ ଜିତ୍ ପାଇଁ ସ୍ନେହ ଏବଂ ଆଶୀଷ କାମନା କରୁଛି।' ଏହି ବିବାହର ଶୁଭ ଅବସରରେ ଆଦାନୀ ଗ୍ରୁପ ମୁଖ୍ୟ ସାମାଜିକ କଲ୍ୟାଣ ପାଇଁ ୧୦ ହଜାର କୋଟି ଟଙ୍କାନ ଦାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଦାନର ବଡ଼ ଅଂଶ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଭିତ୍ତିଭୂମି ନିର୍ମାଣରେ ଖର୍ଚ୍ଚ ହେବ। ଏହାଦ୍ୱାରା ସବୁ ବର୍ଗର ଲୋକଙ୍କୁ ଶସ୍ତା ଏବଂ ବିଶ୍ୱସ୍ତରୀୟ ହସ୍ପିଟାଲ, ମେଡିକାଲ କଲେଜ, କେ-୧୨ ସ୍କୁଲ ଏବଂ ଦକ୍ଷତା ଏକାଡେମୀ ଉପଲବ୍ଧ ହୋଇପାରିବ।

## ରାଜରାସ୍ତାକୁ ଓହ୍ଲାଇଲେ ଚାଷୀ

# ଧାନ ଉଠାଣରେ ବିଳମ୍ବ ନେଇ ରାସ୍ତା ଅବରୋଧ



**ନୀଳଗିରି, ୮।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ମାଟିଆଳି ବୃହାଦଗାର ବହୁମୁଖି ସମବାୟ ସମିତି ଲିଃ ଅନ୍ତର୍ଗତ ଛତ୍ରପୁର ଶାଖାରେ ଧାନ କିଣାରେ ପ୍ରିୟାପ୍ରୀତି ପୋଷଣ ସହ ସିରିଏଲରେ ଆଗ ପଛ କରିବା, ନିର୍ଧାର୍ଯ୍ୟ ସମୟରେ ଧାନ ନେଉନଥିବା ଭଳି ଅନେକ ଏନେକ ଅବ୍ୟବସ୍ଥାକୁ ନେଇ ବିଭିନ୍ନ ଅଞ୍ଚଳରୁ ଶତାଧିକ ଚାଷୀ ମାନେ ଶନିବାର ୧୯ନଂ ରାଜ୍ୟରାଜପଥ ଶେରଗଡ-ନୀଳଗିରି-ଝରଣଘାଟି ରାସ୍ତାର ଛତ୍ରପୁର ଠାରେ ଧାନବସ୍ତା ରାସ୍ତାରେ ରଖି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୫ ଘଣ୍ଟା ଧରି ରାଜ୍ୟ ରାଜପଥ ରାସ୍ତା ଅବରୋଧ ହୋଇ ଯିବାରୁ ରାସ୍ତାର ଦୁଇ ପାଶ୍ୱର୍ରେ ଶତାଧିକ ଯାନବାହନ ଅଟକି ରହିଥିଲା। ଅନ୍ୟପକ୍ଷରେ ରାସ୍ତା ଅବରୋଧ କରିଥିବା ଚାଷୀଙ୍କ ସମସ୍ୟାକୁ ହୃଦବୋଧ କରି ସମାଧାନ ପାଇଁ ଚାଷୀମାନଙ୍କୁ ସାଥ ଦେବା ସହ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଧାରଣା ସ୍ଥଳରେ ପହଞ୍ଚି ନୀଳଗିରି ପ୍ରଶାସନକୁ ଅବଗତ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ବରାହମପୁର ପୋଲିସ ଏବଂ ବାଲେଶ୍ୱର ଏ.ସି.ଏସ.ଓ ହିମାଂଶୁ ଭୂଷଣ ସାହୁ ଏବଂ ଦୀପକ ରଞ୍ଜନ ବେହେରା ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କ ସମସ୍ୟା ବୁଝିଥିଲେ। ବିଶେଷ କରି କଟନି ଛଟନି ବନ୍ଦ କରିବା ସହିତ ସୋସାଇଟି କାଉଣ୍ଟରେ ସିରିଏଲ ନମ୍ବର କାଗଜ ସର୍ବସାଧାରଣ ରେ ପ୍ରତିଫଳନ କରାଯିବା ସହିତ ସିରିଏଲ ଅନୁଯାଇ ଧାନ କ୍ରୟ କରିବା, ଶେଷ ହୋଇ ଯାଇଥିବା କ୍ରୟ ଅବଧି ବୃଦ୍ଧି କରିବା ପ୍ରମୁଖ ଦାବି ଚାଷୀ ମାନେ ଉପସ୍ଥାପନ କରିଥିଲେ। ଏଥିରେ ଏ.ସି.ଏସ.ଓ ଶ୍ରୀ ସାହୁ ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା ।

## ୩ ମାସ ପରେ ପୂରଣ ହେଲା ପଦବୀ

# ମିନତୀ ବିଶ୍ୱାଳ ବେତନଟୀ ଉପଖଣ୍ଡ ଅଧିକାରୀ



**ବୈଶିଙ୍ଗା, ୮।୨ (ସଂଚାର ବ୍ୟୁରୋ):** ବୈଶିଙ୍ଗା, ବଡସାହି , ବେତନଟୀ, ମୁରୁଡା ଓ ରାସଗୋବିନ୍ଦପୁର ପୋଲିସ ଥାନାକୁ ନେଇ ଗଠିତ ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ପଦବୀ ଦୀର୍ଘ ତିନି ମାସ ଧରି ଖାଲି ପଡିରହିବା ପରେ ଏବେ ପୂରଣ ହୋଇଛି। ଶୁକ୍ରବାର ରାତି ଆଠଟା ସମୟରେ ଗୃହ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରୀ କରାଯାଇଛି। ନୂତନ ଏସଡିପିଓ ଭାବେ ବରିଷ୍ଠ ପୋଲିସ ଅଧିକାରୀ ମିନତୀ ବିଶ୍ୱାଳଙ୍କୁ ବେତନଟୀ ଉପଖଣ୍ଡ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ତେବେ ଗତ ନଭେମ୍ବର ମାସ ୧୦ ତାରିଖରେ କାର୍ଯ୍ୟରତ ବେତନଟୀ ଏସଡିପିଓ ସୁଦର୍ଶନ ଦାଶଙ୍କ ଭୁବନେଶ୍ୱର କମିଶନରେଟ ପୋଲିସ୍‌କୁ ବଦଳି ହେବା ଦିନଠାରୁ ଅନ୍ୟ କୌଣସି ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇନଥିଲା। ଫଳରେ ବୈଶିଙ୍ଗା, ବଡ଼ସାହି, ବେତନଟୀ, ମୋରଡା ଓ ରାସଗୋବିନ୍ଦପୁର ଭଳି ପାଞ୍ଚଟି ପୋଲିସ ସର୍କଲକୁ ନେଇ ଗଠିତ ବେତନଟୀ ପୋଲିସ ଉପଖଣ୍ଡ କାର୍ଯ୍ୟାଳୟ ମୁରବିଶୂନ୍ୟ ହୋଇପଡିଥିଲା ଏବଂ ଅନେକ ଗୁଡ଼ିଏ ସମ୍ବେଦନଶୀଳ ଘଟଣାରେ ତଦନ୍ତ ପ୍ରକ୍ରିୟା ଦିଗହରା ହୋଇପଡିଥିଲା। ଫଳରେ ଜନସାଧାରଣଙ୍କ ଦୁର୍ଦ୍ଦଶା ବଢିଥିଲା ଏବଂ ପୋଲିସ ପ୍ରଶାସନ ଉପରୁ ଲୋକେ ଆସ୍ଥା ହରାଇ ବସିଥିଲେ।

# ପାତାଳୀ ମହୋତ୍ସବ ଉଦ୍‌ଯାପିତ

**ସୁବର୍ଣ୍ଣପୁର, ୮।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ପ୍ରସିଦ୍ଧ ପୀଠ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇ ଠାରେ ଚାଲିଥିବା ପାତାଳୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ସଞ୍ଜୀବ ସାହୁ, ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ସୁବର୍ଣ୍ଣପୁର ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ର, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧ ରାଧାକାନ୍ତ ମହାକୁର ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ରଖିଥିଲେ। ପାତାଳୀ ଶ୍ରୀକ୍ଷେତ୍ରର ଏକ ଅନଲାଇନ ୱେବସାଇଟ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ମାନ୍ୟବର ମନ୍ତ୍ରୀ ଆୟୋଜକ ବନ୍ଧୁଙ୍କୁ ପ୍ରଶଂସା କରିବା ସହ ଓଡ଼ିଆଙ୍କ ଅସ୍ମିତା ଜଗନ୍ନାଥ ସଂସ୍କୃତି ସୁରକ୍ଷା କରିବା ସହ ପୀଠର ବିକାଶ ପାଇଁ ସଦାସର୍ବଦା ଚେଷ୍ଟା କରିବି ଓ ଓଡ଼ିଶା ସରକାର ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଦାବୀ ରଖିବାକୁ ନିର୍ଭର ପ୍ରତିଶୃତି ଦେଇଥିଲେ। ଏହି ମାସ ଠାରୁ ପାତାଳୀରେ ମହାପ୍ରଭୁଙ୍କ ଭବ୍ୟମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ଶ୍ରୀ ଜଗଦଲା କହିଛନ୍ତି । ଏହି ଅବସରରେ ସପ୍ତମ ଦିନ ତଥା ଅନ୍ତିମ ସନ୍ଧ୍ୟାରେ ସଂଜ୍ୟୋତ କଳା କେନ୍ଦ୍ର, ବଲାଙ୍ଗିର ର ନିର୍ଦ୍ଦେଶିକା ତଥା ନାଟ୍ୟଗୁରୁ ଶ୍ରୀମତୀ ସଂଗୀତା ଦାସ ଙ୍କ ଗ୍ରୁପ୍ ଲୋକ ସଙ୍ଗୀତ ଏବଂ ଲୋକ ନୃତ୍ୟ ପରିବେଷଣ କରିଥିଲେ ଯାହାକି ହଜାର ହଜାର ଦର୍ଶକ ଙ୍କ ମନକୁ ବେଶ ଛୁଇଁଥିଲା।



## ସ୍ଥାନୀୟ ନିଯୁକ୍ତି ସଂକଟ ପ୍ରସଙ୍ଗ

# ବେଦାନ୍ତ ଉପରେ ବର୍ଷିଲେ ବିଧାୟକ

**ରାୟଗଡା, ୮।୨ (ସଂଚାର ବ୍ୟୁରୋ):** ବିଷମକଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ସମେତ ସମଗ୍ର ରାୟଗଡ଼ା ଜିଲ୍ଲାରେ ସ୍ଥାନୀୟ ନିଯୁକ୍ତି ଅଭାବ ନେଇ ରାଗ ଓ ଅସନ୍ତୋଷ ଦିନକୁ ଦିନ ବଢିବାରେ ଲାଗିଛି। ଏଠାରେ କାର୍ଯ୍ୟକ୍ଷମ ଥିବା ଉଦ୍ୟୋଗ ଓ କାରଖାନା ଗୁଡ଼ିକ ନିଯୁକ୍ତି ସୃଷ୍ଟି କରିବା ଓ ଅର୍ଥନୈତିକ ବୃଦ୍ଧି ନେଇ ଅନେକ ଦାବି କରିଥିଲେ ମଧ୍ୟ ଇମ୍ଫା ବ୍ୟତୀତ, ବେଦାନ୍ତ, ଜେ.କେ. ପେପର୍ ମିଲ୍, ଏବଂ ଉତ୍କଳ ଆଲୁମିନା ଏମାନେ ସ୍ଥାନୀୟ ଯୁବ ଗୋଷ୍ଠୀଙ୍କୁ ଉପେକ୍ଷା କରିଥିବା ଜଣାପଡିଛି।

### ନିଯୁକ୍ତି ଦେବାରେ ବିଫଳ ବିଭିନ୍ନ କାରଖାନା

ବିଧାନସଭାରେ ବିଧାୟକ ନୀଳମାଧବ ହିକକାଙ୍କ ପ୍ରଶ୍ନ ନମ୍ବର ୭୫୧ରେ ମିଳିଥିବା ଉତ୍ତର ଏହି ଅସନ୍ତୋଷକୁ ଆହୁରି ଉତ୍ତେଜିତ କରିଥିବା ଜଣାପଡିଛି। ଆଂଶିକ ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂଖୁଣ୍ଟିଆ ପ୍ରକାଶ କରିଛନ୍ତି ଯେ ବେଦାନ୍ତ (ଲଞ୍ଜିଗଡ଼)ଠାରେ ବିଷମକଟକ ନିର୍ବାଚନ ମଣ୍ଡଳୀର ମାତ୍ର ୮୧ ଜଣ ସ୍ଥାୟୀ ଚାକିରି ପାଇଥିବା ବେଳେ, ଜେ.କେ. ପେପର୍ ମିଲ୍‌ରେ ୪୪ ଜଣ, ଇମ୍ଫା (ଥେରୁବାଲି)ରେ ସର୍ବାଧିକ ୩୨୭ ଜଣ ଏବଂ ଉତ୍କଳ ଆଲୁମିନାରେ ଜଣକୁ ମଧ୍ୟ ବିଷମକଟକ ନିର୍ବାଚନ ମଣ୍ଡଳୀରୁ ନିଯୁକ୍ତି ଦିଆଯାଇ ନାହିଁ । ଏହି ତଥ୍ୟ ବିଷମକଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିବା ବେଳେ ବିଧାୟକ ନୀଳମାଧବ ହିକକା ଏହି ଉଦ୍ୟୋଗଗୁଡ଼ିକର ନିଯୁକ୍ତି ନୀତିକୁ କଡ଼ା ଭାବରେ ସମାଲୋଚନା କରିଛନ୍ତି।



## ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର

# ଚାଷୀଙ୍କୁ କ୍ଷତିପୂରଣ ଦେବ କିଏ ?

**ବାଲିପାଟଣା, ୮।୨ (ସଂଚାର ବ୍ୟୁରୋ):** ଚାଷର ଉନ୍ନତି ପାଇଁ ସରକାର ବିଭିନ୍ନ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଚାଷୀର ସମସ୍ୟା ଦୂର କରିବାକୁ କାହାରି ଭିତରେ ଆନ୍ତରିକତା ନଥିବା ଭଳି ପ୍ରତୀତ ହେଉଛି। ବିଲରେ ଧାନ ଫସଲ ନିଆଁ ଲାଗି ନଷ୍ଟ ହେବା ପରେ ଅଧିକାରୀମାନଙ୍କ ପାଖକୁ ନ୍ୟାୟ ପାଇଁ ଦୌଡ଼ି ଦୌଡ଼ି ମିନତି କରିଥିଲେ ମଧ୍ୟ କେହି ବି ସହଯୋଗ କରିନାହାନ୍ତି। ନିରାଶ ହୋଇ ଥାନା ବାବୁଙ୍କ ପାଖରେ ଏଫ୍‌ଆଇଆର ଦେଇଥିଲେ ମଧ୍ୟ ପୋଲିସ ତରଫରୁ ଏହାକୁ ଦରଜ କରିବା ବ୍ୟତୀତ ଅନ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି କ୍ଷତିଗ୍ରସ୍ତ ଚାଷୀ ବିଶ୍ୱନାଥପୁର ଗ୍ରାମର ଚିତ୍ତରଞ୍ଜନ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ଗତ ଡିସେମ୍ବର ୧୫ ତାରିଖରେ ଶ୍ରୀ ପାଣିଗ୍ରାହୀଙ୍କର ୨୦ ଗୁଣ୍ଠ ପାଚିଲା ଧାନ ଫସଲକୁ ପଡୋଶୀ ସୁଶାନ୍ତ ପାଣିଗ୍ରାହୀ ତାଙ୍କ ବିଲରେ କୁଟା ଗଦାରେ, ଚିତ୍ତ ରଞ୍ଜନ ମନା କରିବା ସତ୍ତ୍ୱେ ନିଆଁ ଲଗାଇ ଦେଇଥିଲେ। ନିଆଁ ବ୍ୟାପିଯାଇ ଚିତ୍ତଙ୍କର ୨୦ ଗୁଣ୍ଠ ଫସଲ ପୋଡ଼ି ପାଉଁଶ ହୋଇଯାଇଥିଲା। ଏ ସମ୍ପର୍କରେ ଭଦ୍ରଲୋକମାନେ ବସି ୩୯ ହଜାର କ୍ଷତି ପୂରଣ ଦେବାକୁ ଲିଖିତ ଚୁକ୍ତିନାମା ହୋଇଥିଲ। କିନ୍ତୁ ସୁଶାନ୍ତ ପରେ ଏହି ଅର୍ଥ ଦେଇନଥିଲେ। ତେଣୁ ସେ ବାଧ୍ୟ ହୋଇ ଥାନାର ଆଶ୍ରୟ ନେଇଥିଲେ। ଏବେ ପ୍ରଶ୍ନ ଉଠୁଛି ଚାଷୀ ପରିଶ୍ରମ କରି କରିଥିବା ସୁନା ଫସଲ ନଷ୍ଟ ହୋଇଗଲେ ମଧ୍ୟ ସରକାର ଚାଷୀ ପାଇଁ କିଛି କରିପାରିବେ ନାହିଁ ? ଏହିପରି ପ୍ରଶ୍ନ ସବୁ ଚାଷୀଙ୍କୁ ହତାଶ କରିଛି।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଭବାନୀପାଟଣା, ୮।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଗୀତା ଭବନ ଚିର୍କା ଯିବା କେନାଲ ରାସ୍ତାର ଏକ ଖଳା ପାଖରେ ଥିବା ପୋଖରୀରୁ ଜଣେ ଯୁବକର ମୃତଦେହ ଅଗ୍ନିଶମ ବାହିନୀ ଆଜି ଉଦ୍ଧାର କରିଛି। ଯୁବକ ଜଣକ ଜୟପାଟଣା ବ୍ଲକ ପଡାର ସିତରାମ ନାଏକଙ୍କ ବଡ଼ ପୁଅ ପ୍ରମୋଦ ନାଏକ(୩୧) ବୋଲି ଜଣାପଡ଼ିଛି। ପରିବାର ପକ୍ଷରୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜୟପାଟଣା ଥାନାରେ ଅଭିଯୋଗ ହୋଇଛି। ପ୍ରମୋଦ ଗତରାତି ୮ଟା ସମୟରେ କେହି ଜଣେ ଫୋନ କରିବାରୁ ଘରୁ ବାହାରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ପରିବାର ଲୋକେ ତାଙ୍କ ସାଙ୍ଗସାଥି ତଥା ସମ୍ପର୍କୀୟ ଲୋକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ପ୍ରମୋଦର କୌଣସି ଖବର ମିଳିନଥିଲା । କିନ୍ତୁ ସକାଳୁ ଏକ ନିଛାଟିଆ ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖା ଯାଇଥିଲା। ପରେ ମୃତ ଦେହ ପ୍ରମୋଦଙ୍କ ବୋଲି ଜଣାପଡିଥିଲା। କିପରି ମୃତ୍ୟୁ ହୋଇଛି ତାହା ଅସ୍ପଷ୍ଟ ରହିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରିଛନ୍ତି ପରିବାର ଲୋକେ।

# ଗରିବ ଖଟିଖିଆଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି ସଟ୍ଟାଖେଳ

**କଳାହାଣ୍ଡି, ୮।୨ (ସଂଚାର ବ୍ୟୁରୋ):** ସାଧାରଣ ଜନତା ପ୍ରଲୋଭନର ଶିକାର ହୋଇ ଖେଳି ଚାଲିଛନ୍ତି ସଟ୍ଟା ଖେଳ। ଏକ ଟଙ୍କା ବିନିମୟରେ ମିଳିବ ୮୦ରୁ ୯୦ ଟଙ୍କା। ଲୋକେ ପାଗଳ ପ୍ରାୟ ହୋଇ ଲୋଭରେ ହଜାର ହଜାର ଟଙ୍କା ସଟ୍ଟା ଖେଳରେ ମତୁଆଲା ଭାବେ ଖେଳି ଚାଲିଛନ୍ତି। କେବେ କାଳେ ଥରୁଟିଏ ସଟ୍ଟା ବାଜିଗଲେ ଖେଳ ପ୍ରତି ଲୋଭ ବଢ଼ିଯାଏ। ଅଭାବ ଅସୁବିଧାରେ ଜୀବନ ବିତାଉ ଥିବା ଗରିବ ଖଟିଖିଆର ମନରେ ମୋଟା ଅର୍ଥ ପାଇବାର ନିଶା ଏହି ଖେଳର ଚକ୍ର ବ୍ୟୁହ ମଧ୍ୟରେ ଫସିଯାଏ ଯେ ସେ ଆଉ ନ ଖେଳି ରହିପାରେ ନାହିଁ। ଏ କଥା ନିଜେ ଖେଳୁଥିବା କିଛି ସଟ୍ଟା ଖେଳାଳି ପ୍ରକାଶ କରିଛନ୍ତି।

ସେମାନଙ୍କ କହିବାନୁଯାଇ ସେମାନେ ଏହି ଖେଳ ଖେଳି ଯେଉଁ ଅର୍ଥ ରାଶି ବୁଡାଇ ଚାଲନ୍ତି ତାକୁ ମେକପ କରିବା ଆଶାରେ ଅଧିକ ଅଧିକ ଖେଳି ଚାଲନ୍ତି। ଅନେକ ଦିନ ମୂଲିଆ ନିଜ କଷ୍ଟ ଉପାର୍ଜିତ ଧନକୁ ଏହି ଖେଳରେ ବୁଡାଇ ସର୍ବସ୍ୱାନ୍ତ ହେଉଛନ୍ତି। ପ୍ରତେକ ଦିନ ଏହି କାରଣ ହେତୁ ଘରେ କଳି କଳହ ହେଉଥିବା ଦେଖିବାକୁ ମିଳୁଛି। ସବୁଠାରୁ ବଡ଼ ବିଡମ୍ବନା ଗୃହିଣୀମାନେ ତଥା ଛୋଟ ପିଲାମାନେ ମଧ୍ୟ ଏବେ ଏବେ ଏହାର ଜାଲରେ ପଡି ଯାଇଛନ୍ତି। ଏହା ମହାଦ୍ରୁମ ସଟ୍ଟା ରୂପକ ବୃକ୍ଷର ଚେର ପ୍ରାୟତଃ ସମଗ୍ର ଓଡିଶା ରାଜ୍ୟରେ ମାଡି ଚାଲିଥିବା ବେଳେ ଆମ ଜିଲ୍ଲାରେ ଏହାର ପ୍ରାଦୁର୍ଭାବ ଟିକେ ଅଧିକ ପ୍ରତ୍ୟହ ହୁଏ। ପୋଲିସ ପ୍ରଶାସନ ଏହାର ନିୟନ୍ତ୍ରଣ ପାଇଁ ନିରବଦ୍ରଷ୍ଟା ସାଜିବା କଷ୍ଟଦାୟୀ ବୋଲି ବୁଦ୍ଧିଜିବି ମହଲରେ ଆଲୋଚନା ହେଉଛି। ବିଭିନ୍ନ ସରକାରୀ ଦପ୍ତରରେ କାର୍ଯ୍ୟରତ କର୍ମଚାରୀମାନେ ମଧ୍ୟ ଲୋଭରେ ପଡି ସଟ୍ଟା ଖେଳରେ ମନୋନିବେଶ କରି ଚାଲିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଖେଳକୁ ମୂଳ ପୋଛ କରାଗଲେ ସର୍ବସାଧାରଣଙ୍କ ମଙ୍ଗଳ ହେବ।



**ସଟ୍ଟା ବଜାରୀ ମାଲାମାଲ, ଜନତା ବେହାଲ**

# ଦିନଦ୍ୱିପ୍ରହରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍

**କାକଟପୁର/ଅସ୍ତରଙ୍ଗ, ୮।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳ ଅପରାଧୀଙ୍କ ଭୂସ୍ୱର୍ଗ ପାଲଟିଛି। କେତେବେଳେ କେଉଁ ମନ୍ଦିରରୁ ଲୁଟ କଲେଣି କେତେବେଳେ ଘରେ ପଶି ଲୁଟପାଟ କରୁଥିବା ବେଳେ ଆଖି ବଢ଼ିବାରେ ଲାଗିଛି। ଲୁଟ୍ ଘଟାଇ ଆଖି ପିଛୁଳାରେ ଚମ୍ପଟ ମାରୁଛନ୍ତି ଅପରାଧୀ। ଦିନ ଦ୍ୱିପ୍ରହରରେ ରାସ୍ତାରୁ ଆକ୍ରମଣ କରି ଝାମ୍ପିନେଲେ ସୁନା ଚେନ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବାଘମରା ନିକଟରେ ୩ ଜଣ ଯୁବକ ଗାଡି ନମ୍ବର

- ବାଇକ୍‌ରେ ଆସି ସୁନା ଚେନ ଲୁଟିଲେ
- ମୁଣ୍ଡ ଓ ବେକକୁ କଲେ ଆକ୍ରମଣ

ଓଡି ୨୧କ୍ୟୁ ୮୩୧୮ବାଇକ୍‌ରେ ଆସି ଜଣେ ଯୁବକ ରୁଦ୍ରପ୍ରସାଦ ସେନାପତିଙ୍କୁ ରାସ୍ତାରେ ଅଟକାଇ ଗାଳିଗୁଲଜ ସହ ପକେଟରେ ହାତ ପୁରାଇଥିଲେ କିଛି ନ ପାଇବାରୁ ବେକରେ ଥିବା ୨୦ ଗ୍ରାମର ସୁନାଚେନ ନେବା ବେଳେ ରୁଦ୍ରପ୍ରସାଦ ବିରୋଧ କରିବାରୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ।

ଏ ନେଇ ରୁଦ୍ର ପ୍ରସାଦ ସେନାପତି ଅସ୍ତରଙ୍ଗ ଥାନାରେ ଶନିବାର ସନ୍ଧ୍ୟାରେ ଲିଖିତ ଅଭିଯୋଗ ଦେଇଛନ୍ତି। ସ୍ଥାନୀୟ ଲୋକ କହିବା ମୁତାବକ, ଅସ୍ତରଙ୍ଗ ଅଞ୍ଚଳରେ ନିଶା ବେପାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଯୁବଗୋଷ୍ଠୀର ଯୁବକମାନେ ନିଶା କବଳରେ ପଡି ବିଭିନ୍ନ ଅସାମାଜିକ କାର୍ଯ୍ୟ କରୁଛନ୍ତି।

ପିଛୁଳାରେ ବାଇକି ଧରି ଛୁ ମାରୁଛନ୍ତି। ଏହାକୁ ନେଇ ଥାନାରେ ଅଭିଯୋଗ ଫର୍ଦ୍ଦ ବଢ଼ିବାରେ ଲାଗିଛି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି ସତ, କିନ୍ତୁ ଅପରାଧୀଙ୍କ ଟେର ପାଉନି। ଏଯାବତ ପୁଲିସ ଲୁଟେରାକୁ ଧରିବାରେ ବିଫଳ ହେବା ଘଟଣା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଦିନକୁ ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଲୁଟପାଟ ଏବଂ ରାହାଜାନି



# କଣାସ ବ୍ଲକରେ ଏବେଠୁ ଜଳ ସଙ୍କଟ

**କଣାସ, ୮।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥିତ ହୋଇଥିବାବେଳେ ବର୍ଷସାରା ପାନୀୟ ଜଳ ସମସ୍ୟା କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ୧୦୮ ପଡ଼ା ଗ୍ରାମରେ ଜଳ ସଂଙ୍କଟ ଦେଖାଦେଇଥିବାରୁ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ମୁଣ୍ଡ ବ୍ୟଥାର କାରଣ ହୋଇପଡ଼ିଛି। ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ନଅ ଶହ ନଳକୂପ ଓ ୬୦ଟି ଗଭୀର କୂପ ଖନନ କରାଯାଇଛି ସେଥିମଧ୍ୟରୁ ଅର୍ଦ୍ଧାଧିକ ନଳକୂପରେ ଲବଣାମୁକ୍ତ ଜଳ ବାହାରୁଥିବାରୁ ସେଗୁଡିକ ଲୋକମାନେ ବ୍ୟବହାର ନକରିବାରୁ ଅଚଳ ହୋଇପଡ଼ିଛି। ଜଳପତନ ହ୍ରାସ ଯୋଗୁଁ ଅନେକ ନଳକୂପରୁ ବାଲିମାଟି ମିଶ୍ରିତ ପଙ୍କୁଆ ଜଳ ବାହାରୁଥିବାବେଳେ ଗଭୀର କୂପ ଗୁଡିକ ଶୁଖିଯିବାକୁ ବସିଲାଣି। ରାଜ୍ୟ ସରକାର ପାନୀୟ ଜଳ ଯୋଗାଇବା ପାଇଁ ଦୟାନଦୀର ପାଣ୍ଡିଆକେରା, ବେଣାଗାଁ, ଜଙ୍କିଆ, ଗଡ଼ିଶାଗୋଦା, ଗୋପୀନାଥପୁର ଲୁଣା ନଦୀର କରମଳା, ବିଜିପୁର, ମକରା ନଦୀର ବଡାଲ, ସୁନାଖେଳା, ସାହସପୁର, ଚୁପୁରିଙ୍ଗି, ରାଜୁଆନଦୀର ଢୋଲପାଟଣା, ଗଡ଼ବଡପୁଟଠାରେ ପାଇପ ଜଳ ଯୋଗାଣ ପ୍ରକଳ୍ପମାନ ନିର୍ମାଣ କରାଯାଇ କେତୋଟି ହାତଗଣତି ଗ୍ରାମକୁ ପାଇପ ଯୋଗେ ଜଳ ଯୋଗାଣ ଚାଲିଛି। ଭରବଙ୍କନଶ୍ୱର ଗଙ୍ଗୁଆନଦୀର ପ୍ରଦୁଷିତ ଜଳ ଦୟାନଦୀକୁ ନିଷ୍କାସିତ ହେଉଥିବାରୁ ଦୟା, ରାଜୁଆ, ମକରା ନଦୀର ଜଳ ବିଷାକ୍ତ ହୋଇଯାଇଥିବାରୁ ଦୀର୍ଗ ଏକମାସ ହେଲା କଣାସ ବ୍ଲକରେ ପାଞ୍ଚ ସାତଟି ଗ୍ରାମପଞ୍ଚାୟତରେ ଝାଡାବାନ୍ତି ଲାଗିରହି ୬ ଜଣ ମୃତ ବରଣ କରିଥିବାବେଳେ ଦୁଇ ଶହରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି। ଉକ୍ତ ନଦୀମାନଙ୍କରେ ବସାଯାଇଥିବା ପାଇପ ଜଳ ପ୍ରକଳ୍ପ ଉକ୍ତ ବିଷାକ୍ତ ଜଳକୁ ସିଧାସଳଖ ଲୋକମାନଙ୍କ ପାଖକୁ ପଠାଇଦେଉଛନ୍ତି। ଯାହାଦ୍ୱାରାକି ଲୋକମାନେ ସେଗୁଡିକ ବ୍ୟବହାର କରୁନାହାଁନ୍ତି। ପୁରୀ ଜିଲ୍ଲାପାଳ କଣାସ ବ୍ଲକର ଝାଡାବାନ୍ତି ଅଞ୍ଚଳ ବୁଲି ଦୟାନଦୀର ବିଷାକ୍ତ ଜଳକୁ ବ୍ୟବହାର ନକରିବାକୁ ନିର୍ଦ୍ଦେସ ଦେଇଥିବାବେଳେ କିପରି ସ୍ଥାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଉକ୍ତ ବିଷାକ୍ତ ଜଳକୁ ପାଇପ ଜଳ ଯୋଗାଣ ମାଧ୍ୟମରେ ଲୋକମାନଙ୍କୁ ଯୋଗାଉଛନ୍ତି। ଏ ସମ୍ପର୍କରେ କଣାସ ଗ୍ରାମ୍ୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ରଞ୍ଜନ ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି ଆମେ ନଦୀ ଜଳରେ ବ୍ଲିଚିଙ୍ଗି ପକାଇ ବିଶୋଧନ କରି ଲୋକମାନଙ୍କ ପାଖକୁ ଛାଡୁଛୁ। ବର୍ତ୍ତମାନ ଝାଡାବାନ୍ତି ଲାଗିଥିବା ୨୨ଟି ଗ୍ରାମରେ ୩୪ ଟି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ଚାଲିଛି। ଆଗାମୀ ଦିନରେ ଏହା ଭୟାଭହ ସୃଷ୍ଟି କରିବ ବୋଲି ଶ୍ରୀ ସାମନ୍ତରାୟ କହିଥିଲେ।



# କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ

**ବେତନଟୀ, ୮।୨ (ସଂଚାର ବ୍ୟୁରୋ):** ରାଜ୍ୟସରକାରଙ୍କ ଦ୍ୱାରା ସଂପ୍ରତି 'ନିପୁଣ ଓଡିଶା ମେଳା' ଶୀର୍ଷକ ନୂତନ ଭାବେ ଏକ ଶୈକ୍ଷିକ କାର୍ଯ୍ୟକ୍ରମ ସମ୍ପ୍ରତି ଚାଲୁ ରହିଛି। ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ମାତୃଭାଷା ଓ ଗଣିତର ସଂଖ୍ୟା ଗଣନା ଉପରେ ଗୁରୁତ୍ୱ ଦେବାକୁ ଏହା ଉଦ୍ଦିଷ୍ଟ ଏବଂ ୨୦୨୬ ସୁଦ୍ଧା ସେମାନଙ୍କ ଦକ୍ଷତା ବୃଦ୍ଧି ଏହାର ଲକ୍ଷ୍ୟ । ପ୍ରଥମେ ବିଦ୍ୟାଳୟରେ ଏବଂ ପରେ କ୍ଲଷ୍ଟରସ୍ତରୀୟ ହୋଇ ବ୍ଲକ୍ ଓ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ବଡସାହି ନିର୍ବାଚନ ମଣ୍ଡଳୀର ଝିଲଦାମସାହି ପ୍ରାଥମିକ ବିଦ୍ୟାଳୟଠାରେ ଉକ୍ତ କାର୍ଯ୍ୟକ୍ରମ ଆଞ୍ଚଳିକ ସାଧନ କର୍ମୀ ମିନତୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମର ସଂଯୋଜକ ଥିଲେ, ବାଗୁଲିର ଶିକ୍ଷକ ଜୟନ୍ତ କୁମାର ଜେନା। ଆୟୋଜକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମହାନ୍ତ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏଥିନିମନ୍ତେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ନିର୍ବାଚନମଣ୍ଡଳୀରୁ ଏକମାତ୍ର ରାଜ୍ୟ ଓ ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ସରକାର ତଥା ରାଜ୍ୟ ଶିକ୍ଷା ବିଭାଗର ଏହି କାର୍ଯ୍ୟକ୍ରମ ସମ୍ବନ୍ଧିତ ବକ୍ତବ୍ୟ ସହ ଏହାର ଉପଯୋଗ ଉପର ଗୁରୁତ୍ୱ ଆରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗୀନୂଆଗାଁ ପଞ୍ଚାୟତର ସରପଞ୍ଚ ଗୋପୀନାଥ ନାଏକ ଓ ସମିତି ସଭ୍ୟ ନବୀନ ମହାନ୍ତ, ପ୍ରଧାନ ଶିକ୍ଷକ ରଜତକୁମାର ବେହେରା, ବରିଷ୍ଠ ଶିକ୍ଷକ ଅଜୟ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥାଇ ଏହି ଶିକ୍ଷଣ ପ୍ରକ୍ରିୟାର ସଦୁପଯୋଗ ସମ୍ବନ୍ଧରେ ବ୍ୟସ୍ତବ୍ୟ ରଖିଥିଲେ ।



## ୧୨ତମ ବାଲିଆପାଳ ମହୋତ୍ସବ ଉଦ୍‌ଘାଟିତ

# ଅଞ୍ଚଳର ବିକାଶ, ସଂସ୍କୃତି ଏବଂ ଭାଇଚାରାର କଥା କହେ ମହୋତ୍ସବ

**ବାଲିଆପାଳ, ୮।୨ (ସଂଚାର ବ୍ୟୁରୋ):** ମନୋଜ୍ଞ ପରିବେଶରେ ଉଦଘାଟିତ ହୋଇଛି ଦ୍ୱାଦଶ ବାଲିଆପାଳ ମହୋତ୍ସବ। ମହୋତ୍ସବ ଅଞ୍ଚଳର ବିକାଶ, ସଂସ୍କୃତି ଏବଂ ଭାଇଚରାର କଥା କହେ ବୋଲି ବାଲିଆପାଳ ମହୋତ୍ସବ ଉଦଘାଟନ ଉତ୍ସବରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବ କମିଟିର ଆବାହାକ ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ଉଦଘାଟନ କରିଛନ୍ତି।

ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ନାଟ୍ୟକାର ପ୍ରାକ୍ତନ ଅଧିକ୍ଷଣ ଯନ୍ତ୍ରୀ ଇଂ ନନ୍ଦ ଦୁଲାଲ ଘଡେ଼ଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବାଲିଆପାଳର ଐତିହ୍ୟ ବଳିଷ୍ଠ, ସଂସ୍କୃତି ବହୁତ ମହାନ। ଏହି ଐତିହ୍ୟ ଓ ସଂସ୍କୃତିକୁ ଲୋକ ଲୋଚନକୁ ଅଣିବା ପାଇଁ ଏଭଳି ମହୋତ୍ସବର ଆବଶ୍ୟକତା ରହିଛି। ମହୋତ୍ସବ ସମନ୍ୱୟର ପ୍ରତୀକ ଓ ସଂସ୍କାରମୁଖୀ ଚେତନାର ବାର୍ତ୍ତାବହ ସେହି ବାର୍ତ୍ତାକୁ ବହନକରି ଏହି ମହୋତ୍ସବ ଅନୁଷ୍ଠିତ ହେଉଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବିଶିଷ୍ଟ କବି ଡ. କାଳିପଦ ପଣ୍ଡା ଯୋଗଦେଇ ମହୋତ୍ସବ ଜରିଆରେ ଅଞ୍ଚଳର ବିକାଶ ସାଧନ ହେବା ସହ ପରବର୍ତ୍ତୀ ପିଢିଙ୍କ ମଧ୍ୟରେ ଏକତା ଭାଇଚାରା ଏବଂ ସଦଭାବ ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ମହୋତ୍ସବ କମିଟି ର ଉପଦେଷ୍ଟା ଭାବେ ମଧୁପୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁ, ବାଲିଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ସମାଜସେବୀ ଭାସ୍କର ଚନ୍ଦ୍ର ସାହୁ ନିଜ ବକ୍ତବ୍ୟରେ ଏହି ମହୋତ୍ସବ ଦ୍ୱାରା ସ୍ନେହମମତାର ଡୋରୀରେ ଅଞ୍ଚଳବାସୀ ବାନ୍ଧି ହୋଇଯାଇଛନ୍ତି। ଏହାସବୁଦିନ ବଜାୟ ରହୁ ବୋଲି ସେ କହିଥିଲେ। ଉତ୍ସବ କମିଟିର ସଦସ୍ୟମଞ୍ଚ ଆହ୍ୱାନ ବ୍ୟୋମକେଶ ସାହୁ, ପ୍ରଦୀପ୍ତ ପାତ୍ର ଅତିଥି ପରିଚୟ ପ୍ରଦାନ ଏବଂ ନରେଶ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ସଭାକାର୍ଯ୍ୟ ପରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ପ୍ରତିଭା ଓ ଶ୍ରାଦ୍ଧ କ୍ରିଏଟିଭ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



# ଋତୁବାନ୍ଧବୀ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

**ଯୋଡ଼ା, ୮।୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ସେରେଣ୍ଡା ପଞ୍ଚାୟତ ଅଧୀନ ତୁଳସୀ ମୁଣ୍ଡା ଆଦିବାସୀ ଆବାସିକ ବିଦ୍ୟାଳୟ ପରିସରରେ ଶନିବାର ସକାଳ ସମୟରେ ପିନକ୍ଷୀ ଫାଉଣ୍ଡେସନ ସହ ଏସ ଏସ ହସ୍ପିଟାଲ ସହଯୋଗରେ ଋତୁବାନ୍ଧବି ଅନୁଷ୍ଠାନ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ଛାତ୍ରୀ ମାନଙ୍କୁ ମାସିକ ଋତୁସ୍ରାବ ନେଇ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ସୁସ୍ମିତା ସାହୁ ଯୋଗ ଦେଇ ଛାତ୍ରୀ ମାନଙ୍କୁ ସଚେତନତା କରାଇଥିଲେ।

ଏହି କର୍ମଶାଳାରେ ବିଦ୍ୟାଳୟ ପ୍ରତିଷ୍ଠାତା ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ବିଦ୍ୟାଳୟ ପରିଚାଳନା ସଭାପତି ଦମୟନ୍ତୀ ସାମଲ, ଇଂ ସୁବାଷ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ବିଶେଷଜ୍ଞ ଡାକ୍ତର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଆଲୋଚନା କରିବା ପରେ ଋତୁସ୍ରାବ ଜନିତ ଅନିୟମିତତା, ଏହାର କାରଣ ସହ ଏଥିନେଇ ରହିଥିବା ଅନ୍ଧ ବିଶ୍ୱାସ ଏବଂ ସ୍ୱାସ୍ଥ୍ୟ ସମସ୍ୟା, ପ୍ୟାଡର ବ୍ୟବହାର ଆଦି ନେଇ ବିସ୍ତୃତ ଭାବେ ଛାତ୍ରୀଙ୍କୁ ସଚେତନ କରାଇଥିଲେ। ଛାତ୍ରୀ ମାନଙ୍କୁ ସନ୍ତୁଳିତ ଖାଦ୍ୟ,ବିଶ୍ରାମ ଏବଂ ଉପଯୁକ୍ତ ଜୀବନଶୈଳୀ ଦ୍ୱାରା କିଭଳି ଜଣେ ସ୍ୱାସ୍ଥ୍ୟବାନ ହୋଇ ପାରିବେ ସେଥିନେଇ ଛାତ୍ରୀ ମାନଙ୍କୁ ଡାକ୍ତର ସୁସ୍ମିତା ସାହୁ ବୁଝାଇଥିଲେ। କର୍ମଶାଳାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡମ୍ବରୁଧର ମହାନ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଋତୁବାନ୍ଧବି ଅନୁଷ୍ଠାନର ସୁକାନ୍ତ ପଣ୍ଡା ଓ କାହ୍ନୁ ଚରଣ ନାଏକ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଏହି କର୍ମଶାଳାରେ ଯୋଗ ଦେଇଥିଲେ।

